

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୩ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 13 MAY 2023

Vol.No. 34 ■ No. 125 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### ମନ୍ତ୍ରିମଣ୍ଡଳରେ ଅଦଳବଦଳ ପ୍ରକ୍ରିୟା ଆରମ୍ଭ

## ବାଚସ୍ପତିଙ୍କ ପରେ ଦୁଇ ମନ୍ତ୍ରୀ ଦେଲେ ଇସ୍ତଫା

### ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଲେ ଇସ୍ତଫାପତ୍ର



ଭୁବନେଶ୍ୱର: ବାଚସ୍ପତି ବିକ୍ରମ ଆରୁଖଙ୍କ ପରେ ରାଜ୍ୟ ମନ୍ତ୍ରିମଣ୍ଡଳର ଦୁଇ ମନ୍ତ୍ରୀ ଆଜି ଇସ୍ତଫା ଦେଇଛନ୍ତି। ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଇସ୍ତଫା ଦେଇଥିବା ଖବର ସାମ୍ନାକୁ ଆସିଛି। ଦଳର ସାଂଗଠନିକ କାର୍ଯ୍ୟ ତୁଲାଇବା ଲାଗି ସେମାନେ ଇସ୍ତଫା ଦେଇଛନ୍ତି ବୋଲି ଉଭୟ ଶ୍ରୀକାନ୍ତ ସାହୁ ଓ ସମୀର ରଞ୍ଜନ ଦାଶ ପ୍ରତିକ୍ରିୟା ଦେଇଛନ୍ତି। ଏହି ଇସ୍ତଫା ରାଜ୍ୟ ମନ୍ତ୍ରିମଣ୍ଡଳରେ ଅଦଳବଦଳର ସୂଚନା ଦେଉଛି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମତ ଦେଇଛନ୍ତି। ଅନ୍ୟ ପକ୍ଷରେ ନବୀନ ମନ୍ତ୍ରିମଣ୍ଡଳର ଏହି ଦୁଇ ସଦସ୍ୟଙ୍କ ନାମରେ ସଂଗୀନ ଅଭିଯୋଗ ଥିଲା। ୨୦୨୨ରେ ହୋଇଥିବା ଅଦଳବଦଳରେ ଗଞ୍ଜାମ ଜିଲ୍ଲା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ନୂଆ ଚେହେରା ଭାବେ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ। ତାଙ୍କୁ ଶ୍ରମ ଓ କର୍ମଚାରୀ ବୀମା ବିଭାଗ(ରାଷ୍ଟ୍ରମନ୍ତ୍ରୀ-ସ୍ୱାଧୀନ) ମିଳିଥିଲା । ସେହିପରି ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ମନ୍ତ୍ରୀ ପଦ ମିଳିଥିଲା। ତେବେ ରାଜନୈତିକ ସମୀକ୍ଷକଙ୍କ କହିବା କଥା ଯେ ଦଳର ଭାବମୂର୍ତ୍ତିକୁ ନିର୍ମଳ ରଖିବା ପାଇଁ ଏହି ଦୁଇ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କୁହାଯାଇଛି। କାରଣ ଶ୍ରୀକାନ୍ତ ନାମରେ ପୂର୍ବରୁ ବିଜେଡି ଦଳରେ ୨୦ବର୍ଷ ଧରି କାର୍ଯ୍ୟ କରିଥିବା ଜଣେ ନେତ୍ରୀ ଯୌନ କେଲେଙ୍କାରୀ ଅଭିଯୋଗ ଆଣିଥିଲେ। ସେହିପରି ପୁରୀ ଜିଲ୍ଲା ଗୋପ ବ୍ଲକ୍ ୧୧ ନଂ ଜିଲ୍ଲା ପରିଷଦ ଜୋନ୍ ସଭ୍ୟ ତଥା ବିଜେଡି ନେତା ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣାରେ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଉପରେ ଆଙ୍ଗୁଳି ଉଠିଥିଲା। ଏହା ପୂର୍ବରୁ ଆଜି ସମସ୍ତଙ୍କୁ ଚକିତ କରି ବାଚସ୍ପତି ପଦରୁ ଇସ୍ତଫା ଦେଇଥିଲେ ବିକ୍ରମ କେଶରୀ ଆରୁଖ। ବ୍ୟକ୍ତିଗତ କାରଣ ପାଇଁ ବାଚସ୍ପତି ପଦରୁ ଇସ୍ତଫା ଦେଇଛନ୍ତି ବୋଲି କହିଥିଲେ। ଉଲ୍ଲେଖ ଥାଉ କି ଗତ ଜୁନ, ୨୦୨୨ ମସିହାରେ ରାଜ୍ୟ ମନ୍ତ୍ରିମଣ୍ଡଳରେ ଏକ ବଡ ପରିବର୍ତ୍ତନ ହୋଇଥିଲା। ସେତେବେଳେ ସବୁମନ୍ତ୍ରୀ ଇସ୍ତଫା ଦେଇଥିଲେ ଓ ବାଚସ୍ପତି ଥିବା ସୂର୍ଯ୍ୟନାରାୟଣ ପାତ୍ର ମଧ ଇସ୍ତଫା ଦେଇଥିଲେ। ଏଥିରେ ଅନେକ ନୂଆ ମୁହଁକୁ ସାମିଲ କରାଯାଇଥିବାବେଳେ ବିକ୍ରମ କେଶରୀଙ୍କୁ ବାଚସ୍ପତି କରାଯାଇଥିଲା।

## ଆଜି ଆସିବ ଝାରସୁଗୁଡ଼ା ରେଜଲ୍ଟ: ୧୪ଟି ଟେବୁଲ୍‌ରେ ହେବ ଗଣତି



ଭୁବନେଶ୍ୱର , ୧୨/୦୫ (ନି.ପ୍ର): ଶନିବାର ଆସିବ ଝାରସୁଗୁଡ଼ା ରେଜଲ୍ଟ । ସକାଳ ୮ଟାରେ ଆରମ୍ଭ ହେବ ଭୋଟ ଗଣତି । ୧୪ଟି ଟେବୁଲରେ ଭୋଟ୍ ଗଣତି କରାଯିବ । ପ୍ରଥମେ ପୋଷ୍ଟାଲ ବାଲଟ୍ ଗଣତି ପରେ ସକାଳ ସାଢ଼େ ୮ଟାରୁ ଇଭିଏମ୍ ଖୋଲାଯିବ। ଅପରାହ୍ଣ ୨ଟା ସୁଦ୍ଧା ଗଣତି ଶେଷ ହେବ ବୋଲି ସୂଚନା ଦେଇଛନ୍ତି ଝାରସୁଗୁଡ଼ା ଜିଲ୍ଲାପାଳ। ଖବର ଅନୁଯାୟୀ, ଝାରସୁଗୁଡ଼ା ଇଂଜିନିୟରିଂ ସ୍କୁଲରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌ରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଭିତରେ ରହିଛି EVM ଓ VVPAT । ପ୍ରଥମ ବଳୟରେ ଏକ ପ୍ଲାଟୁନ୍ ଉଜଚର ଜଗି ରହିଥିବା ବେଳେ ଦ୍ୱିତୀୟ ବଳୟରେ ଅଛନ୍ତି ରାଜ୍ୟ ସଶସ୍ତ୍ର ବାହିନୀ । ସେହିଭଳି ତ୍ରିସ୍ତରୀୟ ସୁରକ୍ଷା ବଳୟରେ ଜିଲ୍ଲା ପୋଲିସ ମୁତୟନ ହୋଇଛନ୍ତି । ଷ୍ଟ୍ରଙ୍ଗରୁମ୍‌ର ସମ୍ପୂର୍ଣ୍ଣ ଏରିଆ ସିସିଟିଭି ସ୍କାନରରେ ରହିଛି ।

▶▶ପୃଷ୍ଠା ୭

## ପ୍ରକାଶ ପାଇଲା 'ସିବିଏସ୍‌ଇ' ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ: ପାସ୍ ହାର ୮୭.୩୩%



ନୂଆଦିଲ୍ଲୀ, ୧୨/୦୫ (ନି.ପ୍ର): ଆଜି 'ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେସନ୍'ର (ସିବିଏସ୍‌ଇ) ୧୨ଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତ ବର୍ଷ ଦ୍ୱାଦଶ ଶ୍ରେଣୀର ପାସ୍ ହାର ୮୭.୩୩% ହୋଇଥିବା କଥା 'ସିବିଏସ୍‌ଇ' କହିଛି। ଚଳିତ ବର୍ଷ ପରୀକ୍ଷାରେ ଛାତ୍ରୀମାନେ ଛାତ୍ରମାନଙ୍କ ଅପେକ୍ଷା ୬.୦୧% ଅଧିକ ରଖିଛନ୍ତି। କିନ୍ତୁ, ଗତବର୍ଷ ତୁଳନାରେ ଉଭୟ ପୁଅ ଓ ଝିଅମାନଙ୍କ ପାସ୍ ହାର କମ୍ ହୋଇଛି। ଗତବର୍ଷ ୯୧.୨୫% ଛାତ୍ର ପାସ୍ କରିଥିବା ବେଳେ ଚଳିତ ବର୍ଷ ୮୪.୬୭% ଛାତ୍ର ପାସ୍ କରିଛନ୍ତି। ସେହିପରି, ଗତବର୍ଷ ୯୪% ଛାତ୍ରୀ ପାସ୍ କରିଥିବା ବେଳେ ଚଳିତବର୍ଷ ୯୦.୬୮% ଛାତ୍ର ପାସ୍ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୯ ପ୍ରାକ୍-କୋଭିଡ୍ ଶିକ୍ଷା ବର୍ଷରେ ଦ୍ୱାଦଶ ଶ୍ରେଣୀର ପାସ୍ ହାର ୮୩.୪୦% ଥିଲା। ସେହିପରି, ଚଳିତ ବର୍ଷ ପାସ୍ ହାର ୯୯.୯୧% ଥାଇ ତିରୁଅନନ୍ତପୁରମ୍ ସର୍ବୋଚ୍ଚ ପାସ୍ ହାର ଅଞ୍ଚଳ ହୋଇଥିବା ବେଳେ ୭୮.୦୫% ପାସ୍ ହାର ଥାଇ ପ୍ରୟାଗରାଜ ସର୍ବନିମ୍ନ ସ୍ତରରେ ରହିଛି ବୋଲି ବୋର୍ଡ ସୂଚନା ଦେଇଛି। ଅସ୍ୱସ୍ତିକର ପ୍ରତିଦ୍ୱନ୍ଦ୍ୱିତା ଯୋଗୁଁ ଛାତ୍ରଛାତ୍ରୀମାନଙ୍କୁ ପ୍ରଥମ, ଦ୍ୱିତୀୟ ଅଥବା ତୃତୀୟ ଶ୍ରେଣୀ ପ୍ରଦାନ କରାଯିବ ନାହିଁ ବୋଲି 'ସିବିଏସ୍‌ଇ' କହିଛି। କିନ୍ତୁ, ବିଭିନ୍ନ ବିଷୟରେ ସର୍ବାଧିକ ନମ୍ବର ରଖିଥିବା ୦.୧% ଶିକ୍ଷାର୍ଥୀମାନଙ୍କୁ 'ମେରିଟ୍ ସାର୍ଟିଫିକେଟ୍' ପ୍ରଦାନ କରାଯିବ।

## ଇମ୍ରାନ ଖାନଙ୍କୁ ମିଳିଲା ୨ ସପ୍ତାହର ଜାମିନ



ଇସ୍‌ଲାମାବାଦ, ୧୨/୦୫ (ନି.ପ୍ର): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ଦୁର୍ନୀତି ମାମଲାରେ ଇସଲାମାବାଦ ହାଇକୋର୍ଟ ଦୁଇ ସପ୍ତାହ ପାଇଁ ଜାମିନ ପ୍ରଦାନ କରିଛନ୍ତି। ଏହି ଅବସରରେ ଇମ୍ରାନ୍ ଖାନ୍‌ଙ୍କ ଦଳ ଏକ ରାଲି ଘୋଷଣା କରିବା ସହ ନେତାଙ୍କ ଅଭିଭାଷଣ ପାଇଁ ଅଦାଲତ ନିକଟରେ ସମର୍ଥକମାନଙ୍କୁ ଏକାଠି ହେବାକୁ କହିବା ପରେ କଡ଼ା ସୁରକ୍ଷା ମଧ୍ୟରେ ଗିରଫ ପୂର୍ବରୁ ଜାମିନ ପାଇଁ ଶୁକ୍ରବାର ଇସଲାମାବାଦ ହାଇକୋର୍ଟରେ ହାଜର ହୋଇଥିଲେ। ଇସଲାମାବାଦ ହାଇକୋର୍ଟ ପରିସରରେ ଉପସ୍ଥିତ ଥିବା ବେଳେ ନ୍ୟାସନାଲ ଆକାଉଣ୍ଟାବିଲିଟି ବ୍ୟୁରୋ (ଏନଏବି) ଏହି ଦୁର୍ନୀତିର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ପରେ କର୍ତ୍ତୃପକ୍ଷ ମଙ୍ଗଳବାର ଅଲ୍ କାଦିର ଟ୍ରଷ୍ଟ ମାମଲାରେ ତାଙ୍କୁ ଗିରଫ କରିଥିଲେ। ଇସଲାମାବାଦ ହାଇକୋର୍ଟ ତାଙ୍କ ଗିରଫଦାରୀକୁ ବଜାୟ

▶▶ପୃଷ୍ଠା ୭

## ୧୩ରୁ ତାତି ଆହୁରି ବଢ଼ିବ: ୧୬ ସହରରେ ତାପମାତ୍ରା ୪୦ ଡିଗ୍ରି ଉପରେ

ଭୁବନେଶ୍ୱର , ୧୨/୦୫ (ନି.ପ୍ର): ଏବେ ରାଜ୍ୟରେ ପ୍ରଚଣ୍ଡ ଖରା ଜାରି ରହିଛି। ଗୁରୁବାର ଦିନ ୧୬ଟି ସହରର ତାପମାତ୍ରା ୪୦ ଡିଗ୍ରି ଉପରେ ରେକର୍ଡ ହୋଇଛି। ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ବୌଦ୍ଧ ଓ ଝାରସୁଗୁଡ଼ାଠାରେ ୪୩.୪ ଡିଗ୍ରି ରେକର୍ଡ ହୋଇଛି। ଏହାସହ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ରହିଥିଲା ୪୩.୩ ଡିଗ୍ରି। ହୀରାକୁଦରେ ୪୨.୩ ଡିଗ୍ରି, ସୁନ୍ଦରଗଡ଼ରେ ୪୨.୧ଡିଗ୍ରି, ରାଉରକେଲାରେ ୪୨ଡିଗ୍ରି, ଅନୁଗୁଳରେ ୪୧.୭ଡିଗ୍ରି, ସୋନପୁରରେ ୪୧.୩ଡିଗ୍ରି, ବଲାଙ୍ଗୀରରେ ୪୧.୨ଡିଗ୍ରି, ଟିଟିଲାଗଡ଼, ତାଳଚେର ଓ ନୂଆପଡ଼ାରେ ୪୧ଡିଗ୍ରି ଲେଖାଏଁ ତାପମାତ୍ରା ରେକର୍ଡ ହୋଇଯାଇଛି। ଆସନ୍ତା ୧୩ ତାରିଖରୁ ତାତି ଆହୁରି ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ୧୫ ତାରିଖରୁ ରାଜ୍ୟର କିଛି ଆଭ୍ୟନ୍ତରୀଣ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ବର୍ତ୍ତମାନ ରାଜ୍ୟର ଅଧିକାଂଶ ସ୍ଥାନର ତାପମାତ୍ରା ୪୦ ଡିଗ୍ରି ଉପରେ ରହୁଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରି ଉପରେ ରହିବ।

### ଉତ୍କଳିକାର ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରଦର୍ଶନି ଉତ୍ସବ ଆରମ୍ଭ

ଭୁବନେଶ୍ୱର, ୧୨/୦୫ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଉତ୍କଳିକା ପକ୍ଷରୁ ୬୫ ତମ ପ୍ରତିଷ୍ଠା ଦିବସ ପାଳନ କରିବା ସହିତ ଉତ୍କଳିକା ରସୁଲଗଡଠାରେ ଶନିବାରଠାରୁ ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରଦର୍ଶନି ଉତ୍ସବ ଆରମ୍ଭ ହେବ । ଉତ୍କଳିକା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ହସ୍ତଶିଳ୍ପ , ହସ୍ତତନ୍ତ ମନ୍ତ୍ରୀ ରୀତା ସାହୁ ଯୋଗଦେବେ । ଏଥି ସହିତ ସମ୍ମାନିତ ଅତିଥି ଭାବରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଗ୍ରାହକ କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚି ନାୟକ, ବିଦ୍ୟାଳୟ, ଓଡିଶା ଖଦି ଗ୍ରାମ୍ୟଦ୍ୟଗ ସଭାପତି ଉପସ୍ଥିତ ଥିଲେ।

## ଆଜି କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଫଳାଫଳ

### ଜେଡିଏସ ହୋଇପାରେ କିଙ୍ଗମେକର



ନୂଆଦିଲ୍ଲୀ,୧୨/୦୫ : କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଫଳାଫଳ ଆସିବା ପୂର୍ବରୁ ଏବେ ଜେଡିଏସ ସହ ଉଭୟ ବିଜେପି ଓ କଂଗ୍ରେସ ଆଲୋଚନା କରୁଥିବା ନେଇ କିଛି ସଂକେତ ମିଳିଛି । ଏନେଇ ପ୍ରଥମେ କଂଗ୍ରେସ ନେତା ଡି.କେ ଶିବକୁମାର କହିଛନ୍ତି କି, କଂଗ୍ରେସ ବହୁମତ ହାସଲ କରି କର୍ଣ୍ଣାଟକରେ ସରକାର ଗଠନ କରିବ । ତେଣୁ ରାଜ୍ୟରେ ସରକାର ଗଠନ କରିବାକୁ ଅନ୍ୟଦଳ ସହ ମେଣ୍ଟ କରିବାର ଆବଶ୍ୟକତା ପଡିବ ନାହିଁ ବୋଲି ସେ କହିଛନ୍ତି । କର୍ଣ୍ଣାଟକର ଭୋଟର କାହାକୁ ବହୁମତ ଦେଇଛନ୍ତି ତାହା ଆସନ୍ତାକାଲି ଜଣାପଡିବ । ହେଲେ ବୁଥ୍ ବାହୁଡା ମତ ବା ଏଗଜିଟ୍ ପୋଲ ଆସିବା ପରେ କଂଗ୍ରେସ ଉତ୍ସାହିତ ଅଛି । ଦିଲ୍ଲୀରୁ ନେଇ କର୍ଣ୍ଣାଟକ ପର୍ଯ୍ୟନ୍ତ କଂଗ୍ରେସର ତମାମ୍ ନେତା ପୂର୍ଣ୍ଣ ବହୁମତ ହାସଲ ସହ କର୍ଣ୍ଣାଟକରେ ସରକାର ଗଠନ କରିବେ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି । ସେପଟେ ବିଜେପି ଆଶା କରୁଛି କି କର୍ଣ୍ଣାଟକ ନିର୍ବାଚନ ଫଳାଫଳ ତାଙ୍କ ସପକ୍ଷରେ ଯିବ ଓ ବିଜେପି ପୁଣିଥରେ କର୍ଣ୍ଣାଟକରେ ସରକାର ଗଠନ କରିବ । ହେଲେ ଏଗଜିଟ୍ ପୋଲ ଅନୁସାରେ କଂଗ୍ରେସକୁ ୧୦୩-୧୦୮, ଜେଡିଏସକୁ ୨୫-୩୩, ବିଜେପିକୁ ୭୯-୯୪ ଟି ଆସନ ମିଳିପାରେ । ଯଦି ଏଗଜିଟ୍ ପୋଲ ସତ୍ୟହୁଏ ତେବେ କର୍ଣ୍ଣାଟକରେ କାହାକୁ ବହୁମତ ମିଳିବ ନାହିଁ । ଏହି କ୍ରମରେ କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ଜେଡିଏସ୍ କିଙ୍ଗ ମେକର ସାଜିପାରେ । ସେପଟେ ଯଦି ଭୋଟ ପ୍ରତିଶତ କଥା କୁହାଯିବ ତେବେ କଂଗ୍ରେସ, ବିଜେପି ଓ ଜେଡିଏସ ଠାରୁ ଆଗରେ ଥିବା କଥା ଏକ ଏଗଜିଟ ପୋଲ ମତ ଦେଇଛି । ଜି ନ୍ୟୁଜ୍ ଓ ମେଟାରାଇଜର ଏଗଜିଟପୋଲ ମୁତାବକ ଜନତା କଂଗ୍ରେସକୁ ଅଧିକ ଭୋଟ ଦେଇଛନ୍ତି ।

## ଅତି ଭୀଷଣ ବାତ୍ୟାର ରୂପ ନେଲା ବାତ୍ୟା 'ମୋକା'

ଭୁବନେଶ୍ୱର, ୧୨/୦୫ (ନି.ପ୍ର): ଅତି ଭୀଷଣ ବାତ୍ୟାର ରୂପ ନେଲା ବାତ୍ୟା 'ମୋକା' । ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଆଜି ଏହା ଅତି ଭୀଷଣ ବାତ୍ୟାର ରୂପ ନେଇଛି। ଏହା ଘଣ୍ଟା ପ୍ରତି ୯ କିମି ବେଗରେ ଉତ୍ତର ଆଡ଼କୁ ଗତି କରୁଛି। ଏନେଇ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍ ?ଡି) ପକ୍ଷରୁ ସୂଚନା ଦିଆଯାଇଛି। ତେବେ ୧୪ ତାରିଖ ପୂର୍ବାହ୍ନରେ ବାତ୍ୟା 'ମୋକା' ଏହା ବାଂଲାଦେଶ ଓ ମିଆଁମାର ମଧ୍ୟରେ ଉପକୂଳ ଛୁଇଁପାରେ। ଲ୍ୟାଣ୍ଡଫଲ୍ ? ବେଳେ ଘଣ୍ଟାପ୍ରତି ସର୍ବାଧିକ ୧୭୫ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ବାତ୍ୟା 'ମୋକା'ର ପ୍ରଭାବ ଓଡ଼ିଶା ଉପରେ ପଡ଼ିବନି ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ, 'ଓଡ଼ିଶାକୁ ବାତ୍ୟା ଜନିତ ପବନ କି ବର୍ଷା, କିଛି ହେବନି। ବାତ୍ୟାର ପ୍ରଭାବ ଓଡ଼ିଶା କି ଆନ୍ଧ୍ରପ୍ରଦେଶ ଉପରେ ପଡ଼ିବନି। ବାତ୍ୟା ଜନିତ ପବନ କି ବର୍ଷା ଓଡ଼ିଶା ଏବଂ ଆନ୍ଧ୍ରରେ ହେବନି। ଅନ୍ୟପକ୍ଷରେ ରାଜ୍ୟରେ ଜାରି ରହିଛି ଅସସ୍ୟ ଗ୍ରୀଷ୍ମପ୍ରବାହ। ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ରାଜ୍ୟବାସୀଙ୍କୁ ଅସ୍ତବ୍ୟସ୍ତ କରୁଛି। ଆଗକୁ ବି ତାତିରୁ ନାହିଁ ନିସ୍ତାର।

### ଲାଂଚନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଜୁନିଅର ଷ୍ଟେନୋଗ୍ରାଫର

ଭୁବନେଶ୍ୱର, ୧୨/୦୫ (ନି.ପ୍ର): ଶିକ୍ଷକମାନଙ୍କର ପରମାନେଟ ରିଟାୟରମେଂଟ ଏକାଉଟ ନମ୍ବର ଖୋଲିବା ପାଇଁ ନୟାଗଡ ଜିଲ୍ଲା ଟ୍ରେଜରି ଅଫିସର ଦୁର୍ଗା ପ୍ରସାଦ ମହାପାତ୍ର ଲାଂଚ ନେଉଥିବା ସମୟରେ ଭିଜିଲାସ ହାତରେ ଧରା ପଡିଛନ୍ତି । ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଓଡିଶା ଆଇଟି ଡିପାର୍ଟମେଂଟ ଅଧିନରେ ଥିବା ପ୍ରାନ ସେଂଟର ଭୁବନେଶ୍ୱରରେ ୧୬୧ ଜଣ ଶିକ୍ଷକଙ୍କର ପରମାନେଟ ରିଟାରମେଂଟ ଏକାଉଟ ନମ୍ବର ଖୋଲିବା ପାଇଁ ଜିଲ୍ଲା ଟ୍ରେଜରି ଅଫିସର ଜୁନିଅର ଷ୍ଟେଟନୋଗ୍ରାଫର ଦୁର୍ଗା ପ୍ରସାଦ ମହାପାତ୍ର ପ୍ରତ୍ୟେକ ଶିକ୍ଷକ ପିଛା ୩୦୦ ଟଙ୍କ । ହିସାବରେ ୪୮ ହଜାର ଟଙ୍କା ଶିକ୍ଷକ ମାନଙ୍କଠାରୁ ଦାବିକରିଥିଲେ । ସେମାନେ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ତାଙ୍କୁ ଜାଲରେ ପକାଇବାକୁ ଯୋଜନା କରା ଯାଇଥିଲା ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରଧାନ ଶିକ୍ଷୟିତ୍ରୀ ଓ କନେଷ୍ଟବଳଙ୍କ ମୃତ୍ୟୁ

ଯାଜପୁର, ୧୨/୦୫ (ନି.ପ୍ର): ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଆଜି ଦୁଇଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏଭଳି ଏକ ଅଭାବନୀୟ ଘଟଣା ଜନିନ୍ଦାପାଳରେ ଘଟିଛି। ମୃତକ ଦ୍ୱୟ ହେଲେ ନିତୁ ମାରାଣ୍ଡି (୩୨) ଏବଂ ଶ୍ୟାମସୁନ୍ଦର ମାରାଣ୍ଡି (୪୫)। ଖବର ପାଇ ଟମକା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବା କାରଣ ଜଣା ପଡ଼ି ନ ଥିଲେ ମଧ ଲୁଗା ଶୁଖାଉଥିବା ତାରଟିରେ କୌଣସି କାରଣବଶତଃ ବିଦ୍ୟୁତ ସଂଯୋଗ ହୋଇଥିବାରୁ ଏଭଳି ଘଟଣା ଘଟିଥିବା ପୁଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନିତୁ ରାଇଘାଟି ପ୍ରାଥମିକ ସ୍କୁଲରେ ପ୍ରଧାନ ଶିକ୍ଷୟତ୍ରୀ ଭାବେ କାମ କରୁଥିବା ଜଣାପଡ଼ିଥିବା ବେଳେ ଶ୍ୟାମ ରେଲୱେ ପୁଲିସ କନେଷ୍ଟବଳ ଭାବେ କାମ କରୁଥିବା କୁହାଯାଉଛି। ନିତୁଙ୍କ ପ୍ରକୃତ ଗାଁ କେନ୍ଦୁଝର ଜିଲା ଦୈତାରୀ ଥାନା ଟାଙ୍ଗୀରିଆ ପାଳରେ ହୋଇଥିବାବେଳେ ସେ ଜନିନ୍ଦାପାଳରେ ଘର କରି ରହୁଥିଲା। ସେହିପରି ଶ୍ୟାମ ସୁନ୍ଦରଙ୍କ ଘର ମୟୁରଭଞ୍ଜ ଚକ୍ରଧରପୁରରେ ବୋଲି ଜଣାପଡ଼ିଛି।

## ଶ୍ରୀକ୍ଷେତ୍ରରେ ଚକ-ଅଖ ଢ଼େରା ନୀତି ସମ୍ପନ୍ନ

ପୁରୀ, ୧୨/୦୫ (ନି.ପ୍ର): ଆଜି ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ପାରମ୍ପରିକ ଭଉଁରୀ ନୀତି ଅନୁଷ୍ଠିତ ହେଉଛି । ଏଥିସହ ଆଜିର ଏହି ବିଶେଷ ତିଥିରେ ରଥଖଳାରେ ତିନି ରଥର ଦୁଇଟି ଲେଖାଏଁ ଚକ ସହ ଅଖ ସଂଯୁକ୍ତ କରାଯାଇ ଢ଼େରା ଯାଇଛି । ପାରମ୍ପରିକ ନୀତି ଅନୁଯାୟୀ, ତିନି ଠାକୁରଙ୍କ ତିନି ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ରଥ ଚକରେ ବିଜେ କରାଇଥିଲେ । ଏହାପରେ ଚକ ସହ ଅଖ ସଂଯୋଗ କରିଥିଲେ ମହାରଣା ସେବାୟତ । ଏହି ତିନି ଯୋଡା ଅଖରେ ସ୍ନାନ ପୂର୍ଣ୍ଣମୀ ଦିନ ନାହାକା ଉଠିବ । ରଥ ଖଳାରେ ପର୍ଯ୍ୟାୟ କ୍ରମେ ଅନ୍ୟ ଅଖ ସହ ଚକ ସଂଯୁକ୍ତ କରାଯାଇ ଢ଼େରାଯିବ । ଚକ ଅଖ କାମ ସରିଲେ ପର୍ଯ୍ୟାୟ କ୍ରମେ ଅନ୍ୟ କାମ କରାଯିବ । ରଥଖଳାରେ ଜୋରସୋରରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ । ନିର୍ଦ୍ଧାରିତ ସମୟରେ ରଥ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ।

# ଅଳିଆରେ ଭର୍ତ୍ତି ଡ୍ରେନ : ଜନତା ଅସ୍ତ ବ୍ୟସ୍ତ

ଖଇରା, ୧୨/୦୫ (ନି.ପ୍ର): ଖଇରା ବଜାର ୨ପାର୍ଶ୍ୱରେ ଡ୍ରେନ ପରିସ୍କାର କରାଯାଉନଥିବାରୁ ଏବେ ଏହାର କୁପରିଣାମ ବ୍ୟବସାୟୀ ସହିତ ଅଂଚଳ ବାସୀ ମାନଙ୍କୁ ଭୋଗିବାକୁ ପଡୁଛି । ବିଶେଷକରି ବ୍ଲକ ସମ୍ମୁଖରେ ଏବେ ଅନେକ ଦୋକାନ ଭିତରକୁ ଏହି ନର୍ଦ୍ଦମା ପାଣି ପଶୁଥିବା କାରଣରୁ ଉଭୟ ବ୍ୟବସାୟୀ ଏବଂ ଗ୍ରାହକ ମାନଙ୍କୁ ହନ୍ତସନ୍ତ ହେବାକୁ ପଡୁଛି । ଏଭଳିକି ଖଇରା ପଞ୍ଚାୟତ ତରଫରୁ ଭଡା ଦିଆଯାଇଥିବା ଘର ଗୁଡିକରେ ଡ୍ରେନ ଜଳ ଲହଡି ମାରୁଥିଲେ ହେଁ ପୂର୍ତ୍ତ ବିଭାଗ କିମ୍ବ ପଞ୍ଚାୟତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି ।ସେପଟେ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ତୁରନ୍ତ ଡ୍ରେନ ପରିସ୍କାର କରିବାକୁ ବ୍ୟବସାୟୀ ମାନେ ଦାବୀ କରିଛନ୍ତି । ପାଖାପାଖି ୩ବର୍ଷ ତଳେ ପୂର୍ତ୍ତ ବିଭାଗ ତରଫରୁ ବଣପାରିଆ ଛକରୁ ଆଳଦା ଛକ ପର୍ଯ୍ୟନ୍ତ ବଜାର ଦୁଇ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଯାଇଥିଲା । ହେଲେ ଠିକଭାବେ ନିର୍ମାଣ କରାଯାଇ ନଥିବାରୁ ଜଳ ନିଷ୍କାସନ ହୋଇ ପାରୁନାହିଁ । ଏବଂ ଏବେ ଏହାର କୁପରିଣାମ ସ୍ଥାନୀୟ ବ୍ୟବସାୟୀ ମାନଙ୍କୁ ଭୋଗିବାକୁ ପଡୁଛି । ଯାହାଫଳରେ ବ୍ଲକ ଛକ ସମେତ ଅନ୍ୟାନ୍ୟ ବହୁ ସ୍ଥାନରେ ଡ୍ରେନ ପାଣି ଉଛୁଳି ଦୋକାନ ଭିତରକୁ ପ୍ରବେଶ କରୁଛି । ଏଥିଯୋଗୁଁ ପରିବେଶ ପ୍ରଦୁଷିତ ହେବା ସହ ସଂକ୍ରାମକ ରୋଗ ଆଶଙ୍କା ବୃଦ୍ଧି ପାଉଛି ବୋଲି ଖଇରା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି କହିଛନ୍ତି । ବ୍ଲକ ଓ ପଞ୍ଚାୟତ ଅଧିକାରୀ ମାନେ ସେହି ରାସ୍ତା ଦେଇ ଯାଉଥିଲେ ହେଁ ଏହାର ପ୍ରତିକାର ବ୍ୟବସ୍ଥା କରୁନଥିବାର ଦୋକାନୀ ମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କୁ ପଚାରିବାରେ ଡ୍ରେନ ନିର୍ମାଣ ଦାୟିତ୍ୱ ତାଙ୍କ ବିଭାଗର । କିନ୍ତୁ ଏହାର ପରିସ୍କାର ଦାୟିତ୍ୱ ସ୍ଥାନୀୟ ପ୍ରଶାସନର ବୋଲି କହିଛନ୍ତି । ଖଇରା ସରପଞ୍ଚ ମାଳତୀ ସେଠୀଙ୍କୁ ପଚାରିବାରେ ଡ୍ରେନ ପରିସ୍କାର କରିବା ଦାୟିତ୍ୱ ଡ୍ରେନ ନିର୍ମାଣ କରିବା ସଂସ୍ଥା ପୂର୍ତ୍ତ ବିଭାଗର ବୋଲି ପାଲଟା ଅଭିଯୋଗ କରିଛନ୍ତି ।

# ପ୍ରଫେସର ସୁଧାକର ପଣ୍ଡା ପାଇବେ 'ବିଜୁ ପଟ୍ଟନାୟକ ପୁରସ୍କାର'

ଭୁବନେଶ୍ୱର, ୧୨/୦୫ (ନି.ପ୍ର): ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗର ଅନୁମୋଦନ କ୍ରମେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ୨୦୨୦ ମସିହା ପାଇଁ ପୁରସ୍କାର ଘୋଷଣା କରାଯାଇଛି । କଟଶୀସ୍ଥିତ 'ନାଇଜର'ର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡାଙ୍କୁ ବୈଜ୍ଞାନିକ ଉତ୍କର୍ଷ ପାଇଁ 'ବିଜୁ ପଟ୍ଟନାୟକ ପୁରସ୍କାର' ପ୍ରଦାନ କରାଯିବ । ପୁରସ୍କାର ବାବଦରେ ତାଙ୍କୁ ୨ ଲକ୍ଷ ଟଙ୍କା ମାନରାଶି ସମେତ ପ୍ରଶସ୍ତିପତ୍ର ଓ ଉପଢ଼ୌକନ ପ୍ରଦାନ କରାଯିବ । ରେଭେନ୍ସା ବିଶ୍ୱବିଦ୍ୟାଳୟର ଜୀବବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ଲୁନା ସାମନ୍ତ, ଭୁବନେଶ୍ୱରସ୍ଥିତ ଆଇଏମ୍ଏମ୍‌ଟିର ଭୌତିକ ବିଜ୍ଞାନ ମୁଖ୍ୟ ଡ. ଦଣ୍ଡ ଶ୍ରୀନିବାସ ରାଓ, ରାଉରକେଲାସ୍ଥିତ ଏନ୍ଆଇଟିର ପ୍ରଫେସର ଅନୁପ କୁମାର ପଣ୍ଡାଙ୍କ ସମେତ ଲକ୍ଷ୍ନୌସ୍ଥିତ ଜାତୀୟ ଉଦ୍ଭିଦ ବିଜ୍ଞାନ ଗବେଷଣା ସଂସ୍ଥାର ବୈଜ୍ଞାନିକ ଡ. ସରୋଜକାନ୍ତ ବାରିକଙ୍କୁ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର' ପ୍ରଦାନ କରାଯିବ । ଉପରୋକ୍ତ ଚାରିଜଣଙ୍କୁ ଏକ ଲକ୍ଷ ଟଙ୍କା ମାନରାଶି ସାଙ୍ଗକୁ ପ୍ରଶସ୍ତିପତ୍ର ଓ ଉପଢ଼ୌକନ ପ୍ରଦାନ କରାଯିବ । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ରର ଜୀବବିଜ୍ଞାନ ବିଭାଗର ପୋଷ୍ଟ ଡକଫରାଲ ଫେଲୋ ଡ. ଶଶାଙ୍କ ଶେଖର ସ୍ୱାଇଁ, ନାଇଜରର ଭୌତିକ ବିଜ୍ଞାନ ବିଭାଗର ଡ. ନିବେଦିତା ଦାଶ, ଏନ୍ଆଇଟି ରାଉରକେଲାର ସହକାରୀ ପ୍ରଫେସର ଡ. ଜ୍ଞାନରଞ୍ଜନ ସେନାପତି ଓ ନାଇଜରର ଆସିଷ୍ଟାଂଟ ପ୍ରଫେସର ଡ. ସତ୍ୟପ୍ରସାଦ ପି. ସେନାନାୟକଙ୍କୁ କୃତୀ ଯୁବବୈଜ୍ଞାନିକ ଭାବରେ ପୁରସ୍କୃତ କରାଯିବ । ପ୍ରଫେସର ସଂଗୀତା ରଥ ଓ ହିମାଂଶୁ ଶେଖର ଫତେସିଂହଙ୍କୁ 'ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ପୁସ୍ତକ ପୁରସ୍କାର' ପ୍ରଦାନ କରାଯିବ । ଯୁବବୈଜ୍ଞାନିକ ପୁରସ୍କାର ଓ 'ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ପୁସ୍ତକ ପୁରସ୍କାର' ବାବଦରେ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କାର ମାନରାଶି ସାଙ୍ଗକୁ ଉପଢ଼ୌକନ ଓ ପ୍ରଶସ୍ତିପତ୍ର ପ୍ରଦାନ କରାଯିବ ।

# ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟ କୁପାରୀରେ ସ୍ଥାୟୀ ଅଧକ୍ଷ ନିଯୁକ୍ତି

ଖଇରା, ୧୨/୦୫ (ନି.ପ୍ର): ଖଇରା ବ୍ଲକ ଅଧୀନ କୁପାରୀ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ଅଧକ୍ଷ ପଦକୁ ନେଇ ଗତ କିଛି ମାସ ଧରି ଏକ ପ୍ରକାର ଅଚଳାବସ୍ଥା ଲାଗି ରହିଥିବା ବେଳେ ଉଚ୍ଚ ଶିକ୍ଷାବିଭାଗ ମହାବିଦ୍ୟାଳୟର ଦର୍ଶନ ବିଭାଗ ପ୍ରାଧ୍ୟାପକ ଗଗନ ବିହାରୀ ରାଉତଙ୍କୁ ପ୍ରାଧ୍ୟାପକ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି । ଓଡିଶା ସରକାରଙ୍କ ପତ୍ର ନଂ ୧୯୮୬୮/ ୧୦/୦୫/୨୩ରିଖ ମୂଳେ ନିଯୁକ୍ତି ପାଇଛନ୍ତି । ଗୁରୁବାର ଶ୍ରୀରାଉତ ଦାୟିତ୍ୱ ଗ୍ରହଣ କରିବା ପରେ ଛାତ୍ରୀଛାତ୍ର,ସହକର୍ମୀ ଅଧ୍ୟାପକଙ୍କ ମଧ୍ୟରେ ଆନନ୍ଦ ଖେଳି ଯାଇଛି । ଆଗକୁ ନାକ ଟିମ ଆସିବାର କାର୍ଯ୍ୟକ୍ରମ ଥିବା ବେଳେ ପୂର୍ବ ଅଧ୍ୟକ୍ଷ ମାନଙ୍କ କମ ସମୟ ରହଣି ସାଙ୍ଗକୁ ମାସ ମାସ ଧରି ପଦବୀ ଖାଲି ପଡିବା ଯୋଗୁଁ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିଲା । ଏବେ ମହାବିଦ୍ୟାଳୟର ଅଧ୍ୟାପନା ସାଙ୍ଗକୁ ଭିତ୍ତିଭୂମିକୁ ସୁଦୃଢକୁ ପ୍ରାଥମିକତା ଦେବେ ବୋଲି ଅଧ୍ୟକ୍ଷ ରାଉତ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଏଥିପାଇଁ ଅଧ୍ୟାପନା ମଣ୍ଡଳୀ ଓ କର୍ମଚାରୀଙ୍କ ସହଯୋଗ କାମନା କରିଛନ୍ତି ।

# ଶୁଖିଲା ପଡ଼ିଛି 'ଭାର୍ଗବୀ' : ବର୍ଷା ଦିନେ ଉବୁଟୁବୁ, ଖରାଦିନେ ପାଣି ଟୋପେ ନାହିଁ



ପୁରୀ, ୧୨/୦୫ (ନି.ପ୍ର): ଦିନ ଥିଲା, ଅକାତକାତ କାଚକେନ୍ଦୁ ପାଣିରେ ହସି ଉଠୁଥିଲା ଚିରସ୍ରୋତା ଭାର୍ଗବୀ । ନିଜେ ହସିବା ସହ ଜନଜୀବନଙ୍କ ମୁହଁରେ ବି ହସ ଫୁଟାଉଥିଲା । ଚାଷବାସ ପାଇଁ ଅମୃତର ଜଳଧାରା ଯୋଗାଇ ଦେଉଥିଲା । କିନ୍ତୁ ମହାନଦୀରେ ଜଳ ଅଭାବ ଓ ବର୍ଷା ଜଳ ସଂରକ୍ଷଣରେ ପରିଚାଳନାଗତ ତ୍ରୁଟି କାରଣରୁ ଭାଗର୍ବୀ ନଦୀର ଏହି ଅମୃତଧାରା ଆଜି ଶୁଖିଯାଇଛି । ନା ଆଗଭଳି ଜଳପ୍ରବାହ ଦେଖିବାକୁ ମିଳୁଛି, ନା ଚାଷବାସ ହୋଇପାରୁଛି । ନଦୀର ଜଳଧାରା ଯେଉଁଆଡ଼େ ପ୍ରବାହିତ ହେଉଛି, ସବୁଆଡ଼େ କେବଳ ବାଲି, ପଙ୍କ ପଡ଼ିଆ ହିଁ ଦୃଶ୍ୟମାନ ହେଉଛି । ଭାର୍ଗବୀର ଏଭଳି ଦୃଶ୍ୟ କେବଳ ପରିବେଶବିତ୍‌ଙ୍କ ଉଦ୍‌ବେଗ୍‌ର କାରଣ ହୋଇନି, ନଦୀକୂଳିଆ ଅଞ୍ଚଳବାସୀଙ୍କୁ ବି ଚିନ୍ତାରେ ପକାଇଲାଣି । ଏଭଳି ସ୍ଥିତି ଲାଗି ରହିଲେ, ଆଗକୁ ଯେ ସ୍ଥିତି ଭୟଙ୍କର ହେବ, ଏଥିରେ ଦ୍ୱିମତ ନାହିଁ । ମହାନଦୀର ପ୍ରମୁଖ ଶାଖା ନଦୀ ଭିତରେ ଭାର୍ଗବୀ ଅନ୍ୟତମ । ମହାନଦୀର ଜଳରାଶି କୂଆଖାଇ ନଦୀ ଦେଇ ଭାର୍ଗବୀରେ ମିଶିବା ପରେ ଦୟା, ଲୁଣା ନଦୀ ଦେଇ ଚିଲିକାରେ ମିଶୁଛି । ଭାର୍ଗବୀର ଆଡ଼ିବନ୍ଧ ବା ସେତୁ ବନ୍ଧ ବାମପାର୍ଶ୍ୱରେ ୪୮ କିଲୋମିଟର ଓ ଡାହାଣପାର୍ଶ୍ୱରେ ୮୮.୩ କିଲୋମିଟର ପର୍ଯ୍ୟନ୍ତ ଲମ୍ବିଛି । ଭାର୍ଗବୀରୁ ଦୟା, ଲୁଣା, ରତ୍ନଚିରା, କାଞ୍ଚି ଭଳି ଅନେକ ଶାଖା ନଦୀ ଜନ୍ମ ନେଇଛନ୍ତି, ଯେଉଁମାନେ ଭାର୍ଗବୀର ଜଳକୁ ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ଲାବିତ କରି ଚାଷବାସକୁ ଜୀବନ ଦେଇ ଆସୁଥିଲେ । କିନ୍ତୁ ଭାର୍ଗବୀ ନଦୀ ଶୁଖିଯିବା ପରେ ଆଉ ଶାଖା ନଦୀରେ ଜଳପ୍ରବାହିତ ହେଉନି । କେବଳ ବର୍ଷାଦିନକୁ ଛାଡ଼ିଦେଲେ ଅନ୍ୟଦିନରେ ଭାର୍ଗବୀ ଓ ଏହାର ଶାଖା ନଦୀ ଶୁଖିଲା ପଡୁଛି । ଚନ୍ଦନପୁର ଓ ଆଖପାଖ ଅଞ୍ଚଳରେ ଏହା ଜଳଜଳ ଦିଶୁଛି । ଭାର୍ଗବୀର ଅନେକ ପୌରାଣିକ କଥାବସ୍ତୁ ବି ରହିଛି । ଅତୀତରେ ଚନ୍ଦନପୁରର ନାଁ ଥିଲା କମଳପୁର । ଶ୍ରୀଚୈତନ୍ୟ ୧୫୧୦ ଖ୍ରୀଷ୍ଟାବ୍ଦରେ ଶ୍ରୀକ୍ଷେତ୍ର ଆଗମନ ସମୟରେ ଚନ୍ଦନପୁରକୁ କମଳପୁର ନାମରେ ସମ୍ବୋଧନ କରାଯାଉଥଲା । ଗଜପତି ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ ସମୟରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଚନ୍ଦନପୁର ସଂଲଗ୍ନ ଜଳକବର ଗ୍ରାମକୁ ଆସି ସେଠାରେ ଥିବା ଏମାର ମଠ ପୁଷ୍କରିଣୀରେ ଜଳକ୍ରୀଡ଼ା କରୁଥିଲେ । ସେଥିପାଇଁ ଗଜପତି ପ୍ରତାପରୁଦ୍ର ଦେବ ଚନ୍ଦନପୁରରେ ଏକ ରାଜନଅର ପ୍ରତିଷ୍ଠା କରି ୨୦ ଦିନ ପର୍ଯ୍ୟନ୍ତ ସେଠାରେ ଅବସ୍ଥାନ କରୁଥିଲେ । ଜଳସେଚନ ବିଭାଗ ତଥ୍ୟ ଅନୁସାରେ, ଶେଷଥର ୨୦୧୧ ମସିହାରେ ଭାର୍ଗବୀର ଜଳସ୍ତର ସର୍ବାଧିକ ୭.୭୧ ମିଟର ଉଚ୍ଚରେ ପ୍ରବାହିତ ହୋଇଥିଲା । ଏହା ପରଠାରୁ କେବେ ବି ଏହି ଉଚ୍ଚତା ଛୁଇଁନି ଭାର୍ଗବୀ । ଇତିମଧ୍ୟରେ ୧୨ ବର୍ଷ ଅତିକ୍ରାନ୍ତ କରିବାକୁ ବସିଲାଣି । କେବଳ ବନ୍ୟା ସମୟରେ ଜଳସ୍ତର ଅତିବେଶିରେ ୫ରୁ ୬ ମିଟର ଭିତରେ ରହୁଛି, କିନ୍ତୁ କେବେ ୨୦୧୧ ମସିହାର ରେକର୍ଡ ଭାଙ୍ଗି ପାରିନି । ବିଶେଷଜ୍ଞମାନଙ୍କ ମତରେ, ଭାର୍ଗବୀ କ୍ରମେ ପୋତିହେବାରେ ଲାଗିଛି । ଏହାର ଜଳଧାରଣ କ୍ଷମତା ବି ଦିନକୁ ଦିନ କମିବାରେ ଲାଗିଛି । ବହୁ ଦିନ ହେବ ଏହାର ଖନନ ହୋଇନି କି ଜଳଧାରଣ କ୍ଷମତା ବଢ଼ାଇବା କଥା ଚିନ୍ତା କରାଯାଉନି । ଯଦ୍ୱାରା କେବଳ ଭାର୍ଗବୀ ନୁହେଁ, ଏହାର ଶାଖା ନଦୀ ବି ପ୍ରଭାବିତ ହେବାରେ ଲାଗିଛି । ଫଳସ୍ୱରୂପ ଯେଉଁ ଜଳ ମହାନଦୀରୁ ଭାର୍ଗବୀ ଦେଇ ଆସୁଛି, ତାହା ବିଭିନ୍ନ ନଦୀନାଳ ଦେଇ ସିଧାସଳଖ ଚିଲିକାକୁ ଚାଲିଯାଉଛି । ବାଲିହରଚଣ୍ଡୀ ଓ ଆଖପାଖ ଅଞ୍ଚଳରେ ଏହା ଚିଲିକାରେ ମିଶୁଛି । ଲୁଣି ଜଳ ମିଶିବା ଫଳରେ ମଧୁର ଜଳର ଅସ୍ତିତ୍ୱ ରହୁନି । ରାଜ୍ୟ ସରକାର ଯଦି ନଦୀ ଓ ନାଳର ଖନନ ଦିଗ ପ୍ରତି ଦୃଷ୍ଟି ଦେଇ ବର୍ଷାଜଳକୁ ସଂରକ୍ଷଣ ରଖିବାର ବ୍ୟବସ୍ଥା କରନ୍ତେ, ତେବେ ଭାର୍ଗବୀ ସହ ଏହାର ଶାଖା ନଦୀନାଳ ବର୍ଷତମାମ ଜଳ ପ୍ରବାହିତ ହୁଅନ୍ତା । କିନ୍ତୁ ସେଭଳି କିଛି ଚିନ୍ତା କରାଯାଉନି । ଫଳସ୍ୱରୂପ କେବଳ ନଦୀନାଳ ଶୁଖିଲା ପଡୁନି, ଭୂତଳ ଜଳସ୍ତର ବି ଅସମ୍ଭବ ଭାବ ଖସିବାରେ ଲାଗିଛି । ନଦୀନାଳ ଶୁଖିଲା ପଡୁଥିବାରୁ ଲୋକେ ଭୂତଳ ଜଳର ବହୁଳ ବ୍ୟବହାର କରୁଛନ୍ତି । ଏଣୁ ଏ ଦିଗରେ ଚିନ୍ତା ନ କଲେ ଆଗାମୀ ଦିନରେ ଯେ ଜଳସଂକଟ ଦେଖାଦେବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

# ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ସରକାର ପ୍ରସ୍ତୁତ

ଭୁବନେଶ୍ୱର, ୧୨/୦୫ (ନି.ପ୍ର): ରାଜ୍ୟରେ ଅନୁଭୂତ ହେଉଥିବା ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ରିଲିଫ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି । ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ରାଜ୍ୟରେ ଆଗାମୀ ୪ରୁ ୫ ଦିନ ପାଇଁ ତାପମାତ୍ରା ବୃଦ୍ଧିଯୋଗୁ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ । ପୂର୍ବାନୁମାନ ଅନୁଯାୟୀ ଅନୁଗୋଳ, ବୌଦ୍ଧ, ବଲାଙ୍ଗିର, ବରଗଡ଼, ଭଦ୍ରକ, କଟକ, ଦେଓଗଡ଼, ଢେଙ୍କାନାଳ, ଗଜପତି, ଜଗତସିଂହପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ, ନୟାଗଡ଼, ନୂଆପଡ଼ା, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ତାପମାତ୍ରା ଅଧିକ ହେବାର ସମ୍ଭାବନା ଅଛି । ଏହାକୁ ଦୃଷ୍ଟିରେ ରଖି ପରିସ୍ଥିତିର ସଫଳ ମୁକାବିଲା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରାମାଂଚଳ ଏବଂ ସହରାଂଚଳର ସମସ୍ତ ବଜାର, ବସ୍ ଷ୍ଟାଣ୍ଡ ଓ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ପାନୀୟଜଳ ସେବା କେନ୍ଦ୍ରର ବ୍ୟବସ୍ଥା କରାଯିବ । ଏତଦ୍ ବ୍ୟତୀତ ଜଳକ୍ଲିଷ୍ଟ ଅଂଚଳମାନଙ୍କରେ ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ନଳକୂପ ଏବଂ ପାଇପ ଯୋଗେ ଜଳଯୋଗାଣ ବ୍ୟବସ୍ଥାଗୁଡ଼ିକର ତୁରନ୍ତ ମରାମତି କରି ସେଗୁଡ଼ିକୁ ଶତପ୍ରତିଶତ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ବସ୍ ଓ ଅନ୍ୟାନ୍ୟ ଯାତ୍ରୀବାହୀ ଯାନଗୁଡ଼ିକରେ ପାନୀୟଜଳ ଓ ଓଆରଏସ୍ ମହଜୁଦ୍ ରଖିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ ଚିକିତ୍ସାଳୟରେ ଯଥେଷ୍ଟ ପରିମାଣର ଜୀବନରକ୍ଷକ ଔଷଧ, ସାଲାଇନ୍ ଓ ଓଆରଏସ୍ ମହଜୁଦ୍ ରଖିବା ସଙ୍ଗେ ସଙ୍ଗେ ଅଂଶୁଘାତର ଶିକାର ହୋଇଥିବା ରୋଗୀମାନଙ୍କର ଚିକିତ୍ସା ପାଇଁ ସ୍ୱତନ୍ତ୍ର ବେଡ୍ ର ବ୍ୟବସ୍ଥା କରାଯିବ । ଗ୍ରୀଷ୍ମପ୍ରବାହ ଯୋଗୁଁ ସର୍ବାଧିକ ଉତାପ ଥିବା ସମୟରେ ଶ୍ରମିକମାନଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ ନକରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏତଦ୍ ବ୍ୟତୀତ କାର୍ଯ୍ୟସ୍ଥଳୀମାନଙ୍କରେ ବିଶ୍ରାମ ନେବା ପାଇଁ ଅସ୍ଥାୟୀ ଆଶ୍ରୟସ୍ଥଳୀ ସହିତ ଯଥେଷ୍ଟ ପରିମାଣର ପାନୀୟ ଜଳ ଏବଂ ଓଆରଏସ୍ ପ୍ୟାକେଟ ମହଜୁଦ ରଖାଯିବ । ଗୃହପାଳିତ ପଶୁପକ୍ଷୀ ଓ ବନ୍ୟଜନ୍ତୁମାନଙ୍କ ପାଇଁ ସ୍ୱତନ୍ତ୍ର ଜଳପୂର୍ଣ୍ଣ ପାତ୍ର/କୁଣ୍ଡର ବ୍ୟବସ୍ଥା ନିମନ୍ତେ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଛି । ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ସଠିକ୍ ଭାବେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଚଳିତ ବର୍ଷ ଗ୍ରୀଷ୍ମପ୍ରବାହଜନିତ ସୁରକ୍ଷା ସମ୍ବନ୍ଧୀୟ ସୂଚନା ଯେପରିକି ଦିନ ୧୧ ଘଟିକାଠାରୁ ୩ ଘଟିକା ମଧ୍ୟରେ ଟାଣ ଖରାରେ ପଦାକୁ ନବାହାରିବା, ଖରାରେ କଠିନ ପରିଶ୍ରମ ନକରିବା, ଜରୁରୀ କାମରେ ବାହାରକୁ ଯିବାକୁ ହେଲେ ପାଣିବୋତଲ, କଳା ଚଷମା, ଚପଲ, ହାଲୁକା ଏବଂ ଢିଲା ପୋଷାକ ପରିଧାନ କରିବା, ମୁଣ୍ଡରେ ଓଦା ଗାମୁଛା ଏବଂ ଛତା ବ୍ୟବହାର କରିବା ପାଇଁ, ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଅଧିକ ପାଣି, ଓଆରଏସ୍ ଦ୍ରବଣ, ପଣା, ତୋରାଣି, ଘୋଳଦହି ଓ ଆଖୁରସ ପିଇବା ପାଇଁ ଲୋକମାନଙ୍କୁ ଅବଗତ କରିବା ନିମନ୍ତେ ସମ୍ବାଦପତ୍ର ଓ ବିଭିନ୍ନ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମ ଦ୍ୱାରା କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯିବ ।

# ୨୦୨୨-୨୩ ବର୍ଷରେ ରେକର୍ଡ ୧୩୬ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ

ଭୁବନେଶ୍ୱର, ୧୨/୦୫ (ନି.ପ୍ର): ୨୦୨୨-୨୩ ବର୍ଷରେ ଓଡ଼ିଶାରେ ରେକର୍ଡ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ତୃତୀୟ ଆଗୁଆ ଆକଳନ ଅନୁଯାୟୀ ୨୦୨୨-୨୩ ବର୍ଷରେ ରାଜ୍ୟରେ ୧୩୬ ଲକ୍ଷ ୬ ହଜାର ମେଟ୍ରିକ୍ ଟନ୍ ରୁ ଉଦ୍ଧ୍ୱର୍ ଖାଦ୍ୟଶସ୍ୟ ଉତ୍ପାଦନ ହେବାର ଆକଳନ କରାଯାଇଛି । ଏହା ପୂର୍ବରୁ ୨୦୨୦-୨୧ ବର୍ଷରେ ରାଜ୍ୟରେ ୧୩୦ ଲକ୍ଷ ୩୮ ହଜାର ମେଟ୍ରିକ୍ ଟନ୍‌ରୁ ଉଦ୍ଧ୍ୱର୍ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିଲା । ରାଜ୍ୟରେ ରେକର୍ଡ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିବା ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟର ଚାଷୀ ଭାଇ ଓ ଭଉଣୀ ଏବଂ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ୨୦୨୨-୨୩ ବର୍ଷର ଆକଳନ ଅନୁଯାୟୀ ରାଜ୍ୟର ମୋଟ ଶସ୍ୟ ଉତ୍ପାଦନ ମଧ୍ୟରେ ଚାଉଳ ଉତ୍ପାଦନ ୧୧୫ ଲକ୍ଷ ମେଟ୍ରିକ୍ ଟନ ହେବାବେଳେ ମକା ୮ ଲକ୍ଷ ୬୦ ହଜାର ମେଟ୍ରିକ୍ ଟନରୁ ଉଦ୍ଧ୍ୱର୍, ମାଣ୍ଡିଆ ୧ ଲକ୍ଷ ୬୧ ହଜାର ମେଟ୍ରିକ୍ ଟନରୁ ଉଦ୍ଧ୍ୱର୍ ଏବଂ ଗହମ, ବାଜରା, ଯଓ୍ୱାର ଓ ଅନ୍ୟ ଲଘୁଶସ୍ୟ ୨୮ ହଜାର ମେଟ୍ରିକ୍ ଟନରୁ ଉଦ୍ଧ୍ୱର୍ ଉତ୍ପାଦନର ଆକଳନ କରାଯାଇଛି । ସେହିପରି ମୋଟ ୧୦ ଲକ୍ଷ ୫୫ ହଜାର ମେଟ୍ରିକ୍ ଟନରୁ ଉଦ୍ଧ୍ୱର୍ ଡାଲିଜାତୀୟ ଶସ୍ୟ ଉତ୍ପାଦନ ମଧ୍ୟରେ ମୁଗ ୪ ଲକ୍ଷ ୨୧ ହଜାର ମେଟ୍ରିକ୍ ଟନରୁ ଉଦ୍ଧ୍ୱର୍, ବିରି ୧ ଲକ୍ଷ ୯୭ ହଜାର ମେଟ୍ରିକ୍ ଟନରୁ ଉଦ୍ଧ୍ୱର୍, ହରଡ଼ ୧ ଲକ୍ଷ ୩୭ ହଜାର ମେଟ୍ରିକ ଟନରୁ ଉଦ୍ଧ୍ୱର୍, କୋଳଥ ୯୧ ହଜାର ମେଟ୍ରିକ୍ ଟନରୁ ଉଦ୍ଧ୍ୱର୍, ମଟର ୨୯ ହଜାର ମେଟ୍ରିକ ଟନରୁ ଉଦ୍ଧ୍ୱର୍, ମସୁର ୭ ହଜାର ମେଟ୍ରିକ ଟନରୁ ଉଦ୍ଧ୍ୱର୍, ବରଗୁଡ଼ି ୬୮ ହଜାର ମେଟ୍ରିକ ଟନରୁ ଉଦ୍ଧ୍ୱର୍ ଏବଂ ଅନ୍ୟ ଡାଲିଜାତୀୟ ଫସଲ ୭୬ ହଜାର ମେଟ୍ରିକ ଟନ ଅନ୍ତର୍ଭୁକ୍ତ ।

# ମିଲ୍ ମାଲିକ ଓ ଭଡା ଗାଡ଼ି ମାଲିକଙ୍କ ଭିତରେ ବିବାଦ

କେନ୍ଦ୍ରାପଡା, ୧୨/୦୫ (ନି.ପ୍ର) :କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ତହସିଲ ଅନ୍ତର୍ଗତ ଲକ୍ଷ୍ମୀନାରାୟଣ ପୁର ପଂଚାୟତ ନୂଆହାଟ ଗ୍ରାମର ଗାଡି ମାଲିକ ମାନେ ଦୀର୍ଘବର୍ଷ ହେଲା ବଳଭଦ୍ରପୁର ଠାରେ ଗଢି ଉଠିଥିବା ସ ମିଲ ମାନଙ୍କର ନିଜର ଗାଡି କାଠ ବୋହିବା ପାଇଁ ଭଡାରେ ଲଗାଇଥାନ୍ତି । କିନ୍ତୁ ଗତ କିଛିଦିନ ହେଲା ସ ମିଲ ମାଲିକ ମାଲିକମାନେ ସ୍ଥାନୀୟ ଲୋକଙ୍କର ଗାଡିକୁ ଭଡାରେ ନ ନେବାରୁ ଉଭୟଙ୍କ ମଧ୍ୟରେ ବିବାଦ ତେଜିବାରେ ଲାଗିଛି । ସ ମିଲ ମାଲିକ ମାନଙ୍କର ମନମୁଖୀ କାର୍ଯ୍ୟ ପାଇଁ ସ୍ଥାନୀୟ ଅଂଚଳର ବାସିନ୍ଦା ଓ ଗାଡି ମାଲିକ ମାନେ ଅତିଷ୍ଠ ହୋଇ ଜିଲ୍ଲପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସ ମିଲ ଗୁଡିକରେ ସ୍ଥାନୀୟ ଶିକ୍ଷିତ ଯୁବକ ମାନେ ଛୋଟ ଛୋଟ ଗାଡି ଋଣ କରି ନିଜର ପରିବାର ଭରଣ ପୋଷଣ କରିଥାନ୍ତି । କିନ୍ତୁ ଓ ମିଲ ମାଲିକ ମାନଙ୍କର ମନମୁଖୀ କାର୍ଯ୍ୟ ଯୋଗୁଁ ଏହି ଭଡାଗାଡି ଗୁଡିକ କାର୍ଯ୍ୟରେ ନଲାଗି ଛିଡାହୋଇ ରହୁଛି । ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ଲକ୍ଷ୍ମୀନାରାୟଣ ପୁର ସରପଂଚ ଅରକ୍ଷୀତ କାଣ୍ଡି, ପୂର୍ବତନ ସରପଂଚ ମହେନ୍ଦ୍ର କୁମାର ସିଂହ, ପୂର୍ବତନ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ, ସମିତି ସଭ୍ୟ ଫନିନ୍ଦ୍ର ବେହେରା, ନଟବର ବେହେରା ଓ ଅଂଚଳ ବାସୀମାନେ ଉପ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

# କର୍କଟ ରୋଗୀଙ୍କୁ 'ପ୍ରତୀକ୍ଷା' ଯନ୍ତ୍ରଣା : ତିନି ସପ୍ତାହ ଅପେକ୍ଷା କଲେ ରେଡିଏସନ୍ ଚିକିତ୍ସା

କଟକ , ୧୨/୦୫ (ନି.ପ୍ର): କର୍କଟ ରୋଗୀଙ୍କୁ ବି ରେଡିଏସସନ୍ ଚିକିତ୍ସା ପାଇଁ ଅପେକ୍ଷା କରିବାକୁ ପଡୁଛି ତିନି ସପ୍ତାହ । କେବେ ପାଳି ପଡିବ, ସେ ଅପେକ୍ଷାରେ ରହିଲା ବେଳକୁ ଏପଟେ ରୋଗ ବଢି ଚାଲିଛି । ଏଭଳି ସ୍ଥିତିରେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ଭରସା ଛାଡି, ଜମିବାଡ଼ି ବନ୍ଧା ପକାଇ ଘରୋଇ ହସ୍ପିଟାଲକୁ ଯାଉଛନ୍ତି କର୍କଟ ରୋଗୀ । ଏପଟେ କିନ୍ତୁ ନଭେମ୍ବର ସୁଦ୍ଧା ୨ଟି ଲିନାକ୍ ମେସିନ୍ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ କାର୍ଯ୍ୟକ୍ଷମ ହେବାକୁ ଥିଲେ ବି ତାହା ହୋଇପାରୁନି । ମେସିନ୍ ଯୋଗାଇଥିବା ସଂସ୍ଥା ତାଲିମ୍ ଦେବା ପାଇଁ ନାମ ତାଲିକା ମାଗୁଥିବାବେଳେ କର୍କଟ କେନ୍ଦ୍ରରେ ରେଡିଓଥେରାପି ଟେକ୍ନିସିଆନ ନାହାନ୍ତି । କୋର୍ଟ ଏହି ନିଯୁକ୍ତି ପ୍ରକ୍ରିୟା ଉପରେ ରହିତାଦେଶ ଲଗାଇଛନ୍ତି । ନୂତନ ମେସିନ୍ ?ରେ ରୋଗୀଙ୍କ ଚିକିତ୍ସା ଜୁଲାଇ ସୁଦ୍ଧା ଆରମ୍ଭ ହେବ ବୋଲି ଆଶା କରାଯାଉଥିଲା । କଟକ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ପୂର୍ବରୁ ୨ଟି କୋବାଲ୍ଟ ମେସିନ୍ ରହିଥିଲା ଓ ୨ଟି ଲିନାକ୍ ବଙ୍କର ରହିଥିଲା । ଉକ୍ତ ୪ଟି ମେସିନ୍‌ରେ ୩୫୦ ରୋଗୀଙ୍କୁ ରେଡିଏସନ୍ ଚିକିତ୍ସା ଦିଆଯାଇପାରୁଥିଲା । ତେବେ ଗୋଟିଏ କୋବାଲ୍ଟ ମେସିନ୍ ୨୬ବର୍ଷ ଅତିକ୍ରମ କରିବା ପରେ ତାକୁ ସେବାରୁ ବିରାମ ଦିଆଯାଇଥିଲା । ଯାହାଫଳରେ ଏବେ କର୍କଟ କେନ୍ଦ୍ରରେ ରହିଛି ୩ଟି ମେସିନ୍ । ଗୋଟିଏ କେବାଲ୍ଟ ମେସିନ୍‌ରେ ୧୫୦ ରୋଗୀଙ୍କ ଚିକିତ୍ସା ହୋଇପାରୁଥିବାବେଳେ ଅନ୍ୟ ଦୁଇଟି ଲିନାକ୍ ମେସିନ୍‌ରେ ପ୍ରତିଦିନ ୧୨୦ଜଣ ରୋଗୀଙ୍କ ଚିକିତ୍ସା ହୋଇପାରୁଛି । କିନ୍ତୁ ଦିନକୁ ଦିନ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ କେନ୍ଦ୍ର ପାଇଁ ୨୦୨୨, ଅଗଷ୍ଟ ଶେଷ ସପ୍ତାହରେ ୩୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଦୁଇଟି ଲିନାକ୍ ମେସିନ୍ କିଣାଯାଇଛି । ଏହାର କାମ ସରିବା ଉପରେ । ସରକାରୀ ନିର୍ଦ୍ଦେଶନାମା ଅନୁସାରେ ନଭେମ୍ବର ଶେଷ ସୁଦ୍ଧା ଏହି ଦୁଇଟି ଲିନାକ୍ ମେସିନ୍‌କୁ କାର୍ଯ୍ୟକ୍ଷମ କରାଯିବା କଥା । କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କାମ ସରିନଥିବାରୁ ଜୁନ୍ ଶେଷ ସୁଦ୍ଧା ଏହାର କାମ ସରିବା ନେଇ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହି ଦୁଇଟି ମେସିନ୍ ଇନଷ୍ଟଲେସନ୍ ସରିଥିବାବେଳେ ଏଥିପାଇଁ ନିଯୁକ୍ତି ପାଇବେ ୮ଜଣ ରେଡିଓଥେରାପି ଟେକ୍ନିସିଆନ । ଟେକ୍ନିସିଆନମାନଙ୍କ ନିଯୁକ୍ତି ସଂକ୍ରାନ୍ତ ତାଲିକା ପ୍ରକାଶ ପାଇଥିଲେ ସୁଦ୍ଧା ଏହାକୁ ନେଇ ପୁରୁଣା ଟେକ୍ନିସିଆନ୍‌ମାନେ ଦରମା ଅସଙ୍ଗତିକୁ ନେଇ କୋର୍ଟକୁ ଯାଇଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ, ପୂର୍ବରୁ ରାଜ୍ୟରେ ରେଡିଓଥେରାପି ଟେକ୍ନିସିଆନ ନଥିଲେ । ଫଳରେ ସେହି ସମୟରେ ରେଡିଓଗ୍ରାଫରଙ୍କୁ ତାଲିମ୍ ଦେଇ କୋବାଲ୍ଟ ମେସିନ୍ କାମ କରାଯାଉଥିଲା । ଏବେ ଜୁନ୍ ଶେଷ ସୁଦ୍ଧା ଲିନାକ୍ ମେସିନ୍ ପ୍ରସ୍ତୁତ ହେବ ଓ ଜୁଲାଇରୁ ରେଡିଏସନ୍ ଚିକିତ୍ସା ଆରମ୍ଭ କରାଯିବ ବୋଲି କର୍କଟ କେନ୍ଦ୍ର ପ୍ରସ୍ତୁତି ଚଳାଇଥିବା ବେଳେ ନିଯୁକ୍ତି ନେଇ ରହିତାଦେଶ ପରେ ତାଲିମ ପାଇଁ ରେଡିଓଥେରାପି ଟେକ୍ନିସିଆନ ପାଉନାହାନ୍ତି କର୍କଟ କେନ୍ଦ୍ର କର୍ତ୍ତୃପକ୍ଷ ।

# ୱାସ୍ ସେବାରେ ଓଡ଼ିଶା ଦେଶରେ ଅଗ୍ରଣୀ

ଭୁବନେଶ୍ୱର, ୧୨/୦୫ (ନି.ପ୍ର): ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଜଳ, ପରିମଳ ଏବଂ ସ୍ୱଚ୍ଛତା (ୱାସ୍) ସେବାର କାର୍ଯ୍ୟାନ୍ୱୟନ ଏବଂ ଅଗ୍ରଗତି ସଂପର୍କିତ ଏକ କର୍ମଶାଳା ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ୟୁନିସେଫ୍, ରାଜ୍ୟ ତଥା ଜାତୀୟ ଉନ୍ନୟନ ସହଯୋଗୀଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଲୋକସେବା ଭବନ କନ୍‌ଭେନସନ୍ ସେଂଟରଠାରେ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୁଶୀଲ କୁମାର ଲୋହାନୀ ଏହି କର୍ମଶାଳାରେ ସଭାପତିତ୍ୱ କରି କହିଥିଲେ ଯେ ଓଡ଼ିଶାର ୩୦ରୁ ଅଧିକ ପ୍ରତିଶତ ଗ୍ରାମକୁ ବାହ୍ୟମଳମୁକ୍ତ (ଓଡିଏଫ୍ ପ୍ଲସ୍) ଗ୍ରାମ ଭାବରେ ଘୋଷଣା କରାଯାଇଛି । ଓଡ଼ିଏଫ୍ ପ୍ଲସ୍ ଗ୍ରାମଗୁଡ଼ିକର ବର୍ତ୍ତମାନର ସ୍ଥିତି ଉପରେ ଧ୍ୟାନ ଦେବା ଉଚିତ । ଏହା ସହ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ମିଳିତ ଭାବେ ସହରାଂଚଳ ଏବଂ ଗ୍ରାମାଂଚଳକୁ ସଂଯୋଜିତ କରିବା ପାଇଁ ଅରବାନ୍ ଫୋକାଲ ସ୍ଲଜ୍ ଟ୍ରିଟ୍‌ମେଂଟ ପ୍ଲାଂଟଠାରୁ ୨୦ କିମି ଦୂରରେ ଥିବା ଗ୍ରାମପଂଚାୟତ ଏବଂ ଗ୍ରାମଗୁଡ଼ିକର ଆବଶ୍ୟକତା ପୂରଣ ଦିଗରେ ବିଶେଷ ଭାବରେ ଧ୍ୟାନ ଦେବା ଉଚିତ ବୋଲି ଶ୍ରୀ ଲୋହାନୀ ପ୍ରକାଶ କରିଥିଲେ । ଏହି କର୍ମଶାଳାରେ ସ୍ଥାୟୀ ବିକାଶ ଲକ୍ଷ୍ୟ ୬ (ଏସ୍‌ଡିଜି ୬)ର ଅଗ୍ରଗତି ଓ ସମସ୍ୟା ଉପରେ ବିଶଦ ଭାବରେ ଆଲୋଚନା କରାଯାଇ ଓଡ଼ିଶାର ପ୍ରତ୍ୟେକ ଲୋକ କିପରି ସ୍ଥାୟୀ ଭାବରେ ନିରାପଦ ଜଳ, ପରିମଳ ଏବଂ ସ୍ୱାଚ୍ଛତା (ୱାସ୍) ସେବା ଅଗ୍ରାଧିକାର ଭିତିରେ ପାଇପାରିବେ ସେ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜଳ, ପରିମଳ ଏବଂ ସ୍ୱଚ୍ଛତା ସେବା ସଂପର୍କିତ ନୀତି, ପ୍ରକ୍ରିୟା, ଅର୍ଥ ଆବଣ୍ଟନ, ଆନୁଷ୍ଠାନିକ ବିଧିବ୍ୟବସ୍ଥାକୁ କିପରି ଅଧିକ ସଂଯୋଜିତ ଏବଂ କ୍ରିୟାଶୀଳ କରାଯାଇପାରିବ ସେ ଦିଗରେ ମଧ୍ୟ ଅଂଶୀଦାରମାନଙ୍କ ସହ ଆଲୋଚନା ହୋଇଥିଲା । ଶୌଚାଳୟର ରେଟ୍ରୋଫିଟିଙ୍ଗ୍ ପାଇଁ ବହୁମୁଖୀ ଉପାୟ ଅବଲମ୍ବନ କରିବା ଅର୍ଥ ହେଉଛି ଏକକ ପିଟ୍ ଶୌଚାଳୟକୁ ଯୁଗ୍ମ ପିଟ୍ ଶୌଚାଳୟରେ ପରିବର୍ତନ କରିବା ଏବଂ ଫେକାଲ ସ୍ଲଜ୍ ମ୍ୟାନେଜ୍‌ମେଂଟ ବ୍ୟବସ୍ଥାର ସୁପରିଚାଳନା । ଏହି ଅଭିନବ ଉପାୟ ଅବଲମ୍ବନରେ ଓଡ଼ିଶା ଦେଶରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛି ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀ ଲୋହାନୀ ପ୍ରକାଶ କରିଛନ୍ତି । ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅଧିନରେ ବ୍ୟକ୍ତିଗତ ସୋକ୍ ପିଟ୍ ନିର୍ମାଣର ବିଧାନ ରହିଛି । ଅଧୁନା ଚାଲିଥିବା ସୁଜଳମ୍ ୩.୦ ଅଭିଯାନରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବରେ ଉଭା ହେବାରେ ସଫଳ ହୋଇଛି ବୋଲି ରାଜ୍ୟ ସରକାରଙ୍କ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ବି. ପରମେଶ୍ୱରନ୍ ଉଲ୍ଲେଖ କରିଛନ୍ତି । ସରକାର ଜାତୀୟ ଫ୍ଲାଗ୍‌ସିପ୍ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ନିରାପଦ ପାନୀୟ ଜଳ ଯୋଗାଉଛନ୍ତି । ପ୍ରତିଗୃହକୁ ଟ୍ୟାପ୍ ଜଳ ସଂଯୋଗୀକରଣ ଦ୍ୱାରା ଗ୍ରାମୀଣ ଜୀବନଜୀବିକାରେ ସୁଦୂରପ୍ରସାରୀ ସାମାଜିକ-ଅର୍ଥନୈତିକ ପ୍ରଭାବ ପଡୁଛି ବୋଲି ସେ ମଧ୍ୟ କହିଛନ୍ତି । ଗ୍ରାମାଂଚଳରେ ବାସ କରୁଥିବା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକ ଓ ସେମାନଙ୍କର ଶିଶୁମାନେ ପଛରେ ରହିଯିବାର ଭୟ ରହିଛି । ଏହି ଅର୍ଥନୈତିକ-ଭୌଗୋଳିକ ବିଭେଦ ଏବଂ ସେମାନଙ୍କର ମାନବାଧିକାର ଅକ୍ଷୁଣ୍ଣ ରଖିବାକୁ ହେଲେ ସରକାରଙ୍କୁ ସେମାନଙ୍କ ଉପରେ ବିନିଯୋଗ କରିବାକୁ ପଡ଼ିବ ବୋଲି ୟୁନିସେଫ୍ ର ୱାସ୍-ସିସିଏସ୍ ବଶେଷଜ୍ଞ ଶିପ୍ରା ସକ୍ସେନା ପ୍ରକାଶ କରିଛନ୍ତି ।

ୟୁନିସେଫ୍, ୱାଟର ଏଡ୍, ୱାଟର ଫର ପିପୁଲ୍, ସୁସାନା ଏବଂ ଆଇଆରସି ଭଳି ଉନ୍ନୟନ ସହଯୋଗୀମାନେ ଆଞ୍ଚଳିକ, ରାଜ୍ୟ ଏବଂ ଜାତୀୟସ୍ତରରେ ୱାସ୍ ସେବାର ସ୍ଥାୟୀତ୍ୱ, ସୁଦୃଢ଼ୀକରଣ, ଗୁଣାତ୍ମକ ତଥ୍ୟ ସଂଗ୍ରହ ଏବଂ ସମନ୍ୱୟ ଉପରେ ଆଲୋକପାତ କରିଥିଲେ ।

# ଏହି ରାଶିର ବ୍ୟକ୍ତି ଦାମୀ ପୋଷାକ ପିନ୍ଧିଥାନ୍ତି

**ସମସ୍ତେ ନିଜ ପସନ୍ଦ ହିସାବରେ ହିଁ ପୋଷାକ ପିନ୍ଧିଥାନ୍ତି। ବେଳେ ବେଳେ ଅନ୍ୟ ପସନ୍ଦ ମଧ୍ୟ ଆମକୁ ଭଲ ଲାଗିଥାଏ। ଆଉ ଆମେ ସେହି ଅନୁଯାୟୀ, ଡ୍ରେସ୍ କିଣିଥାଉ ବା ପିନ୍ଧିଥାଉ। ସେହି ପରି ପୋଷାକକୁ ନେଇ ବ୍ୟକ୍ତିର ବ୍ୟକ୍ତିତ୍ୱ କିମ୍ବା ଷ୍ଟାଟସ୍ ଆକଳନ କରାଯାଏ। ପୋଷାକକୁ ନେଇ ଜ୍ୟୋତିଷ ଶାସ୍ତ୍ର ସହ ସମ୍ପର୍କ ରହିଛି। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଏମିତି କିଛି ରାଶିର ଲୋକେ ଅଛନ୍ତି ଯେଉଁମାନେ ଦାମୀ ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି। ସେହିପରି ଜ୍ୟୋତିଷ ଶାସ୍ତ୍ର ଅନୁସାରେ ମଧ୍ୟ ପୋଷାକ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଥାଏ। ତେବେ ଆସନ୍ତୁ ଜାଣିବା ରାଶି ଅନୁସାରେ ଡ୍ରେସ୍‌କୁ କିଛି ରୋଚକ କଥା।**



ମେଷ: ଏହି ରାଶିର ବ୍ୟକ୍ତି ରଙ୍ଗ ବେରଙ୍ଗର ପୋଷାକ ପିନ୍ଧିବା ପାଇଁ ପସନ୍ଦ କରିଥାନ୍ତି।

ବୃଷ: ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଏହି ରାଶିର ବ୍ୟକ୍ତି ଏପରି ପୋଷାକ ପିନ୍ଧିଥାନ୍ତି, ଯେଉଁଥିରେ ତାଙ୍କର ବ୍ୟକ୍ତିତ୍ୱ ଲୁଚି ଯାଇଥାଏ। ପୋଷାକ ମାମଲାରେ ଏମାନଙ୍କ ପସନ୍ଦ ଭଲ ନୁହେଁ ବୋଲି କୁହାଯାଏ।

ମିଥୁନ: ଏହି ରାଶିର ବ୍ୟକ୍ତି ନିଜ ପୋଷାକକୁ ନେଇ ସତର୍କ ରହିଥାନ୍ତି। କୁହାଯାଏ ଏମାନେ ନିଜ ପୋଷାକ ଦ୍ୱାରା ଅନ୍ୟକୁ ପ୍ରଭାବିତ କରିଥାନ୍ତି।

କର୍କଟ: ଏହି ରାଶିର ବ୍ୟକ୍ତି ପୋଷାକ ପିନ୍ଧିବା ତାଙ୍କ ମନ ସହିତ ଯୋଡି ହୋଇ ରହିଥାଏ। ଏହାର ଅର୍ଥ ଏମାନେ ନିଜ ମୁଡ୍ ହିସାବରେ ପୋଷାକ ପିନ୍ଧିଥାନ୍ତି।

ସିଂହ: ଏହି ରାଶିର ବ୍ୟକ୍ତି ପୋଷାକ ପସନ୍ଦ କରିବାରେ ଦୁର୍ବଳ ଥାନ୍ତି। ଭଲ ପୋଷାକ ପିନ୍ଧିବା ପାଇଁ ଏମାନଙ୍କୁ ବାରମ୍ବାର କହିବାକୁ ପଡ଼ିଥାଏ।

କନ୍ୟା: ବାସ୍ତୁ ଅନୁସାରେ ଏହି ରାଶିର ବ୍ୟକ୍ତିଙ୍କୁ ଦାମୀ ପୋଷାକ ଭଲ ଲାଗିଥାଏ।

ତୁଳା: କୁହାଯାଏ କି ଏହି ରାଶିର ବ୍ୟକ୍ତି ଷ୍ଟାଇଲିସ୍ ପୋଷାକ ପିନ୍ଧିଥାନ୍ତି ଏବଂ ନୂଆ ପୋଷାକକୁ ନେଇ ସର୍ବଦା ଅପ୍‌ଡେଟ୍ ରହିଥାନ୍ତି।

ବିଛା: ଏହି ରାଶିର ବ୍ୟକ୍ତି କେବେ ଭଲ ପୋଷାକ ପିନ୍ଧନ୍ତି ତ' କେବେ ଖରାପ ପୋଷାକ ପିନ୍ଧିଥାନ୍ତି।

ଧନୁ: ଏହି ରାଶିର ବ୍ୟକ୍ତି ପୋଷାକ ପସନ୍ଦକୁ ସହଜରେ ନେଇଥାନ୍ତି ଏବଂ ସାଧାରଣ ପୋଷାକ ପିନ୍ଧିବାକୁ ପସନ୍ଦ କରିଥାନ୍ତି।

ମକର:ଏହି ରାଶିର ବ୍ୟକ୍ତି ୩୦ ବର୍ଷ ପର୍ଯ୍ୟନ୍ତ ପୋଷାକର ରୁଚିକୁ ନେଇ ସଚେତନ ନଥାନ୍ତି। କିନ୍ତୁ ୩୦ ବର୍ଷ ପରେ ଏମାନେ ପୋଷାକ ପସନ୍ଦକୁ ଗଭୀର ଭାବରେ ଗ୍ରହଣ କରିଥାନ୍ତି।

କୁମ୍ଭ: କୁମ୍ଭ ରାଶିର ବ୍ୟକ୍ତିଙ୍କୁ ଗୋଟିଏ ଡ୍ରେସ୍ କିମ୍ବା ଶାଢି ବାରମ୍ବାର ପିନ୍ଧିବା ପସନ୍ଦ ହୋଇଥାଏ। ଏମାନଙ୍କ ଏପରି ଆଚରଣ ପାଇଁ ଅନ୍ୟ ଲୋକ ସମସ୍ୟାରେ ପଡ଼ିଥାନ୍ତି।

ମୀନ: ଏହି ରାଶିର ବ୍ୟକ୍ତି ପୋଷାକ ପସନ୍ଦ କରି ପିନ୍ଧିବାକୁ ଗୁରୁତ୍ୱ ଦେଇଥାନ୍ତି। ଅଥବା ନୂଆ ନୂଆ କଲେକ୍‌ସନ୍ ନିଜ ପାଖରେ ରଖିଥାନ୍ତି।

# ଘରେ ପ୍ରସ୍ତୁତ କରନ୍ତୁ ଖୁଆ ଚକୁଳି

### ଆବଶ୍ୟକ ସାମଗ୍ରୀ:

ସୁଜି, ମଇଦା ଓ ଚାଉଳ, କ୍ଷୀର, ଖୁଆ, ଚିନି, ମିଲ୍କମେଡ, କାଜୁ ବାଦାମ ଖଣ୍ଡ ଓ ଚେରି, ରିଫାଇନ ତେଲ।

### ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ସୁଜି, ମଇଦା ଓ ଚାଉଳ ଚୂନାକୁ ମିଶାଇ ଏକ ଆଣ ପ୍ରସ୍ତୁତ କରି ରଖନ୍ତୁ। କ୍ଷୀରକୁ ଫୁଟାଇ ବହଳିଅ କରି ସେଥିରେ ଖୁଆ ଓ ଚିନି ପକାଇ ଏକ ପୁର ପ୍ରସ୍ତୁତ କରନ୍ତୁ।

ଚୁଲା ଲଗାଇ ଏକ କରେଇରେ କ୍ଷୀରକୁ ଗରମ କରି ଫୁଟାନ୍ତୁ। କ୍ଷୀର ଫୁଟିବା ପରେ ଚିନି ଓ ମିଲ୍କମେଡ ପକାଇ ଭଲ ଭାବେ ଫୁଟାନ୍ତୁ।



ଏକ ବହଳ ରସ ହେବା ପରେ କରେଇକୁ ଚୁଲିରୁ ଓହ୍ଲାଇ ରଖନ୍ତୁ। ଏହାପରେ ପ୍ୟାନ୍‌ରେ ତେଲ ଗରମ କରି ପ୍ରସ୍ତୁତ ଆଣ ଦେଇ ତା' ଉପରେ କ୍ଷୀର ଓ ଖୁଆର ପୁରକୁ ଦେଇ ପିଠାକୁ ଗଢ଼ନ୍ତୁ। ଏହାପରେ କରେଇରେ ଥିବା କ୍ଷୀର ଓ ମିଲ୍କମେଡର ବହଳ ରସରେ ଗଢ଼ା ଯାଇଥିବା ଚକୁଳି ପିଠାକୁ ପକାନ୍ତୁ। ଶେଷରେ କାଜୁ ବାଦାମ ଖଣ୍ଡ ଓ ଚେରିକୁ ପକାଇ ସଜାଇ ପରଷନ୍ତୁ।

# ଅଦ୍ଭୁତ ନମନୀୟତା: ପାଦ ଅଙ୍ଗୁଳି ସାହାଯ୍ୟରେ ହାତ ନଖରେ ନେଲ୍ ପଲିସ୍ ଲଗାଇପାରନ୍ତି ମହିଳା

ଇଲଣ୍ଡର ଲେଲାନି ଫ୍ରାଙ୍କୋଙ୍କ ଶରୀର ଆଶ୍ଚର୍ଯ୍ୟଜନକ ଭାବେ ନମନୀୟ। ସେ ଛୋଟିଏ ସୁଟ୍‌କେସ୍‌ରେ ନିଜକୁ ସମ୍ପୂର୍ଣ୍ଣ ଭାବେ ଭର୍ତ୍ତିକରିପାରନ୍ତି। ପାଦ ଅଙ୍ଗୁଳି ସାହାଯ୍ୟରେ ହାତ ନଖରେ ନେଲ୍ ପଲିସ୍ ଲଗାଇପାରନ୍ତି; ସିଗାରେଟ୍ ପିଇପାରନ୍ତି। ଏ ଭଳି ଶରୀର ପାଇବା ପାଇଁ ସେ କୌଣସି ପ୍ରକାରର ସ୍ୱତନ୍ତ୍ର ତାଲିମ ନେଇ ନ ଥିବା ପ୍ରକାଶ। ପାଦ ଅଙ୍ଗୁଳିରେ ବ୍ରସ୍ ଧରି ଦାନ୍ତ ସଫାକରିହେବନାହିଁ କି ନାହିଁ, ପିଲାଦିନେ ମୁଣ୍ଡରେ ପଶିଥିଲା। ନିୟମିତ ଅଭ୍ୟାସ ଦ୍ୱାରା ସିଦ୍ଧି ହାସଲ କରିଥିଲେ। ଏ ଭଳି କରୁଥିବା ବେଳେ ସେ ଆଜି ଯାଏ ଥରେ ହେଲେ ଆହତ ହୋଇନାହାନ୍ତି।



# ଶରୀର ଘୋଳାବିନ୍ଧା ହେଉଛି କି ?

## ବିନା ଔଷଧରେ ଏପରି ପାଆନ୍ତୁ ଉପଶମ

ଆଜିକାଲି ବ୍ୟସ୍ତ ବହୁଳ ଜୀବନଶୈଳୀ ହେତୁ ଶରୀର ଘୋଳାବିନ୍ଧା ହେବା ଏକ ସାଧାରଣ ସମସ୍ୟା ପାଲଟିଗଲାଣି। କେବଳ ବୟସ୍କ ନୁହଁନ୍ତି, ଅଳ୍ପ ବୟସର ପିଲାଙ୍କ ଭିତରେ ବି ଏହି ସମସ୍ୟା ଦେଖା ଦେଲାଣି। ଏହା କୌଣସି ପ୍ରକାରର ରୋଗ ନୁହେଁ। ତେଣୁ, ଆୟତ୍ତ ବାହାରର ଯନ୍ତ୍ରଣା ନହେଲେ ଔଷଧଠାରୁ ନିଜ ଶରୀରକୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ତେବେ ଚାଲନ୍ତୁ ଜାଣିବା ବିନା ଔଷଧ ଖାଇ କିପରି ଭାବେ ଦେହ ଘୋଳାବିନ୍ଧାକୁ ଦୂରେଇ ହେବ।

- ନିଜର ଦେହର ପୀଡ଼ା ମାରିବା ପାଇଁ ନାଲି ଚା' ଅବ୍ୟର୍ଥ ଔଷଧ ପରି କାମ କରେ। ଆପଣ ସେହି ନାଲି ଚା'ରେ ଗୋଲମରିଚ ଓ ଅଦା ପକାଇ ପିଅନ୍ତୁ। ଦେଖିବେ ଆପଣ ଏହାକୁ ପିଇବା ପରେ ଆପଣଙ୍କ ଶରୀରର ପୀଡ଼ା କୁଆଡ଼େ ଦୂରେଇ ଯିବ।
- ଆପଣ ଷ୍ଟିମ୍ ନେଇ କରି ମଧ୍ୟ ନିଜ ଶରୀରର ପୀଡ଼ା ଦୂର କରିପାରିବେ। ଗରମ ପାଣି କରି ସେଥିରେ କିଛି ମେଥୋ ବାମ୍ ମିଶ୍ରଣ କରନ୍ତୁ। ସେହି ମେଥୋ ବାମ୍ ପଡ଼ିଥିବା ଗରମ ପାଣି ସାମ୍ନାରେ ମୁହଁ ରଖି ଜୋର ଜୋର ନିଶ୍ୱାସ ନିଅନ୍ତୁ। ଏହା ଦ୍ୱାରା ଆପଣଙ୍କୁ ଉପଶମ ମିଳିବ।



# ଖାଇଲା ବେଳେ ଏସବୁ ପ୍ରତି ଧ୍ୟାନ ଦିଅନ୍ତୁ, ନହେଲେ...

ପୂଜାପାଠରେ ଯେମିତି ଅନେକ ନୀତି, ନିୟମ ରହିଛି, ଭୋଜନକୁ ନେଇ ମଧ୍ୟ ସେମିତି କିଛି ନିୟମ ରହିଛି।

ଆପଣ ଦେଖିଥିବେ କିଛି ଲୋକ ଭୋଜନ କରିବା ପୂର୍ବରୁ ଭଗବାନଙ୍କୁ ସ୍ମରଣ କରନ୍ତି। ଆଉ କେହି କେହି ପ୍ରଥମେ ଅଳ୍ପ ଟିକେ ଖାଦ୍ୟ ଭୂମି ବା ଟେବୁଲ୍‌ରେ ରଖି ଦିଅନ୍ତି ଓ ଭଗବାନଙ୍କୁ ସ୍ମରଣ କରି ଖାଇବା ଆରମ୍ଭ କରନ୍ତି।

ଶାସ୍ତ୍ରବିତ୍‌ଙ୍କ କହିବା ଅନୁଯାୟୀ, ଭୋଜନ କରିବା ପୂର୍ବରୁ ଠାକୁରଙ୍କୁ ସ୍ମରଣ କରନ୍ତୁ। ଏଥିସହ ଖାଇବା ସମୟରେ କେବେ ବାମ ହାତକୁ ପାଦରେ ରଖନ୍ତୁ ନାହିଁ।

ସେହିପରି ଭୋଜନ ସମୟରେ ମୁଣ୍ଡରେ ଲୁଗା, ଗାମୁଛା ଏବଂ ଟୋପି ଦେଇ ଖାଆନ୍ତୁ ନାହିଁ। ଏହାଦ୍ୱାରା ଅମଙ୍ଗଳ ହୋଇଥାଏ।



# ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ କାଜୁ !



**ଡ୍ରାଏ ଫ୍ରୁଟସ୍ ତଥା କାଜୁ ଖାଇବା ସମସ୍ତଙ୍କୁ ପସନ୍ଦ। ଏହାର ସ୍ୱାଦ ସମସ୍ତଙ୍କୁ ଭଲ ଲାଗେ। କାଜୁ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି ମଧ୍ୟ କୁହାଯାଏ। କିନ୍ତୁ ଆବଶ୍ୟକତା ଠାରୁ ଅଧିକ କାଜୁ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପ୍ରମାଣିତ ହୋଇପାରେ। ଯଦି ଆପଣଙ୍କର କାଜୁ ଖାଇବା ସଉକ ଥାଏ ତେବେ ସାବଧାନ ହୋଇଯା'ନ୍ତୁ। ଅଧିକ କାଜୁ ଖାଇବା ଦ୍ୱାରା ଓଜନ ବଢ଼ିବା ସହ କିଡନୀ ଏବଂ ହୃଦୟ ଉପରେ ଖରାପ ପ୍ରଭାବ ପକାଇଥାଏ। ତେବେ କାଜୁ ଖାଇବା ଦ୍ୱାରା ଆଉ କ'ଣ କ'ଣ ସବୁ କ୍ଷତି ହୁଏ ଆସନ୍ତୁ ଜାଣିବା।**

ଯଦି ଆପଣଙ୍କର ସାଧାରଣତ ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ସମସ୍ୟା ଥାଏ ତେବେ କାଜୁ ବାଦାମଠାରୁ ଦୂରଇ ରୁହନ୍ତୁ । କାଜୁରେ ଆମିନୋ ଏସିଡ୍ ଟାଇରାମାଇନ୍ ଏବଂ ଫେନିଲେଥାଇଲାମାଇନ୍ ଥାଏ, ଯାହା ଆପଣଙ୍କ ମୁଣ୍ଡବିନ୍ଧାକୁ ଅନେକ ଥର ବଢ଼ାଇପାରେ।

କାଜୁ ଏକ ଅଧିକ କ୍ୟାଲୋରୀ ଯୁକ୍ତ ଖାଦ୍ୟ। ଏହାକୁ ଅଧିକ ଖାଇବା ଦ୍ୱାରା ଓଜନ ବଢ଼ିବା ସହ ଆପଣ ମୋଟାପଣର ଶିକାର ହୋଇପାରନ୍ତି। ତେଣୁ କାଜୁକୁ ଅତି ସୀମିତ ପରିମାଣରେ ଖାଇବା ଉଚିତ। ପ୍ରାୟ ୩୦ ଗ୍ରାମ କାଜୁରେ ୧୬୩ କ୍ୟାଲୋରୀ ଏବଂ ୧୩.୧ ଚର୍ବି ଥାଏ । ଯଦି ଆପଣ ନିୟମିତ କିମ୍ବା ଅଧିକ ପରିମାଣରେ କାଜୁ ଖାଉଛନ୍ତି ତେବେ ଆପଣଙ୍କର ଓଜନ ହ୍ରାସ କରିବା ଲକ୍ଷ୍ୟ କେବେ ବି ପୂରଣ ହୋଇପାରିବ ନାହିଁ। ଅଧିକ ପରିମାଣରେ କାଜୁ ଖାଇବା ଦ୍ୱାରା ଧୀରେ ଧୀରେ ଶରୀରରେ ଔଷଧ ମଧ୍ୟ କାମ କରେ ନାହିଁ। ୩ ରୁ ୪ଟି କାଜୁରେ ୮୨.୫mg ମ୍ୟାଗ୍ନେସିୟମ୍ ଥାଏ । ଏହି ମ୍ୟାଗ୍ନେସିୟମ୍ ଆପଣ ଖାଉଥିବା ଡାଇବେଟିସ୍, ଥାଇରଏଡ୍, ମୂତ୍ର ସମ୍ବନ୍ଧୀୟ ଏବଂ ଆର୍ଥ୍ରାଇଟିସ୍ ଔଷଧ ଉପରେ ପ୍ରଭାବ ପକାଇଥାଏ।

# ଘରସଜ୍ଜାରେ ଚଢ଼େଇ ବସା



ଆପଣ ବି ଏମିତି ଚଢ଼େଇବସା ଘରେ ରଖିବାକୁ ଚାହାନ୍ତି ତବେ ତାହାକୁ ଆହୁରି ରଙ୍ଗୀନ କରିଦିଅନ୍ତୁ । ଅତିଥିଙ୍କ ନଜର ପ୍ରଥମେ ରଙ୍ଗୀନ ବର୍ଡହାଉସ ଉପରେ ପଡ଼ିବ ।

ନଡ଼ିଆ ଚଢ଼େଇରୁ ବି ତିଆରି କରିପାରିବେ ବାର୍ଡହାଉସ । ତେବେ ଏ କ୍ଷେତ୍ରରେ ନଡ଼ିଆକୁ ପୂରା ଦୁଇ ଫାଳ କରିବା ପରିବର୍ତ୍ତେ ଛୋଟ ଗୋଲ କରି କାଟି ତା ମଧ୍ୟରୁ ଶସ ଓ ପାଣି ବାହାର କରି ଶୁଖିଆ ଦେବେ। ସେଥିରେ ମନ ପସନ୍ଦର ରଙ୍ଗ ଭରି ବଗିଚା କିମ୍ବା ଟେରାସ୍‌ରେ ଝୁଲାଇ ଦେବେ ।

ଶସ୍ତା ପ୍ଲାଏଉଡ୍‌ରେ ବି ମନ ପସନ୍ଦର ବାର୍ଡହାଉସ ତିଆରି କରିପାରିବେ । ଇଣ୍ଟରନେଟ୍ ବା କୌଣସି ଲାଇଫଷ୍ଟାଇଲ ମ୍ୟାଗାଜିନରୁ ଏଭଳି ବାର୍ହହାଉସ ପାଇଁ ମନପସନ୍ଦର ଡିଜାଇନ ବାଛିପାରିବେ ।

ଆଜିକାଲି ଅନଲାଇନ୍ ସପିଙ୍ଗ ସାଇଟ୍‌ରେ ଖୁବ ସୁନ୍ଦର ଡିଜାଇନ୍ର ବାର୍ହହାଉସ ଉପଲବ୍ଧ। କେଉଁଟା ବଗିଚା ପାଇଁ ତ କେଉଁଟା ଟେରାସ

ସାଧାରଣତଃ ବାର୍ଡହାଉସ୍ କେତେକାଂଶରେ ଘର ଆଗରେ ଝୁଲୁଥିବା ଡାକବାକ୍ସ ଭଳି ଦେଖିବାକୁ ହୋଇଥାଏ । ତେବେ ଏହା କାଠରେ ତିଆରି ହୋଇଥିବାବେଳେ ଆଗପଟେ ବେଶ୍ ବଡ଼ କରି ଗେଲାକାର ଗର୍ତ୍ତ ଥାଏ । ଯାହା ମଧ୍ୟରେ ଛୋଟ ପକ୍ଷୀ ସହଜରେ ପ୍ରବେଶ କରିପାରିବେ । ଯଦି



ପାଇଁ । ପୁଣି ଇନଡୋର ବାର୍ଡ ହାଉସ ବି ବଜାରରେ ମିଳୁଛି । ପକ୍ଷୀ ଆସନ୍ତୁ ବା ନ ଆସନ୍ତୁ, ଆପଣ ଘରର ଡେକୋରେସନ୍ ପାଇଁ ବାର୍ଡହାଉସ୍ ରଖନ୍ତୁ ।

# ଭିଟାମିନ୍ ଡି କମ୍ ହେଲେ...

ଭିଟାମିନ ଡି କମ୍ ହେଲେ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡ଼ିଥାଏ। ଏହାର ସ୍ତର କମିଗଲେ ବ୍ଲାଡ଼ର କ୍ୟାନସର ହେବାର ବହୁ ସମ୍ଭାବନା ରହିଛି। ଗବେଷଣା ଅନୁସାରେ ସୂର୍ଯ୍ୟ କିରଣ ମାଧ୍ୟମରେ ଶରୀରରେ ଭିଟାମିନ ଡି ପହଂଚିଥାଏ। ଏହାର ସବୁଠୁ ବଡ଼ ସ୍ରୋତ ମାଛ ଏବଂ



ଅଣ୍ଡାରେ ବି ରହିଛି। ଏହି ଭିଟାମିନ ଦ୍ୱାରା ଶରୀରକୁ କ୍ୟାଲସିୟମ ଏବଂ ଫସଫରସର ସ୍ତରକୁ ନିୟନ୍ତ୍ରଣ କରିବାରେ ସହଯୋଗ କରିଥାଏ। ପୂର୍ବରୁ କରାଯାଇଥିବା ଗବେଷଣାରେ କୁହାଯାଇଥିଲା ଯେ ଭିଟାମିନ ଡି କମ୍ ହେବାଯୋଗୁଁ ହୃଦରୋଗ ସ୍ମୃତିଶକ୍ତି ସମ୍ବନ୍ଧୀୟ ପ୍ରୋବ୍ଲେମ ଏବଂ କ୍ୟାନସର ଭଳି ଅସୁବିଧାର କାରଣ ସୃଷ୍ଟି ହୋଇପାରେ। ତେବେ ନିକଟରେ କରାଯାଇଥିବା ଗବେଷଣା ମୁତାବକ ବ୍ଲାଡ଼ରର କୋଷ ଗୁଡ଼ିକ ଭିଟାମିନ ଡି. କୁ ସକ୍ରିୟ କରିବାର କାମ କରିଥାଏ। ଏହା ବଦଳେଇ ପ୍ରତିରକ୍ଷା ମଧ୍ୟ ବଢ଼ି ଯାଇଥାଏ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଯେ ପ୍ରତିରକ୍ଷା ପ୍ରଣାଳୀ କ୍ୟାନସରକୁ ଅଟକାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।



# ୧୯୫ ବର୍ଷ ତଳର ରେନ-କୋଟ୍

ବର୍ଷା ହେଲେ ଛତା ଓ ରେନ-କୋଟ ପ୍ରମୁଖ ଆବଶ୍ୟକତା ପାଲଟିଯାଏ । ଆଜିକାଲି ବିଭିନ୍ନ ବୟସ ଓ ବର୍ଗର ଲୋକ ରେନ -କୋଟ ପିନ୍ଧିବାକୁ ଉଚିତ ମଣୁଛନ୍ତି । ତେବେ ଏଇ ରେନ-କୋଟ ତିଆରି ସର୍ବପ୍ରଥମେ ଆଜିକୁ ୧୯୫ ବର୍ଷ ତଳେ ହୋଇଥିଲା । ୧୮୨୩ ଅକ୍ଟୋବର ୧୨ରେ ବିଶ୍ୱର ପ୍ରଥମ ରେନ-କୋଟ ତିଆରି ହୋଇଥିଲା । ସ୍କଟଲାଣ୍ଡର ଜନୈକ ବିଶେଷଜ୍ଞ ଚାର୍ଲସ ମ୍ୟାକିନଟୋସ 'ତାପୁଲିନ' ଫ୍ୟାବ୍ରିକରେ ଏଇ ରେନକୋଟ ତିଆରି କରିଥିଲେ । ଗତ କିଛି ବର୍ଷ ମଧ୍ୟରେ ବିଶ୍ୱର ନାମୀ କମ୍ପାନୀଗୁଡ଼ିକ ବିଭିନ୍ନ ଡିଜାଇନର ରେକୋଟ ତିଆରି କରି ବଜାର ପ୍ରବେଶ କରାଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି
୪
ବାଲେଶ୍ୱର
୧୩ ମଇ ୨୦୨୩, ଶନିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପ୍ରଭାବିତ ମାନସିକତା...

ଏଇ ମାତ୍ର ଦୁଇଦିନ ପୂର୍ବେ କର୍ଣାଟକବାସୀ ରାଜ୍ୟର ଶାସନକର୍ତ୍ତାଙ୍କୁ ବାଛିବା ପାଇଁ ମତଦାନ କରିଛନ୍ତି । ଫଳାଫଳ ଆଜି ଅର୍ଥାତ୍ ୧୩ ତାରିଖରେ ଘୋଷିତ ହେବା ଆଶା କରାଯାଉଛି । ଚଳିତ ବର୍ଷ କେବଳ ଏଇ ରାଜ୍ୟ ନୁହେଁ, ଆହୁରି କେତେକ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଆଉ ଏଇସବୁ ନିର୍ବାଚନ ସରୁ ସରୁ ୨୦୨୪ ଲୋକସଭା ନିର୍ବାଚନର ବିଗୁଲ ବାଜିବ । ଚଳିତ କର୍ଣ୍ଣାଟକ ନିର୍ବାଚନର ସ୍ଥିତିକୁ ଦେଖି ଗୋଟିଏ ଚିନ୍ତାଧାରାର ଲୋକମାନେ ଯୁକ୍ତି ଦର୍ଶାଉଛନ୍ତି ଯେ ଏହି ରାଜ୍ୟକୁ ମିଶାଇ ଆଗାମୀ ସମୟରେ ହେବାକୁ ଯାଉଥିବା ରାଜ୍ୟଗୁଡ଼ିକର ନିର୍ବାଚନ ଫଳାଫଳ ୨୦୨୪ ସାଧାରଣ ନିର୍ବାଚନ ବେଳକୁ ଜାତୀୟ ସ୍ତରରେ ଭୋଟରମାନଙ୍କ ମାନସିକତାକୁ ପ୍ରଭାବିତ କରିବ ଏବଂ ଏସବୁର ଫଳାଫଳ ରାଜନୀତିକ ଦଳମାନଙ୍କ ପାଇଁ ଏକ ସତର୍କ ଘଣ୍ଟି ସଦୃଶ କାମ କରିବ । ଏକଥା ଯେତିକି ସରଳ ଓ ସହଜ ଭାବରେ କୁହାଯାଉଛି, ବାସ୍ତବତା କିନ୍ତୁ ସେତେ ସରଳ ଓ ସହଜ ହୋଇ ନପାରେ। ଅତୀତର ଘଟଣାବଳୀକୁ ଅବଲୋକନ କରାଯାଉ । ୨୦୧୯ର ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ବିଜେପି ହାତରୁ ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ରାଜସ୍ଥାନ ବିଧାନସଭାଗୁଡ଼ିକର ଫଳାଫଳକୁ ଛଡ଼ାଇ ନେଇ ଏହି ସଂସଦୀୟ ନିର୍ବାଚନକୁ ଏକ କଡ଼ାକଡ଼ି ସଂଘର୍ଷରେ ପରିଣତ କରିବାର ଆଶା ସଂଚାର କରିଥିଲା । କିନ୍ତୁ ବିଜେପି ରଥର ଚକ ସବୁ ଆଶା ଆଶଙ୍କାକୁ ଦଳି ମକଚି ତା'ର ପୂର୍ବ ୨୦୧୪ ନିର୍ବାଚନ ଅପେକ୍ଷା ବି ଅଧିକ ଆସନରେ ବିଜୟ ଲାଭ କରି ପୁଣିଥରେ ଶାସନ କ୍ଷମତାକୁ ଫେରିଥିଲା । ସେହିଭଳି ନିର୍ବାଚନୀ ପ୍ରତିଦ୍ୱନ୍ଦ୍ୱିତାଗୁଡ଼ିକ ସବୁବେଳେ ରାଜନୀତିକ ଦଳମାନଙ୍କ ମଧ୍ୟରେ ଜଟିଳତାବିହୀନ ବା ସରଳ ଲଢ଼େଇ ହେବ ବୋଲି କିଛି ମାନେ ନାହିଁ । ଏହାର କାରଣ ଦ୍ୱନ୍ଦ୍ୱାତ୍ମକ ଦୃଷ୍ଟିକୋଣଗୁଡ଼ିକ ମଧ୍ୟ ଏହି କ୍ଷେତ୍ରରେ ଅନେକ କିଛି ଗୁରୁତ୍ୱ ରଖିଥାଏ । କର୍ଣ୍ଣାଟକ ଏଇଭଳି ଦୁଇଗୋଟି ଦ୍ୱନ୍ଦ୍ୱାତ୍ମକ ଦୃଷ୍ଟିକୋଣ ମଧ୍ୟରେ ଏକ ଭୂମିଗତ ପ୍ରତିଯୋଗିତାକୁ ପରିଲକ୍ଷିତ କରିଛି । ବିଜେପି, ଯାହା ପର୍ଯ୍ୟାପ୍ତ ପରିମାଣର ଦୁର୍ନୀତିର ଅଭିଯୋଗ ଯୋଗୁଁ ଜନସାଧାରଣଙ୍କ ମଧ୍ୟରେ ଲୋକପ୍ରିୟତା ହରାଇ ଥିବା ଜାଣି ନିଜକୁ ଦୁର୍ବଳ ହୋଇଥବା ଅନୁଭବ କରିଥିଲା, ତାହା ଧ୍ରୁବୀକରଣ ଉପରେ ନିର୍ଭର କରିବାର ଉଦ୍ୟମ କରିଛି। ବିଜେପି ନେତୃବୃନ୍ଦଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଅନେକଗୁଡ଼ିଏ ବିବୃତି ସଂଖ୍ୟାବାଦୀ ଧାରାକୁ ପଛକୁ ଫେରାଇ ଆଣିବା ପାଇଁ ଦାୟୀ ହୋଇଥିଲା । ଏହି ଦୁର୍ବଳତାର ସୁଯୋଗ ନେଇ କଂଗ୍ରେସ ଜନକଲ୍ୟାଣ ସହିତ ସମ୍ପର୍କ ରଖିଥିବା ଦାବିଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା । ଅର୍ଥାତ୍ ଗୋଟିଏ ପକ୍ଷରେ ଧ୍ରୁବୀକରଣ ଓ ଅନ୍ୟ ପକ୍ଷରେ ଜନକଲ୍ୟାଣ କର୍ଣ୍ଣାଟକ ନିର୍ବାଚନରେ ବୈତରଣୀ ପାର ହେବାକୁ ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଭାବରେ ଦେଖିବାକୁ ମିଳିଛି । ମନେହୁଏ ଏଇ ଧାରା- ଜୀବନ ଜୀବିକା ପ୍ରସଙ୍ଗ ବିରୁଦ୍ଧରେ ଉପସ୍ଥାପିତ ଧାର୍ମିକ ପ୍ରୋତ୍ସାହନ- ନିକଟ ଭବିଷ୍ୟତରେ ଅନୁଷ୍ଠିତ ହେବାକୁ ଯାଉଥିବା ଅନେକଗୁଡ଼ିଏ ନିର୍ବାଚନରେ ଉପସ୍ଥାପିତ ହେବାକୁ ଯାଉଛି ବା କାମରେ ଲଗାଯିବା ଆଶା କରାଯାଉଛି। କଂଗ୍ରେସ ଅବଶ୍ୟ ଆଶା କରିବ ଯେ କଲ୍ୟାଣବାଦ ଦୃଷ୍ଟିକୋଣ ଏହା ପାଇଁ ଆବଶ୍ୟକୀୟ ରାଜନୀତିକ ଲାଭ ବହନ କରି ଆଣିବ । ତେବେ ସୂଚାଇ ଦିଆଯାଇପାରେ କି ଏଇ ଜୀବନ ଜୀବିକା ପ୍ରସଙ୍ଗ ସବୁବେଳେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟ କ୍ଷେତ୍ରରେ ଭିନ୍ନ ହୋଇଥାଏ। ସେ ଯାହାହେଉ, କଂଗ୍ରେସ ଓ ଅଣ-ବିଜେପି ଦଳମାନେ ଯଦି ଉପରୋକ୍ତ ପ୍ରସଙ୍ଗର ଆଶ୍ରୟ ନିଅନ୍ତି, ତା'ହେଲେ ବିଜେପି ଏହାର ବିରୋଧୀମାନଙ୍କ ତରଫରୁ ଏ ବାବଦରେ ମୁକାବିଲାର ଆହ୍ୱାନ ପାଇବା ସହିତ ଚିନ୍ତାର ଅନ୍ୟ ଏକ କ୍ଷେତ୍ରରେ ନିଜକୁ ଆବିଷ୍କାର କରିବ । ବିଜେପିର ସର୍ବବରିଷ୍ଠ ଛାମୁଆ ନେତା, ଶ୍ରୀଯୁକ୍ତ ମୋଦୀ ସବ୍‌ସିଡି ବା ରିହାତିଗୁଡ଼ିକ ଭଳି ଜନକଲ୍ୟାଣକାରୀ ପଦକ୍ଷେପଗୁଡ଼ିକୁ କେବଳ ଖାରଜ ନୁହେଁ, ବରଂ ବସ୍ତୁତଃ ଏକ ପ୍ରକାରର ଅଧଃପତନର ପଥ କହି ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଉଦ୍ୟମ ଚଳାଇ ଆସୁଛନ୍ତି । ବିଜେପିର ଆଉ ଏକ ଦାବି ହେଉଛି- ଏହା ଦୁର୍ନୀତିକୁ କୌଣସି ପରିସ୍ଥିତିରେ ମଧ୍ୟ ସହ୍ୟ କରେନାହିଁ । ତେବେ ଏକଥା କେତେଦୂର ସତ୍ୟ, ତାହା କର୍ଣ୍ଣାଟକରେ ଉନ୍ମୋଚିତ ହୋଇ ସାରିଛି । ତେଣୁ କର୍ଣ୍ଣାଟକରେ ଯଦି ନିର୍ବାଚନରେ ପରାଜିତ ହୁଏ, ତା'ହେଲେ ଏହା ପୁଣିଥରେ ନିଜର ବିଭାଜନକାରୀ କାର୍ଯ୍ୟସୂଚୀର ଆଶ୍ରୟ ନେବ କି ନାହିଁ, ତାହା ଦେଖିବାକୁ ବାକି ରହିଛି । ଯଦି ଏହା ସେପରି କାର୍ଯ୍ୟ କରେ, ତେବେ ଭାରତର ସାମାଜିକ ସଂରଚନା ଉପରେ ଚାପ ବଢ଼ିବାର ସମ୍ଭାବନା ରହିବ । ତେଣୁ ବିରୋଧୀମାନେ ଏହାର ପ୍ରତିଜବାବ ନିମନ୍ତେ ପ୍ରସ୍ତୁତ ରହିବା ଉଚିତ ହେବ । ତେବେ ପ୍ରଶ୍ନ ଉଠେ, ଏହା କ'ଣ ସବୁକା ସାଥ୍ ସବ୍‌କା ବିକାଶ ପାଇଁ ଅଧିକ ପ୍ରତିବଦ୍ଧତାର ଏକ ନିଦର୍ଶନ ହେବ ? କର୍ଣ୍ଣାଟକରେ ନିକଟ ଅତୀତର ବର୍ଷମାନଙ୍କରେ ଅନ୍ୟ ଏକ କଥା ମଧ୍ୟ ଦେଖିବାକୁ ମିଳିଛି । ତାହା ହେଉଛି, ସହରାଞ୍ଚଳରେ ମତଦାନର ହାର। ୨୦୧୯ରେ ବେଙ୍ଗାଲୁରୁର ମତଦାନ ହାର ରାଜ୍ୟ ହାରାହାରିଠାରୁ ୧୭ ପ୍ରତିଶତ କମ୍ ଥିଲା । ଏହି ଧାରା କେବଳ କର୍ଣ୍ଣାଟକ ଭିତରେ ସୀମିତ ନୁହେଁ, ଦେଶର ଅନ୍ୟାନ୍ୟ ସହରାଞ୍ଚଳରେ ମଧ୍ୟ ଦେଖିବାକୁ ମିଳିଛି । ଏକ ଅଧିକ ବାଗାଡ଼ମ୍ବର ଏବଂ ଆଧୁନିକ ପ୍ରଣାଳୀର ପ୍ରଚାର ସେଥିରେ ପରିବର୍ତ୍ତନ ଆଣିବାରେ ସମର୍ଥ ହେବ କି ? ମୋଟାମୋଟି ଅତୀତରେ ଯେଭଳି ଦେଖିବାକୁ ମିଳିଛି, ରାଜ୍ୟ ବିଧାନସଭା ନିର୍ବାଚନଗୁଡ଼ିକରେ ଭୋଟରମାନେ ସ୍ଥାନୀୟ ପ୍ରସଙ୍ଗଗୁଡ଼ିକ ଉପରେ ଗୁରୁତ୍ୱ ଦେଇ ସଦସ୍ୟମାନଙ୍କୁ ନିର୍ବାଚିତ କରୁଥିବା ବେଳେ ଜାତୀୟ ସ୍ତରରେ କ୍ୱଚିତ୍ ତା'ର ସମାନ ଧରଣର ପ୍ରତିଫଳନ ଘଟିଥାଏ । ତେଣୁ ବର୍ତ୍ତମାନ କାଳ ଯେ ସବୁ କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତକୁ ଆମନ୍ତ୍ରଣ କରି ଆଣିବ, ତା'ର କ୍ୱଚିତ୍ କିଛି ନିଶ୍ଚିତତା ରହିଛି।

# ଦି କେରଳା ଷ୍ଟୋରୀର ଭୟାବହ ସତ

ଡ. ସମନ୍ୱୟ ନନ୍ଦ



ବେଳେ ବେଳେ ସତ ଉପରେ ପରଦା ପରଦା ପକାଇ ରଖା ଯାଇଥାଏ । କିଛି ଶକ୍ତି ସେହି ପରଦାକୁ ଉଠାଇବାକୁ ଦେଇ ନଥାନ୍ତି । ସେହି ପରଦା ପଛରେ ଥିବା ଘଟଣା ଓ କାହାଣୀ ସମ୍ପର୍କରେ ଆଲୋଚନା କରିବାକୁ ମଧ୍ୟ ବାରଣ କରାଯାଇଥାଏ । ତଥାକଥିତ ସେକୁଲାର- ଲିବେରାଲ ମାନେ ଜାଣି ଶୁଣି ଏଭଳି ସତ ଉପରେ ପରଦା ପକାଇଥାନ୍ତି । ସେ ବିଷୟରେ ଆଲୋଚନା କଲେ ଏହା ଦ୍ୱାରା ସାଂପ୍ରଦାୟିକ ବିଦ୍ୱେଷର ଭାବନା ସମାଜରେ ଉତ୍ପନ୍ନ ହେବାର ଭୟ ଦେଖା ଯାଇ ତା ଉପରେ ବିମର୍ଶ କରିବାକୁ ଦିଆ ଯାଏ ନାହିଁ । କିନ୍ତୁ ଏହି ପରଦା ପଛର ସତ ଅତ୍ୟନ୍ତ ଭୟଙ୍କର ହୋଇଥାଏ । ଏଭଳି ଏକ ସତ ହେଉଛି ଭାରତରେ ସୁନିୟୋଜିତ ଭାବେ ଚାଲିଥିବା ପ୍ରେମ ନାମରେ ଜିହାଦ । ଦେଶର ଝିଅ ମାନଙ୍କୁ କୌଣସି ଉପାୟରେ ବ୍ରେନ ୱାସ କରି ସେମାନଙ୍କୁ ଇସଲାମରେ କନଭର୍ଟ କରିବା ଓ ସେମାନଙ୍କୁ ରେଡିକାଲାଇଜ କରି ଇସଲାମୀ ଆତଙ୍କବାଦୀ ସଂଗଠନରେ ସାମିଲ କରିବାଠାରୁ ସେମାନଙ୍କୁ ଆଇଏସଆଇଏସ ପରି ଆତଙ୍କବାଦୀ ସଂଗଠନ ମାନଙ୍କର ସେକ୍ସ ସ୍ଲେଭ କରିବା ଯାଏ ଘଟଣାର ସତ । ଏହି ଫିଲ୍ମର ଟ୍ରେଲର ରିଲିଜ ହେବା ପରଠାରୁ ସେକୁଲାର ବର୍ଗର ଲୋକ ମାନେ ଛାତି ପିଟିବା ସହ ଏହା ଉପରେ ରୋକ ଲଗାଇବା ପାଇଁ ଯଥା ସମ୍ଭବ ଚେଷ୍ଟା କରି ସାରିଲେଣି । ଦି କେରଳ ଫାଇଲ୍ସ ଏହି ସତ ଉପରୁ ପରଦା ଉଠାଇ ଦେଇଛି ।

ସତ୍ୟ ଘଟଣା ଉପରେ ଆଧାରିତ ଏହି ଫିଲ୍ମଟି କେରଳ ଓ ପଡୋଶୀ କର୍ଣାଟକର ମାଙ୍ଗାଲୋର ଅଂଚଳରେ ଗତ ଅନେକ ବର୍ଷ ଧରି ଘଟି ଆସୁଥିବା ନୀରିହ ହିନ୍ଦୁ ଓ ଖ୍ରୀଷ୍ଟିଆନ ଝିଅ ମାନଙ୍କର ନିଖୋଜ ହେବାର ଏହା କେବଳ ଭୟାବହ କାହାଣୀ ମାତ୍ର ନୁହେଁ ବାସ୍ତବରେ ଏହା ଜିହାଦର ସେହି ବିଭତ୍ସ ଚିତ୍ର । ଏଭଳି ସତ ଉପରେ କେତେ ଦିନ ଯାଏ ଆଖି ବୁଜି ରହି ହେବ ?

ଇସଲାମୀ ଜେହାଦୀମାନଙ୍କ ହାତରେ ନିଜର ଭାଗ୍ୟ, ଅତୀତ, ବର୍ତମାନ, ଭବିଷ୍ୟତ ଆଦି ସବୁ ହରାଇ ସାରିଥିବା ହିନ୍ଦୁ ଓ ଖ୍ରୀଷ୍ଟିଆନ ଯୁବତୀ ମାନଙ୍କର କାହାଣୀ ହେଇଛି ଦି କେରଳ ଷ୍ଟୋରୀ । ଏହା ହେଉଛି ଲଭ ଜିହାଦ ଓ କନଭର୍ସନର ସେହି ଦିଗ ଯାହାକୁ ଆମେ ଅନେକ ଲୋକ ଜାଣୁ, ତଥାପି ଆଖି ବୁଜି ଦେଉ । ଆଖି ବୁଜିବାକୁ ଆମେ ବୋଧ ହୁଏ ଭଲ ବୋଲି ମନେ କରୁ । ଏହି ସିନେମା ଜରିଆରେ ସେହି ସତ ବାହାରକୁ ଆସିଛି ।

ଏହି ସିନେମା ବିଷୟରେ ଯଦି ସଂକ୍ଷେପରେ କୁହା ଯିବ ତେବେ ଏହା ତିନି ଜଣ ଝିଅଙ୍କ କାହାଣୀ ଯେଉଁ ମାନଙ୍କୁ ଇସଲାମୀ ଧର୍ମାନ୍ତରୀକରଣର ଜାଲରେ ଫସାଇ ଦିଆଯାଏ । ସେମାନଙ୍କର ହ୍ୟୁମାନ ଟ୍ରାଫିକିଂ କରାଯାଇ ସେମାନଙ୍କୁ ଆଇଏସଆଇଏସ ଆତଙ୍କବାଦୀ ଗଡକୁ ପଠାଇ ଦିଆଯାଏ । ସେମାନଙ୍କୁ ସେଠାରେ ଯୌନ ଦାସୀ କରି ଦିଆଯାଏ । ସିନେମାରେ ଯାହା ଘଟେ, ଯାହା ବାସ୍ତବିକତା ରହିଛି ତାକୁ ପ୍ରଦର୍ଶିତ କରାଯାଇଛି । ନିଜକୁ ମିଛରେ ନିରପେକ୍ଷ ବୋଲି ଦେଖାଇ ହେବାକୁ ଆଦୌ ଚେଷ୍ଟା କରାଯାଇ ନାହିଁ।

ଏହି ଫିଲ୍ମରେ ଆଫଗାନିସ୍ତାନର ଯେଉଁ ଦୃଶ୍ୟ ଦେଖା ଯାଇଛି ତାହା ବାସ୍ତବିକ ଲାଗୁଛି । ମହିଳା ମାନଙ୍କୁ ଇସଲାମରେ କଟ୍ଟରପନ୍ଥୀ ମାନେ ଉପଭୋଗର ବସ୍ତୁ ଠାରୁ ଅଧିକ କିଛି ମନେ କରନ୍ତି ନାହିଁ, ତାକୁ ଏହି ସିନେମାରେ ଆଇଏସଆଇଏସ ଓ ତାଲିବାନ ସମ୍ପର୍କିତ ଦୃଶ୍ୟରୁ ସ୍ପଷ୍ଟ ଭାବେ ଦେଖା ଯାଇ ପାରେ । ଇସଲାମୀ ଶରିୟା ଆଇନ ନାମରେ ଯେଉଁ ବିଭତ୍ସତା ଓ କ୍ରୁରତା କରାଯାଏ ତାହା ମଧ୍ୟ ଏହି ଫିଲ୍ମରୁ କେହି ଦେଖି ପାରିବେ । ଏହା ଛଡା ଲଭ ଜିହାଦ ପଛରେ କିଭଳି ମୁଲ୍ଲା- ମୌଲାନା ମାନେ ରହିଥାନ୍ତି ଓ ସେମାନଙ୍କର କେଉଁ ଭଳି ନେଟୱର୍କ ରହିଥାଏ ଓ ସେମାନଙ୍କୁ କିପରି ବିଦେଶୀ ଫଣ୍ଡିଂ ମିଳେ ତାର ମଧ୍ୟ ଝଲକ ଏହି ସିନେମାରେ ମିଳି ପାରିବ ।

ଫିଲ୍ମରେ ଲଭ ଜିହାଦ ଓ ବ୍ରେନ ୱାସ ହେବାର ଶୀକାର ହୋଇଥିବା ଝିଅ ମାନଙ୍କର ପରିବାରର ବ୍ୟଥାକୁ ଅତ୍ୟନ୍ତ ମାର୍ମିକ ଭାବେ ଚିତ୍ରଣ କରାଯାଇଛି । ଲଭ ଜିହାଦର ଶୀକାର ହୋଇଥିବା ଝିଅ ମାନଙ୍କୁ ହରାଇ ମାତା ପିତା ମାନେ କେତେ ମାନସିକ କଷ୍ଟ ପାଇଥାନ୍ତି ତାକୁ ଏହି ସିନେମା ଭଲ ଭାବେ ଦେଖାଇଛି ।

ଏହା ଲଭ ଜିହାଦର ସେହି ସାମାନ୍ୟ ସ୍ୱରୂପ ନୁହେଁ, ଯାହାର ଉଦ୍ଦେଶ୍ୟ ଜନସଂଖ୍ୟାର ଢାଂଚାକୁ ପରିବର୍ତନ କରିବା । ଇସଲାମ ମତାବଲମ୍ବୀ ମାନଙ୍କର ସଂଖ୍ୟା ବୃଦ୍ଧି କରି ଡେମୋଗ୍ରାଫୀରେ ପରିବର୍ତନ କରିବା । ବରଂ ସେହି କନଭର୍ଟ ହୋଇଥିବା ଜନସଂଖ୍ୟାକୁ ତାର ଶେଷ ଲକ୍ଷ୍ୟ ଆତଙ୍କବାଦ ଯାଏ ନେଇଯିବାର ଏହା ହେଉଛି ଲକ୍ଷ୍ୟ ।

ତେବେ ଏହା ପଛର ଶକ୍ତି ମାନଙ୍କର ଚିତ୍ରଣ କରିବା ଏତେ ସହଜ କଥା ନୁହେଁ । ଏହି ଲଭ ଜିହାଦ ଇଣ୍ଡଷ୍ଟ୍ରୀ ପଛରେ ଯେଉଁ ଲୋକ, ସଂଗଠନ ଆଦି ରହିଛନ୍ତି ସେମାନଙ୍କର ଆନ୍ତର୍ଜାତିକ ନେଟୱର୍କ ରହିଛି । ସେମାନଙ୍କ ନିକଟରେ ପ୍ରବଳ ଅର୍ଥ ରହିଛି ଓ ଜନ୍ନତ ପ୍ରାପ୍ତ କରାଇବାର ସ୍ୱପ୍ନ ମଧ୍ୟ ରହିଛି । ଏହି ଇଣ୍ଡଷ୍ଟ୍ରି ପ୍ରତ୍ୟେକ ସମୟରେ ନିଜର ରାସ୍ତା ଓ ପ୍ରକ୍ରିୟା ବଦଳାଇବା ମଧ୍ୟ ଜାଣିଛି ।

ଭାରତରେ ଏଭଳି ଲୋକ ଖୁବ ଅଛନ୍ତି ଯେଉଁ ମାନେ ଲଭ ଜିହାଦର ବାସ୍ତବିକତାକୁ ସ୍ୱୀକାର କରନ୍ତି ନାହିଁ। ଏହାକୁ ସେମାନେ ରାଜନୈତିକ ଚଷମାରେ ଦେଖିଥାନ୍ତି । ସେମାନେ ଲଭ ଜିହାଦ ଓ ଏଭଳି ଫିଲ୍ମକୁ ବିଷାକ୍ତ, କାଳ୍ପନିକ ଭ୍ରାମକ ବୋଲି କହିଥାନ୍ତି । ଭାରତର ତଥାକଥିତ ମେନ ଷ୍ଟ୍ରିମ ମିଡିଆ ମଧ୍ୟ ଏପରି ମନେ କରେ । ଏହି ଫିଲ୍ମକୁ ନେଇ ଅନେକ ପ୍ରକାର ଅଭିଯୋଗ ଅଣାଯାଇଥିଲା । ହେଲେ ବାସ୍ତବିକତା ହେଲା ଯେ ଏହି ଫିଲ୍ମକୁ ତିଆରି କରିବା ପୂର୍ବରୁ ଗଭୀର ଅନୁସନ୍ଧାନ କରାଯାଇଛି । ଗଭୀର ରିସର୍ଚ କରିବା ପରେ ହିଁ ଫିଲ୍ମ ନିର୍ମାଣ କରାଯାଇଛି ।

ଏହି ସିନେମାରେ ଅତ୍ୟନ୍ତ ନିଖୁଣ ଭାବେ ସେହି ଘଟଣାବଳୀ ଓ ପରିସ୍ଥିତିର ଚିତ୍ରଣ କରାଯାଇଛି ଯେଉଁଥିରେ ଅଧିକାଂଶ ହିନ୍ଦୁ ଝିଅଙ୍କୁ ଟାର୍ଗେଟ କରାଯାଇଥାଏ, ଏକ ସୁସଂଗଠିତ ଇକୋ ସିଷ୍ଟମ ଦ୍ୱାରା ସେମାନଙ୍କୁ ଇସଲାମରେ କନଭର୍ଟ ହେବାକୁ ପ୍ରେରିତ କରାଯାଇଥାଏ ଓ ଇସଲାମୀ ଷ୍ଟେଟର ଯୌନ ଦାସୀ ହେବା ପାଇଁ ସିରିଆର ଯୁଦ୍ଧ କ୍ଷେତ୍ରକୁ ଆତଙ୍କବାଦୀ ମାନଙ୍କର ମନୋରଂଜନ ପାଇଁ ପଠାଇ ଦିଆଯାଇଥାଏ ।

ଏହି କେରଳ ଷ୍ଟୋରୀ ଫିଲ୍ମଟି ଅନେକ ଦିଗକୁ ସାମନାକୁ ଆଣି ପାରିଛି । ସ୍ୱାଭବିକ ଭାବେ ପ୍ରଥମ ଟି ହେଉଛି ଲଭ ଜିହାଦ । ଦ୍ୱିତୀୟ ବିଷୟଟି ହେଲା ହ୍ୟୁମାନ ଟ୍ରାଫିକିଂ । ତୃତୀୟ ବିଷୟ ଟି ହେଉଛି ଆତଙ୍କବାଦ । ଚତୁର୍ଥ ବିଷୟଟି ହେଉଛି ଆତଙ୍କବାଦର ଚେର ଲମ୍ବିଥିବା ନେଟୱର୍କର । ପଂଚମ ବିଷୟଟି ହେଲେ ଭାରତ ପାଇଁ ଜାତୀୟ ସୁରକ୍ଷା ପ୍ରତି ଆସିଥିବା ବିପଦ । ଭାରତର ଝିଅ ମାନଙ୍କର ଶୋଷଣ ଓ ପୀଡା ହେଉଛି ଷଷ୍ଠ ବିଷୟ । ଏହି ସିନେମାରେ ଯାହା ଦେଖା ଯାଇଛି ତାହା କେବଳ କେରଳ ଯାଏ ସୀମିତ ନୁହେଁ । ବିଶ୍ୱର ଅନେକ ଦେଶରେ ଏହି ଭଳି ଭାବେ କାମ କରୁଛି ଓ ଏକ ଆନ୍ତର୍ଜାତିକ ସମସ୍ୟାକୁ ଏହି ଫିଲ୍ମ ସ୍ପର୍ଶ କରୁଛି ।

ଇସଲାମିଷ୍ଟ-ସେକୁରାଲ ଓ ଲିବରାଲ ମାନେ ଯେତେବେଳେ ଏହି ଅକାଟ୍ୟ ପ୍ରମାଣ ଓ ତଥ୍ୟର କାଟ ପାଉ ନାହାନ୍ତି ସେତେବେଳେ ସେମାନେ କହିଛନ୍ତି ଯେ ଫିଲ୍ମରେ ଯେଉଁ ୩୨ ହଜାର ଝିଅ ମାନଙ୍କ କନଭର୍ସନ କରି ସିରିଆ ପଠାଇବା କଥା କୁହାଯାଉଛି, ସେହି ତଥ୍ୟ ଠିକ୍ ନୁହେଁ । ତେଣୁ ଏହି ଫିଲ୍ମ ଏକ ପ୍ରପାଗଣ୍ଡା ଫିଲ୍ମ। ଏହା ଏହି ସେକୁଲାର ମାନଙ୍କର ହିନ୍ଦୁଙ୍କ ପ୍ରତି ଚରଣ ଘୃଣାକୁ ସ୍ପଷ୍ଟ ରୂପେ ପ୍ରଦର୍ଶିତ କରୁଛି । ୩୨ ହଜାର କାହିଁକି ଯଦି ଗୋଟିଏ ଝିଅ ସହିତ ଏପରି ହୋଇଛି, ଯେପରିକି ଏହି ଫିଲ୍ମରେ ଦର୍ଶା ଯାଇଛି, ତା ହେଲେ କଣ ଏହାକୁ ନେଇ ଫିଲ୍ମ ତିଆରି ହେବା ଉଚିତ ନୁହେଁ, ଲୋକ ମାନଙ୍କୁ ଏ ବିଷୟରେ ଜଣାଇବା ଉଚିତ ନୁହେଁ ? ଗୋଟିଏ ଝିଅ ପ୍ରତି ଏଭଳି ନୃଶଂସ ବର୍ବର ବ୍ୟବହାର କଣ ଆଲୋଚନାର ବିଷୟ ବସ୍ତୁ ହେବା ଉଚିତ ନୁହେଁ ? ସେହି ଝିଅ ଓ ତାଙ୍କ ପରିବାର କିଭଳି ମାନସିକ ନିର୍ଯ୍ୟାତନାର ଶୀକାର ହୋଇଥାନ୍ତି ତାକୁ ନେଇ କଣ ସମାଜରେ ଚର୍ଚା ହେବା ଉଚିତ ନୁହେଁ? ଜଣଙ୍କୁ କେହି ହିନ୍ଦୁତ୍ୱର ନାରା ଦେଇ ଗୋଟିଏ ଚାପୁଡା ମାରି ଦେଇଥିବାର ମିଛ ଅଭିଯୋଗକୁ ନେଇ ସାରା ଦେଶରେ ସପ୍ତାହ ସପ୍ତାହ ଧରି ଚର୍ଚା କରାଉଥିବା ଏହି ସେକୁଲାର ବ୍ରିଗେଡ ହିନ୍ଦୁ ଝିଅ ମାନଙ୍କର ପାଇଁ କୌଣସି ପ୍ରକାର ଚର୍ଚା ହେଉ ସେମାନେ ତାହା ଚାହାନ୍ତି ନାହିଁ।

କେରଳ ଷ୍ଟୋରୀ ସିନେମାରେ ଭାରତୀୟ ସମାଜ ପ୍ରତି ଯେଭଳି ଭାବେ ଭିତରୁ ଆକ୍ରମଣ କରାଯାଉଥିବା ଦର୍ଶା ଯାଉଛି, ତାହା ଅନେକ କିଛି କହୁଛି । ବାସ୍ତବରେ ଏହା ହେଉଛି ଏକ ସାଂସ୍କୃତିକ ନରସଂହାର ଯାହା କ୍ଷଣକରେ ହୁଏ ନାହିଁ, ବରଂ ଏହା ସମ୍ପୂର୍ଣ୍ଣ ସମାଜକୁ ଧୀରେ ଧୀରେ ଦୁଃଖଭରା ଓ ଭୟଙ୍କର ମୃତ୍ୟୁ ଆଡକୁ ନେଇଯାଏ । ସଚେତନତା ହିଁ ଏଥିରୁ ବର୍ତିବାର ଏକମାତ୍ର ଉପାୟ । ଏହା ହିଁ କେରଳ ଷ୍ଟୋରୀ ଫିଲ୍ମ ଶିକ୍ଷା ପ୍ରଦାନ କରେ ।

# 'ମନୁଷ୍ୟ ଜୀବନେ ଏ ଲାଭ, ଯଦି ଗୋବିନ୍ଦେ କରେ ଭାବ'



ଅଲେଖ ଚନ୍ଦ୍ର ସାମଲ

ଜନ୍ମ ମୃତ୍ୟୁର ନିଗୁଢ଼ ବ୍ୟୁହଭେଦ ମାନବର ସୀମିତ ମନବୃଦ୍ଧିର ଅଗୋଚର। ଏ ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ ବାସ୍ତବରେ ଯିବାଟା ହିଁ ସତ୍ୟ ଯାହା ପ୍ରମାଣ କରେ ପୁଣି ଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ୍ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିକୁ ପଦଚିହ୍ନ ଛାଡ଼ି ଯାଆନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ଗୀତାରେ ଭଗବାନ କହିଛନ୍ତି 'ଯିଏ କାହାକୁ ପୀଡ଼ା ନଦିଏ ତାକୁ କେହି ପୀଡ଼ା ଦିଏ ନାହିଁ। ଯିଏ ହସ ଓ ବିଶାଦ ଭାବ ଛାଡ଼ି ବିଶ୍ୱକୁ ବ୍ରହ୍ମମୟ ଦେଖେ ତାର ମନରେ ଭୟ ନଥାଏ, ସେ ମୋର ପ୍ରିୟ ଅଟେ।' 'ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ, କର୍ମେ ଯିଏ ନର କର୍ମ ଏକା ତାର ଜୀବନର ମାନ ଦଣ୍ଡ' - ଦୁର୍ଲ୍ଲଭ ମଣିଷ ଜୀବନର ସଫଳତା କେବଳ କର୍ମ ଉପରେ ହିଁ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣା କରାଗଲା ତାହା କେବେହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇନପାରେ। ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମ ତତ୍ପର ଜୀବନଯାପନ ଓ ସାଧୁ ଆଧ୍ୟାତ୍ମିକ ତଥା ମାନବୀୟ ମୂଲ୍ୟବୋଧ ଜୀବନ ଯାପନ ପ୍ରକୃତ ମାନବିକତାର ପରିଚୟ। ପ୍ରକୃତ ମାନବ ସେବା ପାଇଁ ଲୋକବଳ, ଆର୍ଥିକ ସ୍ୱଚ୍ଛଳତା, ସରକାରୀ ସାହାଯ୍ୟ ଆବଶ୍ୟକ ନାହିଁ। କେବଳ ନିରହଂଭାବ, ଭଗବତ ପ୍ରେମ, ସେବା ମନୋବୃତ୍ତି, ପ୍ରେମ - ପ୍ରଶାନ୍ତ, କ୍ଷମା ଓ ତ୍ୟାଗଭାବ ଉପରେ ଆଧାରିତ ବଳିଷ୍ଠ ମନୋବୃତ୍ତି ହିଁ ସମାଜକୁ ବଦଳାଇବାରେ ସହାୟକ ହୋଇପାରିବ। ଭକ୍ତି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଳେଷଣ ଏବଂ ତାଙ୍କର ନିଜସ୍ୱ ଶକ୍ତି, ସମୟ, ଜ୍ଞାନ, ସମ୍ପତ୍ତିର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ଦୁର୍ଯ୍ୟୋଧନ ପିଉସାଙ୍କ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଅତିବାହିତ କରିଛନ୍ତି। ଯାହା ସମଗ୍ର ମାନବ ଜାତିକୁ ସବୁ ସମୟରେ ପ୍ରେରଣା ଯୋଗାଇବ।

ତାଙ୍କ ଜୀବନର ପଦପାତ ହୋଇଥିଲା ତତ୍କାଳୀନ କଟକ ଜିଲ୍ଲା ମାହାଙ୍ଗା ସନ୍ନିକଟ ହଳଧରପୁରରେ ୧୯୪୦ ମସିହା ନଭେମ୍ବର ୨୧ ତାରିଖରେ। ଜଣେ ମେଧାବୀ ଓ ପ୍ରବୀଣ ଛାତ୍ର ଭାବେ ସେ ସମୟର ପ୍ରଖ୍ୟାତ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ଅର୍ଥଶାସ୍ତ୍ରରେ ସ୍ନାତକ ଶିକ୍ଷା ସମାପନ କରିଥିଲେ। ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ଅନୁସଚିବ ଭାବେ ଅବସର ନେବା ପରେ ତାଙ୍କ କର୍ମମୟ ଜୀବନ ପୂର୍ବବତ୍ ତତ୍ପର ଥିଲା। ଜଣେ ପରୋପକାରୀ, ବନ୍ଧୁବତ୍ସଳ ଓ ଅମାୟିକ ସ୍ୱଭାବର ତାଙ୍କ ବ୍ୟକ୍ତିତ୍ୱ। ମେଧାବୀ ଛାତ୍ର ଜୀବନ ଠାରୁ ତାଙ୍କ ଜୀବନର ପ୍ରତିଟି କ୍ଷେତ୍ରକୁ ସେ ପୁଷ୍ପିତ ଓ ସୁଶୋଭିତ କରିଛନ୍ତି। ଜଣେ ଭଲ ପୁତ୍ର, ଭଲ ସ୍ୱାମୀ, ଭଲ ପିତା, ଭଲ କର୍ତ୍ତବ୍ୟନିଷ୍ଠ କର୍ମଚାରୀ, ଭଲ ବନ୍ଧୁ ସବୁକିଛିରେ ସେ ପରିପୂର୍ଣ୍ଣ ଥିଲେ। ଆରାଧ୍ୟ ଦେବତା ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସେ ଶରଣାପନ୍ନ ଥିଲେ। ବୃତ୍ତିଗତ କର୍ମଜୀବନ ପୂର୍ବରୁ ଛାତ୍ର ଜୀବନ ସମୟରୁ ମଧ୍ୟ ଯେଉଁମାନେ ତାଙ୍କୁ ପାଖରୁ ଦେଖିଛନ୍ତି ସେମାନେ ଅନୁଭବ କରିଛନ୍ତି ଅର୍ଥଶାସ୍ତ୍ରର ମୌଳିକ ତତ୍ତ୍ୱକୁ ସେ ତାଙ୍କ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ। ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ କାମନାର ସୀମାଙ୍କନ ବାଣୀକୁ ସେ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ। ପିଉସାଙ୍କ ଘରେ ରହି ପାଠପଢ଼ିବା ସମୟ ଠାରୁ ମୋ କର୍ମମୟ ଜୀବନ ଏପରିକି ଅବସର ଜୀବନ ପରେ ମଧ୍ୟ ତାଙ୍କ ଠାରୁ ମୂଲ୍ୟବାନ ପରାମର୍ଶ ପାଉଥିଲି। ଉତ୍କଳ ବିଶ୍ୱବିଦ୍ୟାଳୟରେ ସୋସିଆଲ ସାଇନ୍ସରେ ସ୍ନାତକୋତ୍ତର କରିବା ସହ ଉଚ୍ଚତର ଓ ବିଭିନ୍ନ ପ୍ରତିଯୋଗୀତା ମୂଳକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ତାଙ୍କର ଗୋଟି ଗୋଟି ପରାମର୍ଶ ମୋ ପାଇଁ ଚିର ସ୍ମରଣୀୟ ହୋଇ ରହିଛି। ୧୯୮୬ ମଇ ମାସ ୧୨ ତାରିଖ ଅକ୍ଷୟ ତୃତୀୟା ଦିନ ମୁଁ ଭଞ୍ଜନଗରରେ ମୋ କର୍ମମୟ ଜୀବନ ଆରମ୍ଭ କରିବା ପୂର୍ବରୁ ପିଉସାଙ୍କ ଠାରୁ ଯେଉଁ ମୂଲ୍ୟବାନ ଓ ସମୟୋପଯୋଗୀ ପରାମର୍ଶ ଗ୍ରହଣ କରିଥିଲି ତାହା ମୋ ବୃତ୍ତିଗତ ଜୀବନ ପାଇଁ ଶ୍ରୀମଦ୍ ଗୀତା ଭାଗବତର ବାଣୀ ଠାରୁ କମ ମୂଲ୍ୟବାନ ନଥିଲା। ତାଙ୍କର ପୁତ୍ର ଦିଗବିଜୟ ଭୁବନେଶ୍ୱରସ୍ଥିତ ଓୟୁଏଟିର ଜଣେ ସୁନାମଧନ୍ୟ ବୈଜ୍ଞାନିକ ଓ ପ୍ରଫେସର ଝିଅ ସୁଚିତ୍ରା ରାଜନୀତିର ବିଜ୍ଞାନର ସ୍ନାତକୋତ୍ତର। ତାଙ୍କ ଚଳିତ ମଇ ୭ ତାରିଖରେ ମହାପ୍ରୟାଣ ଘଟିଛି। ଆମ ଠାରୁ ତାଙ୍କ ପାର୍ଥିବ ଶରୀର ଅନ୍ତର୍ନିହିତ ହୋଇଯାଇଛି ସତ ହେଲେ ସେ ଆମ ଅନ୍ତର ଭିତରେ ଆମ ପାଖରେ ହିଁ ସବୁଦିନ ସୂକ୍ଷ୍ମତତ୍ତ୍ୱରେ ଆମକୁ ଠିକ ପୂର୍ବପରି ପରାମର୍ଶ ଦେଇ ଚାଲିବେ।

ଭଗବାନ ଶ୍ରୀ ସତ୍ୟସାଇ ବାବା ଏକ ସମ୍ଭାଷଣରେ କହିଛନ୍ତି - 'ଜନ୍ମ-ମୃତ୍ୟୁର ଚକ୍ରରୁ ମୁକ୍ତି ପାଇବା ପାଇଁ ତୁମ ସମସ୍ତଙ୍କ ହାତରେ ଖଣ୍ଡିଏ ଲେଖାଏଁ ଟିକେଟ ଅଛି ମାତ୍ର ଏଥିପାଇଁ କେଉଁ ଗାଡ଼ିରେ ଚଢ଼ିବାକୁ ହେବ, ତୁମେ ଜାଣି ନପାରି ବାଟବଣା ହେଉଛ। ସଂସାରରୂପୀ ଜଙ୍ଗଲରେ ନାନା ଦୃଶ୍ୟ ଦ୍ୱାରା ଆକୃଷ୍ଟ ହୋଇ ଲକ୍ଷ୍ୟଭ୍ରଷ୍ଟ ହେଉଛ।' ଜୀବ ଆସିଥାଏ ଜୀବ ଯିବା ପାଇଁ। ପ୍ରକୃତିର ଏହି ସ୍ୱତଃ ସିଦ୍ଧ ଶାଶ୍ୱତ ତଥା ଅନନୁଲଂଘନୀୟ ନିୟମକୁ ସମସ୍ତଙ୍କୁ ମାନିବାକୁ ପଡ଼ିବ। ଦୁର୍ଯ୍ୟୋଧନ (ପିଉସା)ଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିର ସ୍ମୃତିପଟ୍ଟରୁ ସେ କେବେହେଲେ ତିରୋହିତ ହୋଇପାରନ୍ତି ନାହିଁ। ଏହି ଭକ୍ତିସିଦ୍ଧ ଦିବ୍ୟାତ୍ମାଙ୍କ ପ୍ରତି ଆମ ଅନ୍ତରର ପ୍ରଦେଶର ଭକ୍ତି ଅର୍ଘ୍ୟ ଅର୍ପଣ କରୁଛି। ପରମାଶାସ୍ତ୍ର ଭାଗବତର ଏକ ଅମୂଲ୍ୟ ପଂକ୍ତିରେ ଭକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣପୂର୍ବକ ଉଲ୍ଲେଖ କରୁଛି ସେହି ଭାଗବତର ବାଣୀଟିକୁ - 'ମନୁଷ୍ୟ ଜୀବନେ ଏ ଲାଭ, ଯଦି ଗୋବିନ୍ଦେ କରେ ଭାବ'।

ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର
ମୋ: ୯୪୩୭୨୫୭୧୨୩




## ସକାଳର ଦୃଶ୍ୟ

ଧ୍ରୁବ ଚରଣ ଘିବେଲା

ସକାଳର ଦୃଶ୍ୟ
ପ୍ରାୟତଃ ଚିରାଚରିତ
ନଥାଏ ବିଶେଷ ବ୍ୟତିକ୍ରମ
ଶୀତ ସକାଳେ ଖାଲି କୁହୁଡ଼ି ମାଡ଼େ
ମାଟିଠୁ ଆକାଶ ପର୍ଯ୍ୟନ୍ତ
ମାଟି ବି ଭିଜେ କାକରରେ
ବର୍ଷାକାଳେ ଭାସେ ବଉଦ ଖଣ୍ଡ
ନୀଳ ଗଗନରେ
ନହେଲେ ସବୁଦିନ ପ୍ରାୟ ସମାନ ।

ଦଳ ଦଳ ଖାଦ୍ୟ ସନ୍ଧାନୀ ପକ୍ଷୀ
ଉଡିଯାଉଥାନ୍ତି ଡେଣା ଝାଡ଼ି
ପକ୍ଷୀଙ୍କ ମୁହଁରେ ସେଇ କିଚିରି ମିଚିରି
ଅବୁଝା ସଂଗୀତ
ଦେଉଳ ବେଢ଼ାରୁ ଶୁଭେ
ଶୁଭ ଶଙ୍ଖ ଘଣ୍ଟ ବାଦ୍ୟ
ଗୋଠମୁହାଁ ଗୋରୁପଲଙ୍କ
ଲମ୍ବା ହମ୍ବା ରଡ଼ି
ଟିଉସନମୁହାଁ ପିଲାଙ୍କ ରହେ ଛୋଟ
ଧାଡ଼ି
ମର୍ଣ୍ଣିଙ୍ଗ ୱାକରେ ଯାଉଥିବା ଲୋକଙ୍କ
ନୀରବ ଶୋଭାଯାତ୍ରା
ଏସବୁ ସବୁ ସକାଳର
ନିତିଦିନିଆ କଥା ଗାଥା ।

କିଛି ସକାଳୁଆ ସହରୀ ଚିତ୍ର
କେବେଠୁ ଗାଆଁରେ ହେଲାଣି
ପରିଲକ୍ଷିତ
ଖରା ଯୋଗୁଁ ସକାଳେ
ଚା' ଦୋକାନରେ କମୁଚି
ଗହଳ ଚହଳ
ରହୁଛି ଫାଙ୍କା
ଖୋଲିଲାଣି ଲସିବାର ଖରାକୁ ।

ଗାଆଁ ପୋଖରୀ ତୁଠରେ
ମାଇପିଙ୍କ ଭିଡ଼ ଜମେ ନିତି ସକାଳେ
ତୁଠପଥର ଦେହରେ
ଅଳତାରଙ୍ଗର ପାଦମାନଙ୍କର
ଘଷା ମଜା ଭିତରେ
କେତେ କଥା ପଡ଼େ
ଅମୁକ ଘର ମଙ୍ଗୁଳି କନ୍ୟାର
ପ୍ରେମିକ ସହ ଫେରାର ମାରିବା ନେଇ
ତାଜା ଆଲୋଚନା ଜମେ ।

ନିତି ସକାଳେ ପୁଣି
ଯେ ଯାହା ବାଟରେ ଯାଆନ୍ତି
ଯେ ଯାହା କାମରେ ରହନ୍ତି
ଏମିତି ସକାଳର ଦୃଶ୍ୟ ଚିରାଚରିତ
ଗତାନୁଗତିକ ଥାଏ ଚିରକାଳ ।

ବଉଦରାଜ, ଜି. ବୌଦ୍ଧ
ପିନ -୭୬୨୦୧୪
ମୋ: ୯୪୩୭୪୭୮୪୬୬

## କଳାହାଣ୍ଡି ଇଷ୍ଟ ଦେବୀ

ଚନ୍ଦ୍ରହାସ୍ୟ ସତନାମ

ଉତ୍କଳ ପ୍ରଦେଶେ ପଶ୍ଚିମାଞ୍ଚଳଟି
ପ୍ରାଚୀନ ସଂସ୍କୃତି ଭଣ୍ଡାର
ବଣ ପର୍ବତରେ ସ୍ଥଳଟି ଆବଦ୍ଧ
ଐତିହ୍ୟ ରହସ୍ୟ ଘର ।
ପଶ୍ଚିମାଞ୍ଚଳର ଭବାନିପାଟଣେ
କଳାହାଣ୍ଡି ଦେବୀ ପୀଠ
ମାଣିକ୍ୟ ନାମରୁ ମାଣିକେଶ୍ୱରୀ ଟି
ପୂଜ୍ୟ ହୁଏ ମାଆ ଶ୍ରେଷ୍ଠ ।
ଅଷ୍ଟ ଭଗ୍ନୀ ରୂପ ଇଷ୍ଟ ଦେବୀ ନାମେ
ରଖିଛୁ ସନ୍ତାନ ଆବରି
ଭିନ୍ନ ସ୍ଥାନେ ଭିନ୍ନ ନାମେ ପୂଜା ପାଉ
କଳାହାଣ୍ଡି ସର୍ବେଶ୍ୱରୀ ।
ରକ୍ତ ବର୍ଣ୍ଣେ ବସ୍ତ୍ର ଦିଶେ ପାଟ ଶୋଭା
ହସ୍ତେ ଖର୍ପ ତୋର ଧରା
ବୀର ବାଦ୍ୟ ରସେ ଘୁମୁରା ଘୁମୁରି
ହୁଳହୁଳି ଶବ୍ଦେ ନାରା ।

+୩ କଳାଛାତ୍ର ତୃତୀୟ ବର୍ଷ ପଞ୍ଚାୟତ ସମିତି
ଡ଼ିଗ୍ରୀ ମହାବିଦ୍ୟାଳୟ ।
ମୋ-୮୨୪୯୮୪୨୬୪୮

## ଧନ୍ୟ ତୁମ ପ୍ରତିଭା

ଶୁଭଶ୍ରୀ ମହାପାତ୍ର



ବୀର କନ୍ୟା ତୁମେ ବଲୁରିଆ ମାଟିର
କେନ୍ଦ୍ରାପଡ଼ାର ଯୋଗ୍ୟ ସନ୍ତତି
କର୍ମ କର ତୁମେ ସମାଜବାସୀଙ୍କ ପାଇଁ
ସମାଜବାସୀ ତୁମକୁ ଭୁଲି ପାରିବେ ନାହିଁ ।

ପୁଷ୍ପା -ଅକ୍ଷୟଙ୍କ ରାଜନନ୍ଦିନୀ ତୁମେ
ପାଣ୍ଡିଆନ ସାରଙ୍କ ଆଖିର ତାରା
ଓଡିଶାର ନାରୀଙ୍କ ପାଇଁ କରୁଅଛ କାର୍ଯ୍ୟ
ନାରୀ ସୁରକ୍ଷାର ତୁମେ ସୂତ୍ରଧାର ।

୧୯୭୬ ମସିହାରେ ଜନମ ନେଲେ
ଓଡିଶାର ନାଁ ଟେକ ରଖିଲେ
୨୦୦୦ମସିହାରେ ଆଇ ଏ ଏସ୍ ହେଲେ
ଭି. କେ ପାଣ୍ଡିଆନ ସାରଙ୍କ ହାତ ଧରିଲେ ।
ନାରୀ ମାନଙ୍କ ବିପଦ ବେଳେ
ସୁଜାତା ମାମ୍ ଥାଆନ୍ତି କୂଳେ କୂଳେ
ଛୋଟ ଶିଶୁ ପିଲାଙ୍କୁ ମାମ୍ ଆଦର କରନ୍ତି
ନୟନ ତାରା ଭଳି ସ୍ନେହ ଦିଅନ୍ତି ।

ନାରୀ ମାନଙ୍କ ଦୁଃଖ କଷ୍ଟ ଦୂର କରିବା ପାଇଁ
ଓଡିଶା ମିଶନ ଶକ୍ତିର ଦାୟିତ୍ୱ ନେଲେ
ବହୁ ନାରୀ ମାନଙ୍କୁ ଦାରିଦ୍ରରୁ ଦୂର କରିବାକୁ
ରୋଜଗାର ପନ୍ଥା ଯୋଗାଇ ଦେଲେ ।

ମୁଖ୍ୟମନ୍ତ୍ରୀଙ୍କ ସେ ଆଜ୍ଞା ମାନନ୍ତି
ସବୁକାର୍ଯ୍ୟ ତାଙ୍କୁ ପଚାରି କରନ୍ତି
ବିଦ୍ୟା ବୁଦ୍ଧିରେ ସେ ଅମାପ -ଜ୍ଞାନୀ
ମୁଁ କଣ ଲେଖିବି ଛାର -ଅଜ୍ଞାନୀ ।

ଅଜ୍ଞାନୀ ଭାବି ମୁଁ ଲେଖୁଛି ଦୁଇଧାଡ଼ି
ମୋର ଅବାକି ବେଶୀ -ଜ୍ଞାନ
ଭୁଲ ଥିଲେ ମାମ୍ କ୍ଷମା କରିଦେବେ
ଝିଅଟି ଭାବି ଅଜ୍ଞାନୀ ।

ଶବଳକଣା, ମାହାଙ୍ଗା, କଟକ
ମୋ: ୯୩୩୭୦୭୧୭୧୫



କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୮୬)

# ବିଭୀଷଣଙ୍କ ରାଜ୍ୟାଭିଷେକ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଯୁଗେ ଯୁଗେ ଧର୍ମର ସଂସ୍ଥାପନ ଓ ଅଧର୍ମର ବିନାଶ ଲାଗି ଭଗବାନ ମର୍ତ୍ତ୍ୟ ଭୂମିରେ ଅବତାର ନେଇ ଜନ୍ମଗ୍ରହଣ କରନ୍ତି। ରାବଣ ସାରା ସଂସାରକୁ ତାର ଅଧର୍ମ ଓ ଅନୀତି କାର୍ଯ୍ୟରେ ଅସ୍ତବ୍ୟସ୍ତ କରି ପକାଇଥିଲା। ତାର ଅତ୍ୟାଚାରରୁ ସଂସାରକୁ ମୁକ୍ତ କରିବାକୁ ପ୍ରଭୁ ଶ୍ରୀରାମ ଧରାଧାମରେ ଅବତାର ଗ୍ରହଣ କରିଥିଲେ। ରାବଣର ମୃତ୍ୟୁରେ ସେ କାର୍ଯ୍ୟ ସାଧିତ ହୋଇଥିଲା। ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ରାବଣର ମୃତ୍ୟୁରେ ଦୁଃଖୀ ହୋଇଥିଲେ ଶ୍ରୀରାମ। ଶାନ୍ତିପ୍ରିୟ ଶ୍ରୀରାମ ଯୁଦ୍ଧକୁ ଏଡ଼ାଇ ଦେବାକୁ ବାରମ୍ବାର ଚେଷ୍ଟା କରୁଥିଲେ, ମାତ୍ର ତାହା ସମ୍ଭବ ହୋଇନଥିଲା।

ରାବଣର ଅହଂକାର ତାର ମୃତ୍ୟୁର କାରଣ ହୋଇଥିଲା। ରାବଣର ମୃତ୍ୟୁରେ ବିଭୀଷଣ ମଧ୍ୟ ବହୁତ ଦୁଃଖୀ ହୋଇଥିଲେ। ରାବଣ ତାଙ୍କର ଜ୍ୟେଷ୍ଠ ଭ୍ରାତା ଥିଲା।

ରାବଣ ମୃତ୍ୟୁର ଖବର ଧୀରେ ଧୀରେ ଲଙ୍କାରେ ପହଂଚିଗଲା ଓ ଅନ୍ତଃପୁରରେ ରାଣୀମାନଙ୍କ ପାଖରେ ପହଂଚି ଯାଇଥିଲା। ଏ ଖବର ପାଇଥିଲେ ମନ୍ଦୋଦରୀ। ସଂଗେ ସଂଗେ ସମସ୍ତ ରାଣୀମାନଙ୍କ ସହିତ ସେ ଯୁଦ୍ଧ କ୍ଷେତ୍ରରେ ପହଂଚିଥିଲେ ଓ ରାବଣ ଶବକୁ ଧରି ବିକଳରେ କ୍ରନ୍ଦନ କରିଥିଲେ।

କିଛି ସମୟ ପରେ ଶ୍ରୀରାମ ସମସ୍ତଙ୍କୁ ସମ୍ବୋଧନ କରିଥିଲେ । ଯାହା ହେବାର ଥିଲା, ତା ହୋଇ ସାରିଛି। ଭବିଷ୍ୟତ କଥା ଚିନ୍ତା କରିବାକୁ ସମସ୍ତଙ୍କୁ ସେ ଉପଦେଶ ଦେଲେ।

ଯୁଦ୍ଧ ସରି ଯାଇଥିଲା। ରାବଣର ମୃତ୍ୟୁ ହୋଇଛି। ଏବେ ଶ୍ରୀରାମ ବିଭୀଷଣଙ୍କୁ ଦେଇଥିବା କଥାର ପୂରଣ କରିବା କଥା। ମାତା ସୀତାଙ୍କୁ ହନୁମାନ ଯାଇ ଯୁଦ୍ଧ ସମାପ୍ତିର ସମ୍ବାଦ ଦେଇ ଆସିଲେ। ସୀତା ଖୁସିରେ ଗଦ୍ ଗଦ୍ ହୋଇ ଉଠିଲେ ଓ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ ଲାଗି ଅପେକ୍ଷା କଲେ।

ଶ୍ରୀରାମଙ୍କ ଆଜ୍ଞାପାଇ ବିଭୀଷଣ ରାଣୀମାନଙ୍କୁ ବୋଧକରି ଲଙ୍କା ନଗରୀକୁ ପଠାଇଲେ ଓ ଯଥୋଚିତ ରାବଣର ଶବଦାହ କରିବାକୁ ଆୟୋଜନ କଲେ। ରାବଣର ଖରାପ ପ୍ରକୃତିକୁ ଛାଡ଼ିଦେଲେ ସେ ଥିଲା ଜଣେ ମହାନ ଯୋଦ୍ଧା, ବେଦଜ୍ଞ ଓ ନୀତିବାନ ପୁରୁଷ। ତାର ଶବଦାହ ରାଜକୀୟ ସମ୍ମାନ ସହିତ ସଂପନ୍ନ କଲେ ବିଭୀଷଣ।

ରାବଣର ଶବ ଦାହ ପରେ ବିଭୀଷଣଙ୍କ ରାଜ୍ୟାଭିଷେକ ପାଇଁ ଶ୍ରୀରାମ ଲକ୍ଷ୍ମଣଙ୍କୁ ସବୁ ଆୟୋଜନ କରିବାକୁ ଆଦେଶ ଦେଲେ। ଶ୍ରୀରାମ ଜାଣିଥିଲେ-ବିଭୀଷଣଙ୍କ ସହାୟତା ବିନା ରାବଣର ବଧ କରିବା କଷ୍ଟକର ହୋଇଥାନ୍ତା।

ବେଶ ଆଡ଼ମ୍ବରରେ ବିଭୀଷଣଙ୍କର ରାଜ୍ୟାଭିଷେକ ହୋଇଥିଲା। ଯେଉଁଥିରେ ସମସ୍ତ ବାନର ସେନା ଓ ରାକ୍ଷସ ସେନା ଯୋଗ ଦେଇଥିଲେ।

ରାବଣ ସହିତ ଯୁଦ୍ଧ କରିବାକୁ ସ୍ୱର୍ଗରୁ ଇନ୍ଦ୍ରରାଜା ତାଙ୍କ ରଥ ବିଜୟ ସହିତ ସାରଥି ମାତଳିଙ୍କୁ ପଠାଇଥିଲେ। ଯୁଦ୍ଧ ସରିବା ପରେ ମାତଳ ଇନ୍ଦ୍ରଙ୍କ ପାଖକୁ ଫେରି ଯାଇଥିଲେ।

ରାଜ୍ୟାଭିଷେକ ପରେ ବିଭୀଷଣ ଶ୍ରୀରାମଙ୍କୁ ଦେଖା କରିଥିଲେ। ହନୁମାନ ମଧ୍ୟ ଅଶୋକବନକୁ ଯାଇ ସୀତାଙ୍କୁ ସମସ୍ତ ଖବର ଦେଇଥିଲେ। ଶ୍ରୀରାମଙ୍କ ଠାରୁ ଅନୁମତି ପାଇ ହନୁମାନ ସୀତାଙ୍କୁ ଆଣିବାକୁ ଗଲେ।



ରାଜା ବିଭୀଷଣ ସୀତାଙ୍କ ଲାଗି ଉପଯୁକ୍ତ ବସ୍ତ୍ର ଓ ଅଳଙ୍କାର ପଠାଇଥିଲେ। ସେ ଏକ ରଥ ମଧ୍ୟ ସୀତାଙ୍କୁ ଶ୍ରୀରାମଙ୍କ ପାଖକୁ ନେବାକୁ ପଠାଇଥିଲେ।

ନିଜ ପ୍ରାଣପ୍ରିୟା ପତ୍ନୀ ସୀତାଙ୍କୁ ଦେଖିବାକୁ ଶ୍ରୀରାମ ବ୍ୟାକୁଳ ଥିଲେ। ସୀତା ମଧ୍ୟ ପ୍ରାଣର ଦେବତା ଦଶରଥଙ୍କ ପୁତ୍ର ଶ୍ରୀରାମଙ୍କ ଦର୍ଶନ ପାଇବାକୁ ରଥରେ ଆସି ଶ୍ରୀରାମଙ୍କ ପାଖରେ ପହଂଚିଯାଇଥିଲେ।

ରାମାୟଣରେ ସୀତାଙ୍କ ଅଗ୍ନି ପରୀକ୍ଷା କଥା ଉଲ୍ଲେଖ ଅଛି। ତେବେ ପ୍ରାଣଠାରୁ ଅତି ଭଲ ପାଉଥିବା ପତ୍ନୀଙ୍କୁ ଶ୍ରୀରାମ କାହିଁକି ଅଗ୍ନି ପରୀକ୍ଷା ଦେବାକୁ କହିଥିଲେ ସେ ସମ୍ପର୍କରେ ବିଭିନ୍ନ ରାମାୟଣରେ ବିଭିନ୍ନ ମତ ଅଛି। ତେବେ ଦେବୀ ସୀତା ଜୀବନର ଅନେକ ଅଗ୍ନି ପରୀକ୍ଷାର ସାମ୍ନା କରିଥିଲେ। ବନବାସରେ ଶ୍ରୀରାମଙ୍କ ଆସିବା ବି ଏକ ଅଗ୍ନି ପରୀକ୍ଷାର ସାମ୍ନା କରନ୍ତି। ଭାରତୀୟ ନାରୀମାନେ ଜୀବନରେ ଅନେକ ଅଗ୍ନି ପରୀକ୍ଷାର ସାମ୍ନା କରନ୍ତି। ସତୀ ସୀତା ଭାରତୀୟ ନାରୀମାନଙ୍କ ଆଦର୍ଶ। ତେଣୁ ସେ ହସି ହସି ଜୀବନର ସମସ୍ତ ଅଗ୍ନି ପରୀକ୍ଷାର ସାମ୍ନା ସଫଳତାର ସହିତ କରିଥିଲେ।

ରାବଣର ବଧ କରି ଶ୍ରୀରାମ କେବଳ ସୀତାଙ୍କୁ ତା କବଳରୁ ଉଦ୍ଧାର କଲେନି, ସାରା ସଂସାରକୁ ତା ଦୌରାତ୍ମ୍ୟରୁ ମୁକ୍ତ କଲେ ଓ ଧର୍ମର ପ୍ରତିଷ୍ଠା କଲେ।

ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧



ନବ କୁମାର ଦାସ

# ଶିଶୁ ସମର୍ପଣର ଉତ୍ସ

ଜୀବନର ପ୍ରାରମ୍ଭ ଶୈଶବର ପ୍ରାରମ୍ଭରୁ। ଯେଉଁଠି ଆଖି ଖୋଲେ ଶିଶୁ, ଦେଖେ ଏ ସୌନ୍ଦର୍ଯ୍ୟ ମୟ ପରିବେଶକୁ । ଜୀବନର ଚାରି ଅବସ୍ଥାରୁ ଶୈଶବ ଅବସ୍ଥା ହିଁ ବ୍ୟକ୍ତିତ୍ୱ ଗଠନରେ ସହାୟକ ହୁଏ । ଭାବନା, କଥା ବାର୍ତ୍ତା, ହସ, ଗପ, ଗୀତରେ ଥାଏ ଅମାପ ମଧୁରତା। ସେଥିପାଇଁ ଶିଶୁକୁ ଭଗବାନ ସହିତ ତୁଳନା କରାଯାଏ । କାରଣ ସେ ବାସ୍ତବତାର ଅବତାର ।

ସେହି ଶିଶୁକୁ ସାମାଜିକ ସ୍ରୋତରେ ସାମିଲ କରିବା ପାଇଁ ତଥା ସମାଜରେ ଶ୍ରେଷ୍ଠ ବ୍ୟକ୍ତି ହିସାବରେ ଗଢି ତୋଳିବା ପାଇଁ ହେଲେ ଶିକ୍ଷା ହିଁ ତାର ମାନ ଦଣ୍ଡ ହେବା ଉଚିତ । ସେଥିପାଇଁ ସମ୍ବିଧାନ ଧାରା ୨୧ ( କ )ରେ ୬ ରୁ ୧୪ ବର୍ଷର ପ୍ରତେକ ଶିଶୁ କୁ ମାଗଣା ବାଧ୍ୟତା ମୂଳକ ଶିକ୍ଷା ଯୋଗାଇ ଦେବାକୁ ନିୟମ ପ୍ରଣୟନ ସମସ୍ତେ ସୃଜନ ଶୀଳ ନୁହନ୍ତି । ସେଥିପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଆବଶ୍ୟକ ଶିଶୁକୁ ତା ଅଧିକାରରୁ ବଞ୍ଚିତ କରିବା ଅନାବଶ୍ୟକ । କିନ୍ତୁ ଆମ ସମାଜରେ ଶିଶୁ ମାନଙ୍କୁ ଅତି ନ୍ୟୁନ ଦୃଷ୍ଟିରେ ଦେଖାଯାଏ ଓ ସେମାନଙ୍କ ଉପରେ ବୟସ୍କ ମାନଙ୍କ ମତାମତକୁ ଲଦି ଦିଆଯାଏ। ଶିଶୁ ମାନେ ବୟସ୍କ ହାତର ଖେଳଣା ଭଳି କାର୍ଯ୍ୟ କରନ୍ତି।

ଶିଶୁ ମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେବା ପାଇଁ ୧୯୮୯ ମସିହାରେ ମିଳିତ ଜାତିସଙ୍ଘ ଦ୍ୱାରା ଶିଶୁ ଅଧିକାର ଘୋଷଣା ନାମା ଜାରି କରା ଯାଇଛି। ଶିଶୁ ମୁକ୍ତ ଆକାଶର ପକ୍ଷୀଟିଏ ପରି ହେବା ଉଚିତ । ମୁକ୍ତ ଗଗନରେ ମୁକ୍ତ



ଯାହା ପାଇଁ ଆଜିର ଶିଶୁ କାଲିର ଉତ୍ତମ ନାଗରିକ ହୁଏ । ତାର ଉତ୍ତମ ବ୍ୟକ୍ତିତ୍ୱ ନେଇ ସେ ପୂଜା ପାଏ ନଚେତ ନୀଚ ବ୍ୟକ୍ତିତ୍ୱର ପ୍ରଦର୍ଶନ ପାଇଁ ସେ ସର୍ବଦା ଅପମାନ ପାଏ, ନିନ୍ଦା ପାଏ । ସମାଜରେ ପ୍ରତିଷ୍ଠିତ ବ୍ୟକ୍ତି ହେବା ବଦଳରେ ଅସାମାଜିକ ବ୍ୟକ୍ତି ବା ଘୃଣ୍ୟ ବ୍ୟକ୍ତି ତାଲିକାରେ ନିଜ ନାମ ଲେଖେ ।

ସେଥିପାଇଁ କବିଙ୍କ ଭାଷାରେ :-

ଶିଶୁ ସୂର୍ଯ୍ୟ, ଚନ୍ଦ୍ର ସମ<br>
ଝଲକେ ଝଲସେ<br>
ତ୍ୟାଗ ସମର୍ପଣ ଭାବ ନେଇ<br>
କୁସୁମ ପରିକା ପୁଣି<br>
ମହକି ସେ ବାସେ<br>
ମିଠା କଥା, ହସ ଝରାଇ ।<br>
ଶିଶୁ ଯେ ସମର୍ପଣର ଉତ୍ତାଳ ତରଙ୍ଗ

। ସେ ସୂର୍ଯ୍ୟ, ସେ ଚନ୍ଦ୍ର ସମ । ଯାହାର କରା ଯାଇଛି। ଶିଶୁ ପାଠ ପଢିବ ଦେଶ ଗଢ଼ିବ । ଜାଣିବ, ସଚେତନ ହେବ ଆଉ ଜଣାଇବ ସମଗ୍ର ଦୁନିଆକୁ । ସେଥିପାଇଁ ଶିଶୁକୁ ସବୁ କ୍ଷେତ୍ରରେ ପାରଙ୍ଗମ କରାଇବାକୁ ପଡିବ । ତାର ଅଧିକାର ତା ଜୀବନକୁ ସରସ ସୁନ୍ଦର କରି ଗଢି ତୋଳିବି । ତେଣୁ ଶିଶୁକୁ ତା ଅଧିକାର ସହ ଅବଗତ କରାଇବା ଉଚିତ । ସେମାଙ୍କର ଯେ ଅଧିକାର ଅଛି ଏକଥା ହୁଏ ତ ବହୁତ ଲୋକଙ୍କୁ ଅଜଣା। ଜଣେ ବୟସ୍କ ବ୍ୟକ୍ତି ପରି ଜଣେ ଶିଶୁ ଦେଶ ଓ ଜାତି ପାଇଁ ଖୁବ ଗୁରୁତ୍ୱ ପୂର୍ଣ୍ଣ । ଶିଶୁକୁ ଉପଯୁକ୍ତ ମାର୍ଯ୍ୟାଦା ଓ ସମ୍ମାନ ନ ଦେଲେ ସେମାନଙ୍କ ସର୍ବାଙ୍ଗୀନ ବିକାଶ ଅସମ୍ଭବ। ସେମାନଙ୍କ ଅନ୍ତରର ଗୁଣାବଳୀର ବିକାଶ ଅସମ୍ଭବ । ଏ ପୃଥିବୀ ରେ ସମସ୍ତ ବ୍ୟକ୍ତି ତଥା ଶିଶୁ ଠାରେ ସୃଜନଶୀଳତା ଗୁଣ ଅଛି କିନ୍ତୁ ମନରେ ସେ ଅନୁସନ୍ଧିତ୍ସୁ ହୋଇ ପ୍ରଶ୍ନଅଭିମୁଖୀ ହେବ । ତାର ଚିନ୍ତା ଶକ୍ତି କେନ୍ଦ୍ରପସାରୀ ହେବ । ସମାଜର ନୂତନତ୍ୱକୁ ଜାଣିବା ସହିତ ପ୍ରଥା, ପରମ୍ପରାଭିମୁଖୀ ହୋଇ ସଂସ୍କାର, ସଂସ୍କୃତିକୁ ଜାଣିବ । ବାପ ଅଜା ଅମଳର ମନୋବୃତ୍ତିକୁ ଆଦରି ପୋଥି, ପୁରାଣରେ ମନୋନିବେଶ କରିବ । ଅଧିକରୁ ଅଧିକ ଜାଣି ସେ ସମ୍ପର୍କର ମୂଳ ତତ୍ୱକୁ ବୁଝିବ । ଭାଇ ଭାଇ, ଭାଇ ବନ୍ଧୁ ସମ୍ପର୍କରେ ବଞ୍ଚିବା ଶିଖିବ । ମୁଁ, ତୁମେ ଓ ଆମେ ଭିତରେ ଯେଉଁ ଏକ ପ୍ରେମ ମୟ ଭାବନା ତାର ଉଦ୍ରେକ କରି ଦୟା, ଧର୍ମ, ଦାନ, କର୍ମ, ସାହାଯ୍ୟ, ସହାନୁଭୂତି ଇତ୍ୟାଦି ସମର୍ପଣ ଗୁଣରେ ନିଜକୁ ସାମିଲ କରିବ । ତେବେ ଦେଶର ପୁର୍ଣ୍ଣ ବିକାଶ ସମ୍ଭବ ହେବ।

+ଶିକ୍ଷକ, ସୁରଡ଼ିହା, ବାଲିଆପାଳ, ବାଲେଶ୍ୱର<br>
ଫୋନ - ୭୩୮୧୫୨୦୧୯୯

## ଆହାକି ଅଭୁଲା ସିଏ

### ନୀଳମଣି ଚାନ୍ଦ

ସୋନୁ ମାମୁଘର ସମ୍ବଲପୁରରେ<br>
ଗଲେ ଯିବ ସମଲେଇ<br>
ଅଜା କହୁଥିଲେ ହୀରାକୁଦ ବନ୍ଧ<br>
ଦେଖେଇବେ ତାକୁ ନେଇ।

ଅପୁ ଅପାଘର କେନ୍ଦୁଝରଗଡ଼<br>
ଖରାଛୁଟିରେ ସେ ଯିବ<br>
ବୁଲି ଦେଖିବ ସେ ସାନଘାଘରାରେ<br>
ପାଣି ତଳେ ପଡୁଥିବ।

ବୁଲି ଆସୁ ଯାଇ ଜଳପ୍ରପାତଟେ<br>
ହେଉ ପଛେ ଦୂରବାଟ<br>
ଦେଓଗଡ଼ ଜିଲ୍ଲା ମହକୁମାଠାରେ<br>
ରହିଛି ପ୍ରଧାନପାଟ।

ଓଡ଼ିଶା ଭିତରେ ଏଇ ସବୁ ସ୍ଥାନ<br>
ଦେଖିଲେ ବଢ଼ିଆ ଲାଗେ<br>
ବୁଲିବାକୁ ହ୍ରଦ, ଗୁମ୍ଫା, ମନ୍ଦିରଟି<br>
ମନରେ ଉତ୍କଣ୍ଠା ଜାଗେ।

କେତେ ଝରଣ, ଗିରି, ଉଷ୍ଣପ୍ରସ୍ରବଣ<br>
ଅଛି ଦର୍ଶନୀୟ ସ୍ଥାନ<br>
ପର୍ଯ୍ୟଟନ ମାନଚିତ୍ରରେ ରହିକି<br>
ବଢ଼ାଏ ଓଡ଼ିଶା ମାନ।

ଆମ ରାଇଜର ଏତେ ସ୍ଥାନ ଛାଡ଼ି<br>
ବାହାରକୁ କିଆଁ ଯାଉ<br>
ଅନ୍ୟ ପ୍ରଦେଶର ଭ୍ରମଣସ୍ଥଳୀର<br>
ପ୍ରଶଂସାଟି କରୁଥାଉ।

ରହିଛି କେତେରେ ପର୍ଯ୍ୟଟନସ୍ଥଳୀ<br>
କହିବ ବୁଲିଛି ଯିଏ<br>
ଓଡ଼ିଶା ସୁନ୍ଦର ଶୋଭା ମନୋହର<br>
ଆହା କି ଅଭୁଲା ସିଏ।

ମନ୍ତ୍ର ମାନୋର,ଗୋଠପାଟଣା<br>
ଭୁବନେଶ୍ୱର-୨୯<br>
ମୋ:୯୫୮୩୨୦୨୩୫୭

## କବିତା

ତୁମ ପାଇଁ

## ଖରାଦିନିଆ ବାତ୍ୟା

### ଶରତ କୁମାର ଦାସ

ଗୁଲୁରୁ ଗୁଲୁରୁ ଗୁଲୁରୁ ଗୁଲୁ<br>
ଗୁଲୁରୁ ଗୁଲୁରୁ ଗୁଲୁରୁ ଗୁଲୁ<br>
ଧଇଁସଇଁ ହୋଇ ଆସିଲା ବୁଲୁ<br>
ମା'କୁ କହିଲା ଯାଇ,<br>
'ମା' ଲୋ ମା' ଦେଖିବୁ ଆ' ତୁ<br>
ବାଡିରେ ପଶିଛି ଗାଇ ।'

ଗୁଲୁରୁ ଗୁଲୁରୁ ଗୁଲୁରୁ ଗୁଲୁ<br>
ପବନ ବହିଲା ସୁଉଲୁ ସୁଲୁ<br>
ଆସିଲା ବରଷା ଝଡି,<br>
ଅଜା ଯାଉଥିଲେ ଆମ୍ବ ତୋଟାକୁ<br>
ମୁହଁ ମାଡି ଗଲେ ପଡି ।

ଗୁଲୁରୁ ଗୁଲୁରୁ ଗୁଲୁରୁ ଗୁଲୁ<br>
ହାତ ଗୋଡ ଧୋଇ ଆସିଲା ଟୁଲୁ<br>
ପାରଥନା କଲା ବସି,<br>
ଟିକି ବିଲେଇଟି କୋଉଠି ଥିଲା<br>
ଭୋଗ ଖାଇଦେଲା ହସି ।

ଗୁଲୁରୁ ଗୁଲୁରୁ ଗୁଲୁରୁ ଗୁଲୁ<br>
ମାଛ ଧରୁଥିଲା ଚଗଲା କୁଲୁ<br>
କରାଣ୍ଡି କହିଲା କାନେ,<br>
ଆସିବ ଝଅଟି କଙ୍କଡା ଭାଇ<br>
ଦେବଟି ଭଲକି ପାନେ ।

ଗୁଲୁରୁ ଗୁଲୁରୁ ଗୁଲୁରୁ ଗୁଲୁ<br>
କଇଁ କଇଁ କାନ୍ଦି ଆସିଲା ଜୁଲୁ<br>
କହିଲା 'ଖାଇବି ନାହିଁ,<br>
ମଣ୍ଡାପିଠା ସବୁ ଖାଇଲା ଭାଇ<br>
ମୋ ପାଇଁ ରଖିଛୁ କାହିଁ ?'

ଗୁଲୁରୁ ଗୁଲୁରୁ ଗୁଲୁରୁ ଗୁଲୁ<br>
ବେଲୁନ ଭଳିଆ କାହିଁକି ଫୁଲୁ<br>
ମଜାରେ କହିଲେ ଜେଜ,<br>
ବ୍ୟାୟମ କରିଲେ ରହିବୁ ଭଲେ<br>
କୁନା, ମୋ କଥାକୁ ହେଜ ।

ଗୁଲୁରୁ ଗୁଲୁରୁ ଗୁଲୁରୁ ଗୁଲୁ<br>
ପାଠ ପଢା ଛାଡି କାହିଁକି ବୁଲୁ<br>
ଗାଳି କଲେ ବାପା ରାଗେ,<br>
ଭେଁ ଭେଁ ହୋଇ କହିଲା ଟୁନା<br>
ଦଶ ଟଙ୍କା ଦିଅ ଆଗେ ।

ଗୁଲୁରୁ ଗୁଲୁରୁ ଗୁଲୁରୁ ଗୁଲୁ<br>
ହଇରେ ମୁନା ତୁ ଏଡିକି ଓଲୁ<br>
ଜେଜେମା' କହିଲେ ହସି ,<br>
ବିଲେଇକୁ ପରା ବାଘ ଭାବିକି<br>
ଭୟରେ ଯାଉଛୁ ଖସି !

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ<br>
ବଡବିଲ ମହାବିଦ୍ୟାଳୟ, ବଡବିଲ<br>
ଜିଲ୍ଲା-କେନ୍ଦୁଝର<br>
ମୋ-୮୨୪୯୧୩୭୦୯୧



## ପାଠ

### ଦିବାକର ନାୟକ

ପାଠ-ମଣିଷକୁ ବୁଦ୍ଧି ଶିଖାଏ<br>
ଅନ୍ଧାରେ ଆଲୁଅ ଦେଖାଏ।<br>
ପାଠ-ଦୂର କରେ ଅନ୍ଧବିଶ୍ୱାସ<br>
ବୃଦ୍ଧି କରେ ଆତ୍ମବିଶ୍ୱାସ।<br>
ପାଠ-ବିପଦରେ ହୁଏ ଭରସା<br>
ମରୁ ପରେ କରେ ବରଷା।<br>
ପାଠ-ବିକଶିତ କରେ ବିବେକ<br>
ଭଣ୍ଡାମୀକୁ ମାରେ ଚାବୁକ।<br>
ପାଠ-କେତେ ନୂଆ କଥା ବିତରେ<br>
ସମ ନାହିଁ ଆଉ ମିତରେ ।<br>
ପାଠ-ମଣିଷକୁ କରେ ଶିକ୍ଷିତ<br>
ପ୍ରଜ୍ଞା ମନ୍ତ୍ରେ କରେ ଦୀକ୍ଷିତ।<br>
ପାଠ-ପଢ଼ିବାରେ ଅଛି ଗୌରବ<br>
ଚିରନ୍ତନ ମିଠା ସୌରଭ।<br>
ପାଠ-ମଣିଷକୁ କରେ ସାକ୍ଷର<br>
ପଢ଼ି ଚିହ୍ନି ହୁଏ ଅକ୍ଷର।<br>
ପାଠ-ପଢ଼ି ପଢ଼ାଇବା ଆନକୁ<br>
ଜ୍ଞାନୀ କରିଥାଏ ଜନକୁ।

+ପାଟପୁର, କନିସି, ଗଞ୍ଜାମ<br>
ମୋ-୯୯୩୮୬୧୯୯୮୧

## ବଗର ମାଛ ଖିଆ

### ସୁନୀଲ କୁମାର ପ୍ରଧାନ

ବୁଢ଼ା ବଗ ଦିନେ କଲା ବିଚାର<br>
ନ କରି ଆଉ କାମ<br>
ବସି ବସି ସେ ଉପାୟ ପାଞ୍ଚିଲା<br>
ଶୁନ୍ୟୁ ମିଳୁ ଭୋଜନ।

ପୋଖରୀ କୂଳରେ ହୋଇଲା ଠିଆ<br>
ମନରେ ଦୁଃଖ କରି<br>
ଜଳକୁ ଚାହିଁଣ ରହିଲା ସିଏ<br>
ମାଛ ଖାଉନି ମାରି ।

ଜଳଚର ସବୁ ଏକାଠି ହେଲେ<br>
ବଗକୁ ଦେଲେ କହି<br>
କଅଣ ହୋଇଛି ଏ ବଗ ଭାଇ<br>
ମନରେ ସୁଖ ନାହିଁ ।

ବଗ କହୁଛି ଶୁଣ ମୋ ବାରତା<br>
ଜ୍ୟୋତିଷର ଏ ବାଣୀ<br>
ସୁଖୀ ଯିବା ଏ ପୋଖରୀ ଆଗକୁ<br>
ସତର୍କ ହୁଅ ଜାଣି ।

ଜଳଚର ସବୁ ହେଲେ ତାଟକା<br>
ଶୁଣି ବଗର କଥା<br>
ଦୁଃଖରେ ସମସ୍ତେ ଭାଙ୍ଗି ପଡ଼ିଲେ<br>
ନୁଆଇଁ ନିଜ ମଥା ।

ଏହି ସମୟେ ବୁଢ଼ା ବଗ କହେ<br>
କରନି ଜମା ଦୁଃଖ<br>
ପର୍ବତ ପାଖେ ପୋଖରୀ ରହିଛି<br>
ନେବି ତୁମକୁ ଆଗ ।

ବଗ କଥାକୁ ସବୁ ଜଳଚର<br>
ହଁ ସିନା କରିଦେଲେ<br>
କଙ୍କଡ଼ା ମନେ ବିଶ୍ୱାସ କଲାନି<br>
ମନେ ଉପାୟ ଭାଳେ ।

ଗୋଟେ ଗୋଟେ ସବୁ ଜୀବକୁ ନେଲା<br>
ମାରି ଖାଏ ଶିଳାରେ<br>
ଏମିତି କରି ସବୁ ଖାଇ ନେଲା<br>
ଖୁସି ହୋଇ ମନରେ ।

କଙ୍କଡ଼ା ଭାଇର ପଡ଼ିଲା ପାଳି<br>
ବଗ ପିଠିରେ ବସି<br>
ପର୍ବତ ପାଖରେ ପହଞ୍ଚି ଗଲା<br>
ବଗ ଦେଉଛି ହସି ।

କହୁଅଛି ବଗ ଆରେ କଙ୍କଡ଼ା<br>
ହେଲୁ କି ସତେ ମୁକ<br>
ଦେଖେ ତତେ ମୁଁ ଖାଇବିରେ ଆଜି<br>
ତୋ ମାଂସ ମତେ ସୁଖ ।

କଙ୍କଡା କହିଲା ହୋଇରେ ମୂର୍ଖ<br>
କେଡେ ତୁ ସିଆନିଆ<br>
ମତେ ବା କିସ ତୁ କମ ଭାବିଛୁ<br>
ଛଡେଇବି ମାଛ ଖିଆ ।

ଗୋଡ଼କୁ କଙ୍କଡ଼ା କରି ବାହାର<br>
ବଗର ଗଳାକୁ ଧରି<br>
ଛଟ ପଟ ହୋଇ ଜୀବନ ଗଲା<br>
କର୍ମ ନଥିଲା କରି ।

+ଝାଟିପଦର , ପାଲୁର ,ଗଞ୍ଜାମ<br>
ମୋ - ୭୬୦୯୯୩୪୩୬୬

# ସହରାଞ୍ଚଳ ପାର୍ଶ୍ୱରେ ଜୁଡ଼ିସିଆଲ ହବ ପ୍ରତିଷ୍ଠା ଉପରେ ଗୁରୁତ୍ୱ

## ଜମି ଚୟନ ପାଇଁ ଜିଲାପାଳଙ୍କ ସହ ବାର ଆସୋସିଏସନର ଆଲୋଚନା



ବାଲେଶ୍ୱର, ୧୨/୦୫ (ନି.ପ୍ର): ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱରରେ ମଡେଲ କୋର୍ଟ ତଥା ଜୁଡ଼ିସିଆଲ ହବ ପ୍ରତିଷ୍ଠା ପାଇଁ ସ୍ଥାନ ଚୟନ ଆରମ୍ଭ ହୋଇଥିବା ବେଳେ ସହର ପାଖାପାଖି ଜମି ନିରୂପଣ ଉପରେ ଗୁରୁତ୍ୱ ଦେଇଛି ବାର ଆସୋସିଏସନ। କୋର୍ଟ ସ୍ଥାନାନ୍ତର ପାଇଁ ଜମି ଚୟନ ନେଇ ଓକିଲ ସଂଘର କର୍ମକର୍ତ୍ତାମାନେ ନିକଟ ଅତୀତରେ ଜିଲା ଓ ଦୌରା ଜଜଙ୍କ ସହ ଆଲୋଚନା କରିଥିବା ବେଳେ ଗୁରୁବାର ଜିଲାପାଳଙ୍କୁ ସାକ୍ଷାତ ସହ ସହରର ପାଖାପାଖି ଅଞ୍ଚଳରେ ଥିବା ସରକାରୀ ଜମି ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଛନ୍ତି। ଗୋଟିଏ ସ୍ଥାନରେ ଜୁଡ଼ିସିଆଲ ହବ ପ୍ରତିଷ୍ଠାକୁ ସେମାନେ ସ୍ୱାଗତ କରୁଥିବା ବେଳେ ଜନସାଧାରଣଙ୍କ ସୁବିଧା ପାଇଁ ଯୋଗାଯୋଗ ବ୍ୟବସ୍ଥା ଥିବା ସ୍ଥାନ ଚୟନ ନିମନ୍ତେ ସଂଘ ଗୁରୁତ୍ୱାରୋପ କରିଛି। ଏନେଇ ସଂଘର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ସହର ଆଖପାଖ ଅଞ୍ଚଳର କେତେକ ସ୍ଥାନ ସମ୍ପର୍କରେ ସୂଚନା ଦେଇଛନ୍ତି। ହାଇକୋର୍ଟଙ୍କ ମାର୍ଗଦର୍ଶିକା ଅନୁସାରେ ସର୍ବନିମ୍ନ ୧୦ ଏକର ଜମିରେ ଏହି ଜୁଡ଼ିସିଆଲ ହବ ପ୍ରତିଷ୍ଠା ହେବ। ଏଥିରେ ସଦର ମହକୁମାର ସମସ୍ତ କୋର୍ଟ ସମେତ ସମ୍ପୂର୍ଣ୍ଣ ବିଚାର ବିଭାଗୀୟ ବ୍ୟବସ୍ଥା ରହିବ। ରେମୁଣା ପଲିଟେକ୍ନିକ ଶିକ୍ଷାନୁଷ୍ଠାନ ନିକଟରେ ଥିବା ସରକାରୀ ଜମିରେ ଏହାକୁ ପ୍ରତିଷ୍ଠା ପାଇଁ ଜିଲା ବିଚାର ବିଭାଗ ପ୍ରସ୍ତାବ ରଖିଥିବା ସଂଘ ଜିଲାପାଳଙ୍କୁ ସୂଚିତ କରିଥିଲା। ତେବେ ଏହା ସଦର ମହକୁମାରୁ ଦୂର ହେଉଥିବା ବେଳେ ଜିଲାର ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ଯାତାୟତ ପାଇଁ ସମସ୍ୟା ହେବ ବୋଲି କର୍ମକର୍ତ୍ତାମାନେ ଆରୋପ କରିଥିଲେ। ଏନେଇ ସଂଘ ପକ୍ଷରୁ ବତାଘର ନିକଟରେ ଥିବା ଜଳସେଚନ ବିଭାଗର ଥିବା ୯ ଏକରରୁ ଊର୍ଦ୍ଧ୍ୱ ଜମି, କୁରୁଡ଼ା ପଞ୍ଚାୟତ ହରିଡ଼ା ଅଞ୍ଚଳରେ ଥିବା ବିସ୍ତିର୍ଣ୍ଣ ପଡ଼ିଆ, ବାଲିଆରେ ଥିବା ଅବ୍ୟବହୃତ ସରକାରୀ କୃଷିଫାର୍ମ ଜମି, ନୁଣିଆଯୋଡ଼ି ପାଖ ଦହପଡ଼ା ମୌଜାରେ ଥିବା ୫୦ ଏକରରୁ ଅଧିକ ଜମି ଥିବା ସ୍ଥାନ ଚୟନ ପାଇଁ ଜିଲାପାଳଙ୍କୁ ପ୍ରସ୍ତାବ ଦିଆଯାଇଥିବା କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ସମ୍ପୃକ୍ତ ଜମି ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ ସହ ଏହାରି ମଧ୍ୟରୁ ଗୋଟିଏ ସ୍ଥାନରେ ଜୁଡ଼ିସିଆଲ ହବ ପ୍ରତିଷ୍ଠା ଦାବିରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଜିଲାପାଳଙ୍କ ସହ ଆଜିର ଆଲୋଚନା ବେଳେ ଆସୋସିଏସନର ସଭାପତି ମନୋଜ କୁମାର ନାୟକ, ଉପ-ସଭାପତି ରଣଜିତ ପଣ୍ଡା, ସମ୍ପାଦକ ଦୀପକ କୁମାର ଦାଶ, ସହ-ସମ୍ପାଦକ ଜିତେନ୍ଦ୍ର ଉପାଧ୍ୟାୟ ଓ ଅନ୍ନପୂର୍ଣ୍ଣା ରାଉତ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ସହ-କୋଷାଧ୍ୟକ୍ଷ ପିନାକୀ ଧୀରଙ୍କ ସମେତ ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ।

# ଫାଇଲେରିଆ ରୋଗର ନିରାକରଣ ତଥା ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ

ଛତ୍ରପୁର, ୧୨/୦୫ (ନି.ପ୍ର): ଚଳିତ ବର୍ଷ ଅଗଷ୍ଟ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାରେ ହେବାକୁ ଯାଉଥିବା ଫାଇଲେରିଆ ରୋଗର ନିରାକରଣ ତଥା ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ନିମନ୍ତେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ୍ ହଲ ଠାରେ ଏହି କାର୍ଯ୍ୟକ୍ରମର ପ୍ରଥମ ପ୍ରସ୍ତୁତି ବୈଠକ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଜିଲ୍ଲାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଗଣ ଉପସ୍ଥିତ ଥିଲେ । ଏହି ଜାତୀୟ କାର୍ଯ୍ୟକ୍ରମଟି କିଭଳି ଭାବରେ ସଫଳତାର ସହିତ ଅନୁଷ୍ଠିତ ହେବ ସେଥି ନାମନ୍ତେ ବ୍ୟାପକ ପ୍ରଚାର ପ୍ରସାର କରିବା ନିମନ୍ତେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଜିଲ୍ଲାର ଚିକିଟି, ଛତ୍ରପୁର, ଭଞ୍ଜନଗର ବ୍ଲକ ଓ ବ୍ରହ୍ମପୁର ମହାନଗର ବ୍ୟତୀତ ସମସ୍ତ ବ୍ଲକ ରେ ଏହା ଅନୁଷ୍ଠିତ ହେବ । ଚଳିତ ବର୍ଷ କାର୍ଯ୍ୟକ୍ରମ ରେ ଡି ଇ ସି, ଆଲ୍ବେଣ୍ଡାଜଲ ବଟିକା ସହ ଆଇଭରମେକ୍ଟିନ ବଟିକା ବୟସ ଓ ଉଚ୍ଚତା ଅନୁପାତରେ ଖୁଆଇ ଦିଆଯିବ । ଆଶା, ଅଙ୍ଗନବାଡି କର୍ମୀ ଓ ସ୍ୱେଚ୍ଛାସେବୀ ଗଣ ଘରକୁ ଘର ବୁଲି ଏହି ଔଷଧ ଖୁଆଇଦେବେ । ଏହାବ୍ୟତୀତ ବିଦ୍ୟାଳୟ, ସମସ୍ତ କାର୍ଯ୍ୟାଳୟ, ଜିଲ୍ଲାରେ ରହିଥିବା ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଓ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ କୁ ଆଶା, ଅଙ୍ଗନ୍ୱାଡି କର୍ମୀ ଓ ଓ ସ୍ୱେଚ୍ଛାସେବୀ ଗଣ ଯାଇ ଏହି ଔଷଧ ଖୁଆଇଦେବେ । ୨ ରୁ କମ ବର୍ଷ ବୟସର ଶିଶୁ, ଗର୍ଭବତୀ ମହିଳା ଓ ଦୀର୍ଘଦିନ ଧରି ଅସୁସ୍ଥ ଥିବା ବ୍ୟକ୍ତି ମାନଙ୍କୁ ଏହି ଔଷଧ ଖାଇବାକୁ ଦିଆଯିବ ନାହିଁ । ସମସ୍ତ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପକ୍ଷରୁ ସମସ୍ତ ମାଇକ୍ରୋପ୍ଲାନିଙ୍ଗ, ତାଲିମ ଓ ସଚେତନତା ସୁଚାରୁରୂପେ ଓ ଠିକ ସମୟରେ ସମସ୍ତ କାର୍ଯ୍ୟ ସମାପ୍ତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଉମା ଶଙ୍କର ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ନୀଳ ମାଧବ ଭୋଇ, ରାସ୍ତା ଓ କୋଠାବାଡି ବିଭାଗୀୟ ସୁପରିନଟେଣ୍ଡେଣ୍ଟ ଇଞ୍ଜିନିୟର ତପନ କୁମାର ପାଣିଗ୍ରାହୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ୟାମ ସୁନ୍ଦର ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ (ଭିଭିଡି) ଡା. ସନ୍ତୋଷ କୁମାର ପାଢୀ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ , ପରିବାର କଲ୍ୟାଣ ଡା. ଭି ସରୋଜୀନୀ ଦେବୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଜିଲ୍ଲା ଡେଙ୍ଗୁ ଓ ମ୍ୟାଲେରିଆ ନିରାକରଣ ଅଧିକାରୀ ସୁଜିତ୍ କୁମାର କାର୍ଯ୍ୟୀ ଏବଂ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅନ୍ୟାନ୍ୟ ଅଧିକାରୀ ଗଣ ଉପସ୍ଥିତ ଥିଲେ ।

## ସ୍ୱସ୍ତିନଗରରେ ନବନିର୍ମିତ ପକ୍କା ଡ୍ରେନ ଉଦଘାଟିତ

ବାଲେଶ୍ୱର, ୧୨/୦୫ (ନି.ପ୍ର): ରେମୁଣା ବ୍ଲକ ଅନ୍ତର୍ଗତ ସରସ୍ୱତୀପୁର ପଞ୍ଚାୟତର ସ୍ୱସ୍ତିନଗରରେ ବିଧାୟକ ହାତପାଣ୍ଠିରେ ନିର୍ମିତ ପକ୍କାଡ୍ରେନ ଗୁରୁବାର ଉଦଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ନବନିର୍ମିତ ପ୍ରକଳ୍ପକୁ ଉଦଘାଟନ କରିଥିଲେ। ଜନ ସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ଏହି ପ୍ରକଳ୍ପ ପାଇଁ ଅନୁଦାନ ମଞ୍ଜୁର କରାଯାଇଛି। ସ୍ଥାନୀୟ ଅଞ୍ଚଳର ନିଷ୍କାସନ ବ୍ୟବସ୍ଥା ପାଇଁ ଏହା ସହାୟକ ହେବ ବୋଲି ବିଧାୟକ ଶ୍ରୀ ପରିଡ଼ା ଆଶା ପ୍ରକାଶ କରିଥିଲେ। ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ଉପାଧ୍ୟକ୍ଷ ସୁମତି ବେହେରା ଓ ଜିଲା ପରିଷଦ ସଭ୍ୟା କବିତା ପାଣି ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଞ୍ଚଳବାସୀଙ୍କ ଆବଶ୍ୟକତା ପୂରଣରେ ବିଧାୟକଙ୍କ ସମୟୋପଯୋଗୀ ନିଷ୍ପତ୍ତିକୁ ପ୍ରଶଂସା କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ସ୍ଥାନୀୟ ବାସିନ୍ଦାମାନେ ଉପସ୍ଥିତ ଥିଲେ। ସ୍ୱସ୍ତିନଗରର ଲଲାଟେନ୍ଦୁଙ୍କ ଘରଠାରୁ ଓଟିରୋଡ଼ ପର୍ଯ୍ୟନ୍ତ ପକ୍କା ଡ୍ରେନ ପାଇଁ ରେମୁଣା ବିଧାୟକ ଶ୍ରୀ ପରିଡ଼ା ଅଢ଼େଇ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଥିଲେ।

## ହତ୍ୟା ମାମଲାରେ ୨ ଗିରଫ

ଜୟପୁର, ୧୨/୦୫ (ନି.ପ୍ର): ହତ୍ୟା ମାମଲାରେ ୨ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଏହି ମାମଲାରେ ୨ ଅଭିଯୁକ୍ତ କୁ ଗିରଫ କରିଛି । ପୋଲିସ ସୂଚନା ଅନୁଯାଇ ଗତ ୬.୫.୨୩ ତାରିଖରେ ଲାଲୁ ହରିଜନ (୨୧), ବନ କୁମାର ପରଜା(୩୦) ଓ ଡମ୍ବୁ ଗାଧବା (୩୫) । ୩ ଜଣ ମିଶି ମାଛ ଧରିବାକୁ ଗ୍ରାମ ନିକଟସ୍ଥ ଏକ ନଦୀକୁ ଯାଇଥିଲେ । କୈଣସି କାରଣକୁ ନେଇ ୩ ଜଣ ମଧରେ ବଚସା ହୋଇଥିଲା । ଅଭିଯୁକ୍ତ ଡମ୍ବୁ ଓ ବନ ଏକ ପଥରେ ଲାଲୁର ମୁଣ୍ଡକୁ ବାର ବାର ଆକ୍ରମଣ କରଥିଲେ। ଫଳରେ ଲାଲୁ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ । ଲାଲୁର ମୃତ ଶରୀରକୁ ଉକ୍ତ ନଦୀରେ ହିଁ ଶବକୁ ଭସାଇ ଦେଇଥିଲେ । ଗତ ୮ ତାରିଖ ରେ ଭାସି ରଣ୍ଡାପାଲି ସ୍ଥିତ ଏକ ନଦୀରେ ଶବ କୁ ଠାବ କରାଯାଇଥିଲା । ଶବକୁ ଉଦ୍ଧାର କରି ଥିଲା ଜୟପୁର ସଦର ପୋଲିସ । ଏନେଇ ଅପମୃତ୍ୟୁ ମାମଲା ରୁଜୁ କର ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଛେଦ କରାଯାଇଥିଲା । ଶବ ବ୍ୟବଛେଦ ରେ ହତ୍ୟା କରାଯାଇଥିବା ନେଇ ରିପୋର୍ଟ ଆସିଥିଲ ।

# ଜାତୀୟ ପ୍ରଯୁକ୍ତି ବିଜ୍ଞାନ ଦିବସ ପାଳିତ

ଭୁବନ, ୧୨/୦୫ (ନି.ପ୍ର): ଓଡ଼ିଶା ବିଜ୍ଞାନ ମଣ୍ଡଳ, ଢ଼େଙ୍କାନାଳ ଶାଖା ଆନୁକୂଲ୍ୟରେ ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ପ୍ରଯୁକ୍ତି ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ବିଜ୍ଞାନ ମଣ୍ଡଳ ଢ଼େଙ୍କାନାଳ ଶାଖା ସମ୍ପାଦକ ଅଧ୍ୟାପକ ଶୁଭମ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହେଉଥିବା ଏହି ସେମିନାରରେ ପଦାର୍ଥ ବିଜ୍ଞାନୀ ତଥା ବାଜି ରାଉତ କଲେଜର ପୂର୍ବତନ ଅଧକ୍ଷ ଡ଼ କିଶୋର ଚନ୍ଦ୍ର ଦାଶ ପରମାଣୁ ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଚୀନ ଯୁଗରୁ ମହର୍ଷି କନ୍ନଡ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଓ ଷଷ୍ଠ ମଧରେ ଅଣୁ, ପରମାଣୁ ସମ୍ବନ୍ଧରେ ଆବିଷ୍କାର କରିଥିଲେ। ସେହି ସମୟରୁ ଆଜି ପର୍ଯ୍ୟନ୍ତ ଅଣୁ ଓ ପରମାଣୁ ସମ୍ବନ୍ଧରେ ଗବେଷଣା ଜାରି ରହିଛି। ଆଜିର ଦିନରେ ଭାରତ ପରମାଣୁ ବୋମା ପରୀକ୍ଷା କରି କରି ସଫଳତା ହାସଲ କରିଥିଲା ଓ ଭାରତ ପରମାଣୁ ରାଷ୍ଟ୍ର ଭାବେ ପରିଗଣିତ ହୋଇଥିଲା। ଆଇଆଇଟି ରୁଡ଼୍କିର ପୂର୍ବତନ ଛାତ୍ର ଡ ସତ୍ୟ ତାପସ ପରମାଣୁ ଗବେଷଣା ଓ ଭାରତ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କାମାକ୍ଷା ନଗର ପ୍ରଧାନ ଆଚାର୍ଯ୍ୟ ଗୌର ଚରଣ ନନ୍ଦ, ଓଡ଼ିଶା ବିଜ୍ଞାନ ମଣ୍ଡଳ ଗଠନ ସଂପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭ ରେ ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ଦାସ ସ୍ୱାଗତ ଭାଷଣ ଦେଇ କୌଶଳ ସହ ପ୍ରଯୁକ୍ତିର ମିଳନରେ ଦେଶକୁ ବିକାଶଶୀଳ କରିବାରେ ସହାୟକ ହୁଏ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶା ବିଜ୍ଞାନ ମଣ୍ଡଳ ଢ଼େଙ୍କାନାଳ ଜିଲ୍ଲା ସଂଯୋଜକ ପଦନ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର : ମାନବିକତାର ଅଭାବ ରହୁଛି

ସୁବର୍ଣ୍ଣପୁର, ୧୨/୦୫ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ କପାସିରା ଗ୍ରାମର ଜଣେ ସାମ୍ବାଦିକ ପରିବାର ସ୍ୱାସ୍ଥ୍ୟ ସେବାରେ କିଭଳି ମାନସିକ ଚାପଗ୍ରସ୍ତ ହୋଇଥିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଆହୁରି ଚକିତ କରିଛି ଖୋଦ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲା ତଥା ବ୍ଲକରେ । ଡୁଙ୍ଗୁରିପାଲିରୁ ପ୍ରକାଶିତ ହୋଇ ଆସିଥିବା 'ବନ୍ ତୁଳସୀ' ପାକ୍ଷିକ ଖବର କାଗଜର ପ୍ରକାଶକ ସାରଥି ପଧାନଙ୍କୁ ପୁଅ ସମ୍ରାଟ ପଧାନ(୨୭) । ତାଙ୍କ ସ୍ତ୍ରୀ କୁନି ପଧାନ । ଗତ ମାସେ ତଳେ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତୀ ପାଇଁ ଭର୍ତ୍ତି କରିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ବୁର୍ଲା ପଠାଯାଇଥିଲା। ସେଠାରେ ଅସ୍ତ୍ରୋପଚାର କରି ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା । ଶିଶୁପୁତ୍ରର ପରିସ୍ରା ନଳୀରେ ସମସ୍ୟା ଥିବାରୁ ତାଙ୍କୁ କଟକ ଶିଶୁ ଭବନକୁ ପଠାଯାଇଥିଲା । ସେଠାରେ ଚିକିତ୍ସା ପରେ ଘରକୁ ଫେରି ଥିଲେ । ଗତ୮ ତାରିଖରେ ଶିଶୁଙ୍କୁ କଟକ ଶିଶୁ ଭବନରେ ପରୀକ୍ଷା କରାଇବାକୁ କପସିରାରୁ ଭାୟା ସୋନପୁର ଦେଇ କଟକ ଯାଉଥିଲେ। ସୋନପୁରଠାରେ ଖାଇବାରେ ଶିଶୁର ସମସ୍ୟା ଦେଖାଦେବାରୁ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କୁ ଦେଖାଇଥିଲେ । ସେଠାରେ ଚିକିତ୍ସାଧିନ ଡାକ୍ତର ଅଧିକ ଚିକିତ୍ସା ପାଇଁ ବୁର୍ଲା ପଠାଇ ଦେଇଥିଲେ। ଏକ ୧୦୮ ଆମ୍ବୁଲାନ୍ସ ଯୋଗେ ବୁର୍ଲା ନେବା ବାଟରେ ତାଙ୍କର ଉଲୁଣ୍ଡା (ମେଟାକାନୀ ଛକ) ନିକଟରେ ମୃତ୍ୟୁ ହୋଇଥିବା ଶିଶୁର ବାପାମା ଜାଣିବାକୁ ପାଇଥିଲେ । ଉଲୁଣ୍ଡାଠା ଡାକ୍ତରଖାନାକୁ ନେଇଥିଲେ। ସେଠାରେ କାର୍ଯ୍ୟରତ ସେବୀକା ଜଣକ ଡାକ୍ତରଙ୍କୁ ଫୋନ ମାଧମରେ ଡକାଇଥିଲେ। ଡାକ୍ତର ପହଂଚି ଶିଶୁକୁ ନ ଦେଖି ଯେଉଁଠିକୁ ରେଫର ହୋଇଛି ଅଥବା ଯେଉଁଠାରୁ ରେଫର ହୋଇଛି ସେଠାକୁ ନେବାକୁ ପରାମର୍ଶ ଦେଇଥିଲେ। ମୃତ ଶିଶୁର ବାପାଙ୍କ ଅଭିଯୋଗ ଯେ, ଚିକିତ୍ସାରେ ସେ କୌଣସି ଅଭିଯୋଗ ନଥିଲେ ମଧ ଡାକ୍ତରମାନଙ୍କ ମାନବିକତାକୁ ସେ ସହ୍ୟ କରିପାରିନ ଥିଲେ । ଉଲୁଣ୍ଡା ଡାକ୍ତରଖାନାର ଡାକ୍ତର ଜାଣିବା କଥା ଯେ, ଜଣେ ବାପା ମା ମୃତ ଶିଶୁକୁ କିପରି ବୁର୍ଲା ବା ସୋନପୁର ନେବ। ସେଠାରେ ତାଙ୍କର ମୃତ ଘୋଷଣା କରିଥିଲେ ସେ କପାସିରାକୁ ଫେରି ଆସିଥାନ୍ତି । ଏହା ନହେବାରୁ ଉଭୟ ସ୍ୱାମୀ ସ୍ତ୍ରୀ ମୃତ ଶିଶୁପୁତ୍ରକୁ ଧରି ସୋନପୁର ପହଂଚିଥିଲେ। ସେଠାରେ ମଧ ଡାକ୍ତର ମୃତ ଘୋଷଣା କରିବାକୁ ମନା କରିଥିଲେ । ଶେଷରେ ଜିଲ୍ଲପାଳଙ୍କ ହସ୍ତକ୍ଷେପ ପରେ ସମସ୍ୟାରେ ସମାଧାନ ହୋଇଥିଲା। ଡାକ୍ତରଙ୍କୁ ଦ୍ୱିତୀୟ ଭଗବାନ କହୁଥିବା ବେଳେ ଏଠାରେ ଡାକ୍ତରମାନଙ୍କ ମାନବିକତା ରହିଲା କେଉଁଠି । ଜଣେ ବାପାମା ମୃତ ଶିଶୁର ଶବକୁ ଧରି ମୃତ ଘୋଷଣା ପାଇଁ ଗୋଟିଏ ଡାକ୍ତରଖାନାରୁ ଆଉ ଗୋଟିଏ ଡାକ୍ତରଖନା ଦୌଡିବା କେତେ ଯେ ଯନ୍ତ୍ରଣାଦାୟକ ସେହି ଅନୁଭବି ବାପା ମାଁ ହିଁ ଜାଣିବେ । ଏଣୁ ସ୍ୱାସ୍ଥ୍ୟ ସେବାର ଏଭଳି ବିକଳ ଚିତ୍ରକୁ ସୁଧାର କରବା ସହିତ କେତେକ ଡାକ୍ତରମାନଙ୍କଠାରେ ହଜିଯାଉଥିବା ମାନିବତା ସୃଷ୍ଟି କରାଯିବାକୁ ଏମାନଙ୍କୁ ସଚେତନତାର ଆବଶ୍ୟକତା ରହିଛି । ଆହୁରି ମଧ ସ୍ୱାସ୍ଥ୍ୟ ସେବାରେ ବିଶ୍ୱସ୍ତରୀୟ ସେବା ଯୋଗାଇ ଦେଇ ଆସୁଥିବା କହୁଥିବା, ଜିଲ୍ଲା ତଥା ବିଭିନ୍ନ ଡାକ୍ତରଖାନରେ ଶିଶୁମାତୃ ଯତ୍ନ ୟୁନିଟ ରହିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏମାନଙ୍କୁ କଣ ଚିକିତ୍ସା ପାଇଁ ବୁର୍ଲା ପଠାଗଲା । ବିଭିନ୍ନ ଗଣମାଧମର ପ୍ରତିନିଧିମାନେ ଉକ୍ତ ପରିବାରକୁ ଯାଇ ଭେଟି ସମବେଦନା ଜଣାଇଛନ୍ତି। ଡୁଙ୍ଗୁରିପାଲି ବ୍ଲକ ସାମ୍ବାଦିକ ସଂଘ ସମ୍ପାଦକ ଘନଶ୍ୟାମ ମେହର, କୋଷାଧକ୍ଷ ସାଗର ଜେନା, ପଶ୍ଚିମ ଓଡିଶା କୋସଲ ସାମ୍ବାଦିକସଂଘ ସଂପାଦକ ମୁକେଶ କୁମାର ଭୋଇ, ଆବାହାକ ରତ୍ନାକର ସେଠ କପାସିରା ଗ୍ରାମକୁ ଯାଇ ଘଟଣା ଉପରେ ବୁଝିଥିଲେ। ଏହି ଘଟଣାକୁ ନେଇ ଗଣମାଧମର ପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିବା ସହ ଜଣେ ସାମ୍ବାଦିକକ ପରିବାର ଯଦି ଏପରି ସମାସ୍ୟାର ସମ୍ମୁଖିନ ହେବେ ତାହାଲେ ସାଧାରଣ ଲୋକଙ୍କ ଅବସ୍ଥା କିପରି ହେଉଥିବ। ଏହି ଘଟଣା ମାନବିକ ଅଧିକାରର ଉଲ୍ଲଙ୍ଘନ ହେଉଥିବାରୁ ଜାତୀୟ ତଥା ରାଜ୍ୟ ମାନବିକ ଅଧିକାର ସଂସ୍ଥା ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଭୟ ସଂଘ ପକ୍ଷରୁ ଦାବି କରାଯାଇଛି।

# ବାଲିମେଳା ହାଇସ୍କୁଲର ୨୦୦୦ ମସିହା ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

ମାଲକାନଗିରି, ୧୨/୦୫ (ନି.ପ୍ର): ମାଲକାନଗିରି ଜିଲା ବାଲିମେଳା ଟାଉନ ହଲ ଠାରେ ବାଲିମେଳା ହାଇସ୍କୁଲ ର ୨୦୦୦ମସିହା ମାଟ୍ରିକ ବ୍ୟାଚ ର ଛାତ୍ର ଛାତ୍ରୀ ଙ୍କର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇ ଅଛ। କାର୍ଯ୍ୟକ୍ରମ ରେ ନିମନ୍ତ୍ରିତ ଅତିଥି ତଥା ପଢି ଆସିଥିବା ବିଦ୍ୟାଳୟ ଓ କଲେଜର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ହଳଦୀ ପାଣିରେ ପାଦ ଧୋଇ ଫୁଲ ଚନ୍ଦନ ଲଗାଇ ମଂଚ ଉପରକୁ ଆମନ୍ତ୍ରିତ କରାଯାଇଥିଲା । ଏହାପରେ ସମସ୍ତ ଅତିଥି ମାନେ ଦିବଙ୍ଗତ ଶିକ୍ଷକ ରାଜକିଶୋର ମହାନ୍ତି, ସୁବାଷ ଚନ୍ଦ୍ର ମହାନ୍ତି , ବିବେକାନନ୍ଦ ରାଉତରାୟ ଙ୍କ ତୈଳଚିତ୍ର ରେ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ନିରବ ପ୍ରାଥନା କରିଥିଲେ । ୨୦୦୦ମସିହାର ଛାତ୍ର ଦେବୀପ୍ରସାଦ ଗୌଡ଼ ସ୍ୱାଗତ ଭାଷଣ ଦେବା ସହ ବାଣିଶ୍ରୀ କଳା ନିକେତନ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇ ଥିଲା । ସଭା କାର୍ଯ୍ୟ ଆରମ୍ଭରେ ସମସ୍ତ ଛାତ୍ର ଛାତ୍ରୀ ନିଜର ସ୍ମୃତି ଚାରଣ କରିଥିଲେ ଏହାପରେ ନିମନ୍ତ୍ରତ ଅତିଥି ତଥା ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାସ, ଅଭିମନ୍ୟୁ ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ସୁରେଶ ଚନ୍ଦ୍ର ତ୍ରିପାଠୀ, ଅଧକ୍ଷ ଅମୂଲ୍ୟ ପ୍ରଧାନ, କାର୍ଯ୍ୟରତ ଗୋଷ୍ଠି ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ, ରାମକୃଷ୍ଣ ପାଢ଼ୀ , ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ ନାୟକ, ଶିକ୍ଷୟତ୍ରୀ ପ୍ରତିମା ପାଲ, ଶିବପ୍ରସାଦ ନାଲା, ଦାମୋଦର ପଣ୍ଡା, ଅମରେଶ୍ୱର ବେହେରା ,ପ୍ରମୁଖ ନିଜନିଜର ପୁରୁଣା ଛାତ୍ର ଛାତ୍ରୀ ଙ୍କୁ ଦେଖି ଅତ୍ୟନ୍ତ ଖୁସି ବ୍ୟକ୍ତ କରି ଭାବବହୁଳ ପରିବେଶ ଦେଖିବାକୁ ମିଳିଥିଲା । ସମସ୍ତ ଛାତ୍ର ଛାତ୍ରୀଙ୍କ ଦ୍ୱରା ସମସ୍ତ ଅତିଥି ଙ୍କୁ ସମ୍ମାନ ଉଦ୍ଦେସରେ ମାନପତ୍ର ପ୍ରଦାନ କରାଯାଇଥିଲା । ଏଥି ସହିତ ଦିବଙ୍ଗତ ଶିକ୍ଷକ ଶ୍ରୀ ମହାନ୍ତି ଙ୍କ ସହଧର୍ମିଣୀଙ୍କୁ ସମ୍ମାନିତ କରିବା ସହ ଏକ ମାନପତ୍ର ପ୍ରଦାନ କରାଯାଇଥିଲା । ସଭା ଶେଷରେ ସହଭୋଜନ ର ବ୍ୟବସ୍ଥା ହେବା ସହ ଶିକ୍ଷାଲାଭ କରିଥିବା ବିଦ୍ୟାଳୟ ଗୁଡିକୁ ସମସ୍ତ ଛାତ୍ର ଛାତ୍ରୀ ଭ୍ରମଣ କରିଥିଲେ ଏବଂ ୨୨ବର୍ଷ ପରେ ଭେଟିଥିବା ବନ୍ଧୁ ମାନଙ୍କୁ ପାଖରେ ପାଇ ଅତ୍ୟଧିକ ଖୁସି ବ୍ୟକ୍ତ କରିବା ସହ ଏକ ଆନନ୍ଦ ମୟ ପରିବେଶ ଦେଖିବାକୁ ମିଳିଥିଲା ।

# ବାଇ ପାସ ରାସ୍ତା ନିର୍ମାଣ ପାଇଁ ବିଷ୍ଣୁମୁଣ୍ଡାରେ କୃତ୍ରିମ ବନ୍ୟା ପରିସ୍ଥିତି: ପୌର ଅଧକ୍ଷା ବୁଲି ଦେଖିଲେ

ବଲାଙ୍ଗିର , ୧୨/୦୫ (ନି.ପ୍ର): ଜାତୀୟ ରାଜପଥ ବିଭାଗ ଦ୍ୱାରା ବଲାଙ୍ଗିର ମୁନିସିପାଲିଟି ଅନ୍ତର୍ଗତ ବିଷ୍ଣୁମୁଣ୍ଡା ନିକଟସ୍ଥ ବାଇପାସ ରାସ୍ତା ନିର୍ମାଣ କରିବା ପାଇଁ ବନ୍ଧକୁ କାଟି ଦିଆ ଯାଇଥିବା ବେଳେ ବନ୍ଧ ର ପାଣି ରାସ୍ତା ଉପରକୁ ମାଡ଼ି ଆସିଥିଲା ।ବିନା ପୂର୍ବ ସୂଚନା ରେ ଏପରି କାମ କରାଯାଇଥିବା ଯୋଗୁଁ ବିଷ୍ଣୁ ମୁଣ୍ଡା ଅନ୍ନପୂର୍ଣ୍ଣା ନଗର ଜଳର୍ଣ୍ଣାବ ହେବା ସହିତ ଏଠାରେ ତିନୋଟି ପରିବାର ପାଣିଘେରରେ ରହିଥିବା ବେଳେ ଓଡରଫ୍ଟ ଦଳ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିବା ଦେଖାଯାଇଛି । ପ୍ରକାଶ ଯେ ଜାତୀୟ ରାଜପଥ ବିଭାଗ ତରଫରୁ ବଲାଙ୍ଗିର ବାଇପାସ୍ ରାସ୍ତା ନିର୍ମାଣ କାମ ଚାଲିଛି । ମାଟି କାଟି ଜମି ସମତୁଲ କରାଯାଉଥିବା ବେଳେ ବିଷ୍ଣୁମୁଣ୍ଡା ବନ୍ଧ କୁ କାଟି ପାଣି ନିଷ୍କାସନ କରାଯାଇଥିଲା । ଏଥିରେ ବିଷ୍ଣୁମୁଣ୍ଡା ର ଅନ୍ନପୂର୍ଣ୍ଣା ନଗରରେ ଥିବା ଘର ମାନଙ୍କରେ ପାଣି ପଶି ଥିବା ଦେଖିବାକୁ ମିଳିଛି କ୍ଷ ମୁଖ୍ୟ ରାସ୍ତା ପାଣି ଉପରେ ଯାନବାହାନ ଚଳାଚଳ କରିଥିବା ବେଳେ କିଛି ଲୋକ ମାଛ ମାରିବା ଜାଲ ଧରି ଆସିଥିବା ଓ ପାଣି ସୁଅରେ ଆସୁଥିବା ମାଛ ଧରି ଥିଲେ। ଆଜି ଅନ୍ନପୂର୍ଣ୍ଣାନଗର ପରିଦର୍ଶନ କରିଛନ୍ତି ପୌରାଧକ୍ଷା ଲିକା ସାହୁ ।

# ଆଇନ ସେବା ପ୍ରାଧିକରଣ ପକ୍ଷରୁ 'ବର୍ଜ୍ୟ ବସ୍ତୁ ପରିଚାଳନା' ଆଲୋଚନାଚକ୍ର




ବାଲେଶ୍ୱର, ୧୨/୦୫ (ନି.ପ୍ର): ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ 'କଠିନ ବର୍ଜ୍ୟ ବସ୍ତୁ ପରିଚାଳନା' ଶୀର୍ଷକ ଏକ ଆଲୋଚନାଚକ୍ର ସତ୍ୟସାଇ ଇଂଜିନିୟରିଂ କଲେଜରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସ୍ଥାୟୀ ଲୋକ ଅଦାଲତ ସଭାପତି ଚିନ୍ତାମଣି ପଣ୍ଡା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ଜ୍ୟବସ୍ତୁ ପରିଚାଳନାର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ବର୍ଜ୍ୟବସ୍ତୁ ପରିଚାଳନା ସମ୍ପ୍ରତି ସମଗ୍ର ବିଶ୍ୱ ପାଇଁ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଏନେଇ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଆଇନରେ ଥିବା ବିଭିନ୍ନ ଧାରା ସମ୍ପର୍କରେ ଶ୍ରୀ ପଣ୍ଡା ସମସ୍ତଙ୍କୁ ଅବଗତ କରିଥିଲେ। ସତ୍ୟସାଇ ଗ୍ରୁପ ଅଫ ଏଜୁକେସନର ଚେୟାରମ୍ୟାନ ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଏଥିରେ ଯୋଗଦେଇ ବର୍ଜ୍ୟବସ୍ତୁର ସଠିକ ପରିଚାଳନା ନହେଲେ ଏହା ପରିବେଶ ପ୍ରତି ମହାବିପଦ ସୃଷ୍ଟି କରିବ। ଏନେଇ 'ସ୍ୱଚ୍ଛ ଭାରତ ଅଭିଯାନ'କୁ ଆଗେଇ ନେବା ସହ ବର୍ଜ୍ୟବସ୍ତୁ ପରିଚାଳନାରେ ଜନସାଧାରଣ ଅଂଶୀଦାର ହେବାକୁ ଶ୍ରୀ ପଣ୍ଡା ପରାମର୍ଶ ଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ପେନାଲ ଲୟର ସଦସ୍ୟ ସତ୍ୟେନ୍ଦ୍ର ଉମାଶଙ୍କର ରାଉତଙ୍କ ଆବାହକତ୍ୱରେ ଆୟୋଜିତ ସଚେତନତା ଶିବିରରେ ଜିଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଡେପୁଟି ଡାଇରେକ୍ଟର ଭୀମ ଚରଣ ମାରାଣ୍ଡି, ବାଲେଶ୍ୱର ପୌରପାଳିକା ପରମଳ ଅଧିକାରୀ କମଳ ଲୋଚନ ପାତ୍ର, ଓଡିଶା ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ଜିଲା ସଭାପତି ଗଙ୍ଗାଧର ରାଉତ ଓ ସମ୍ପାଦକ ବିବେକାନନ୍ଦ ଦାସ, ସତ୍ୟସାଇ ଇଞ୍ଜିନିୟରିଙ୍ଗ କଲେଜର ଅଧକ୍ଷ ଯତୀନ୍ଦ୍ର ନାଥ ଦାସ, ସତ୍ୟସାଇ ଡିଗ୍ରୀ କଲେଜ ଅଧକ୍ଷ ପ୍ରଭାତ ରଞ୍ଜନ ସ୍ୱାଇଁ ପ୍ରମୁଖ ଏଥିରେ ଯୋଗଦେଇ କଠିନ, ତରଳ ଓ ବିପଦ ଜନକ ବର୍ଜ୍ୟବସ୍ତୁ ପରିଚାଳନାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନା ଚକ୍ରରେ ସତ୍ୟସାଇ ଇଞ୍ଜିନିୟରିଂ କଲେଜର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ପୌରାଳିକାର ବିକାଶ ଓ ଉନ୍ନତିର ଲୋକାର୍ପିତ ଉତ୍ସବ

କେନ୍ଦ୍ରାପଡା, ୧୨/୦୫ (ନି.ପ୍ର): କେନ୍ଦ୍ରାପଡା ପୌର ପରିଷଦ ତରଫରୁ ରଣପଡା ଠାରେ ନିର୍ମାଣ କରାଯାଇ ଥିବା ନୂତନ ମଡେଲ ଶ୍ମଶାନ ସହିତ ହଜାରି ବଗିଚା ଠାରେ ଆହାର କେନ୍ଦ୍ର, ତିନିମୁହାଣୀ ଠାରେ ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କ ନିର୍ମାଣ କରାଯାଇଛି। ଗୁରୁବାର ୩ ଗୋଟି ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାନ୍ୟବର ସାଂସଦ ଅନୁଭବ ମହାନ୍ତି, ମାନ୍ୟବର ମନ୍ତ୍ରୀ ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ପ୍ରତାପ କେଶରୀ ଦେବ, ମାନ୍ୟବର ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ, ସମବାୟ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ଜିଲ୍ଲା ପରିଷଦ ଅଧକ୍ଷ ଗୀତାଞ୍ଜଳୀ ସେଠୀ, ପୌର ଅଧକ୍ଷା ସରିତା ସାହୁ, ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଦ୍ୱାରା ଲୋକାର୍ପିତ କରାଯାଇଛି । ଏହି ପ୍ରକଳ୍ପ ଗୁଡିକ ମଧ୍ୟରେ ପୌରାଂଚଳ ର ପୌର ଉପାଧକ୍ଷା ଆକବରୀ ଖାତୁନ, ଉପଜିଲ୍ଲପାଳ ନିରଞ୍ଜନ ବେହେରା, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ବରିଷ୍ଠ ସମାଜସେବୀ ରଞ୍ଜିତ ସାହୁ, ଅଜୟ ରାଉତ, ମୁରଲୀ ସେଠୀଙ୍କ ସମେତ ରାଜେଶ ପଣ୍ଡା, ଦେବଦାସ ମହାନ୍ତି, ଧିରେନ ସାହୁ, ପ୍ରଦିପ ମହାନ୍ତି, ଆଇନଜୀବି ତଥା ଜିଲ୍ଲା ବିଜେଡି ଲିଗାଲ ଫଣ୍ଡ କାର୍ଯ୍ୟକାରୀ ସଭାପତି ସଂଜୟ ଜେନା, ମିଶନ ଶକ୍ତି ମହିଳା ମଣ୍ଡଳର ସଦସ୍ୟ ମାନେ, ସମସ୍ତ କାଉନସିଲର ସମେତ ଭାବଗ୍ରାହୀ ପତି, ଗୌରାଙ୍ଗ ବେହେରା, ଜଗନ୍ନାଥ ସାହୁ, ନିହାର ରଞ୍ଜନ ମହାପାତ୍ର, ବହୁ ଦଳୀୟ କର୍ମୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଜଳେଶ୍ୱରରେ ନାହାନ୍ତି ୫ ବିଭାଗର ମୁଖ୍ୟ ଅଧିକାରୀ : ଧାରରେ ଚାଲିଛି କାର୍ଯ୍ୟାଳୟ

ଜଳେଶ୍ୱର , ୧୨/୦୫ (ନି.ପ୍ର): ଗତ କିଛିମାସ ଧରି ଜଳେଶ୍ୱରର ୫ଟି ବିଭାଗର ମୁଖ୍ୟ ଅଧିକାରୀମାନେ କାର୍ଯ୍ୟାଳୟରେ ନ ଥିବାର ଦେଖିବାକୁ ମିଳିଛି । ଅନ୍ୟ ଦୂରସ୍ଥାନରୁ କର୍ମଚାରୀମାନେ ଏହି କାର୍ଯ୍ୟ ତୁଲାଉଥିଲେ ମଧ୍ୟ ସବୁଦିନେ ସାଧାରଣ ଜନତା ଦେଖା କରିବାକୁ ଆସି ଫେରିବାକୁ ବାଧ୍ୟ ହେଉଛନ୍ତି । ଫଳରେ ଜଷ୍ଟିସ୍ ଏଟ୍ ଦି ଡୋର ଷ୍ଟେପ ନ୍ୟାୟ ମିଳିପାରୁନାହିଁ । ଘଟଣାରୁ ପ୍ରକାଶ ଜଳେଶ୍ୱରରେ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଅଧିକାରୀ ଦୀର୍ଘ ମାସ ଧରି ନାହାନ୍ତି । ତେଣୁ ବସ୍ତାର ଅଧିକାରୀ ଜଳେଶ୍ୱରକୁ ଆସି କାର୍ଯ୍ୟ ତୁଲାଉଛନ୍ତି । ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ କେହି ନ ଥିବାରୁ ଭୋଗରାଇର ଅଧିକାରୀ କାର୍ଯ୍ୟ ତୁଲାଉଛନ୍ତି । ଗୋଷ୍ଠୀ ଶିକ୍ଷାଧିକାରୀ ଜଳେଶ୍ୱରରେ ସ୍ଥାୟୀଭାବେ କେହି ନ ଥିବାରୁ ରେମୁଣାରୁ ଆସି କାର୍ଯ୍ୟ ତୁଲାଉଛନ୍ତି । ଉଦ୍ୟାନ ବିଭାଗର ଅଧିକାରୀ ଦୀର୍ଘବର୍ଷ ଧରି କେହି ନ ଥିବା ବେଳେ ବହୁ ସମୟରେ କାର୍ଯ୍ୟାଳୟ ବନ୍ଦ ରହୁଥିବା ଦେଖିବାକୁ ମିଳୁଛି । ଜଳେଶ୍ୱର ବ୍ଲକରେ ସିଡିପିଓ ଭାବେ ଜଣେ ସୁପରଭାଇଜର କାର୍ଯ୍ୟ ତୁଲାଉଛନ୍ତି । ଫଳରେ ଅଧିକାରୀ ଉପସ୍ଥିତ ରହୁନଥିବାରୁ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେବଳ ଜନସାଧାରଣ ନୁହନ୍ତି ବିଭାଗୀୟ କାର୍ଯ୍ୟ ରେଳ ଓଭର ବ୍ରିଜ୍, ନଦୀପୋଲ ଇତ୍ୟାଦି ବଡବଡ ପ୍ରକଳ୍ପ କାର୍ଯ୍ୟ ଧିମେଇ ଯାଉଛି । ଅତିଶୀଘ୍ର ବିଭାଗୀୟ ମୁଖ୍ୟଙ୍କୁ ଏଠାରେ ନିଯୁକ୍ତି ଦେବାକୁ ଦାବୀ ହେଉଛି ।

# ମାରଓ୍ୱାଡ଼ି ମହିଳା ସମ୍ମେଳନ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର, ୧୨/୦୫ (ନି.ପ୍ର): ଜାତୀୟ ଥାଲେସେମିଆ ସପ୍ତାହ ପାଳନ ଅବସରରେ ଅଖିଳ ଭାରତୀୟ ମାରଓ୍ୱାଡ଼ି ମହିଳା ସମ୍ମେଳନ ବାଲେଶ୍ୱର ଶାଖା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ରକ୍ତ ଭଣ୍ଡାର ପରିସରରେ ଆୟୋଜିତ ଶିବିରକୁ ଡାକ୍ତର ମହେଶ କୁମାର ବିଶ୍ୱାଳ ଉଦଘାଟନ କରିଥିଲେ । ସାମ୍ପ୍ରତିକ ଗ୍ରୀଷ୍ମ ପ୍ରକୋପ ରକ୍ତଦାନ ଶିବିର ଆୟୋଜନରେ ଅନ୍ତରାୟ ହୋଇଥିବା ବେଳେ ମାରଓ୍ୱାଡ଼ି ମହିଳା ସମ୍ମେଳନର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ସେ କହିଥିଲେ । ମାରଓ୍ୱାଡ଼ି ମହିଳା ସମ୍ମେଳନର ବହୁ ସଦସ୍ୟା ଏହି ଶିବିରରେ ରକ୍ତଦାନ କରିଥିଲେ ।ଏଥିସହିତ ଆନ୍ତର୍ଜାତିକ ସେବିକା ଦିବସ ଅବସରରେ ଅନୁଷ୍ଠାନ ପକ୍ଷରୁ ୨୫ଜଣ ନର୍ସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମାରୁଓ୍ୱାଡି ମହିଳା ସମ୍ମେଳନ ସଭାପତି ପ୍ରିୟା ଅଗ୍ରଓ୍ୱାଲଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଆଜି ଆସିବ ...

ଷ୍ଟ୍ରଙ୍ଗରୁମ୍ ର ପୂରା ସୁରକ୍ଷା ବ୍ୟବସ୍ଥାର ତଦାରଖ କରୁଛନ୍ତି ଜିଲ୍ଲାପାଳ ଓ ଏସପି । କୌଣସି ପରିସ୍ଥିତିରେ ବିନା ଅନୁମତିରେ କେହି ଷ୍ଟ୍ରଙ୍ଗରୁମ୍ ଭିତରକୁ ପ୍ରବେଶ କରିପାରିବେ ନାହିଁ । ସେହିପରି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ, ସମସ୍ତ ପ୍ରସ୍ତୁତି ସରିଛି । ତ୍ରି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ହେବ ଭୋଟ ଗଣନା । ସକାଳ ୮ ଟାରୁ ଆରମ୍ଭ ହେବ ଗଣତି । ପ୍ରଥମେ ପୋଷ୍ଟାଲ ବାଲାଟ ଗଣନା ହେବ । ୮. ୩୦ରୁ ଇଭିଏମ ଗଣତି ଆରମ୍ଭ ହେବ । ଇଭିଏମ ଗଣନା ଲାଗି ୧୪ଟି କାଉଟିଂ ଟେବୁଲ ବ୍ୟବସ୍ଥା ହୋଇଛି । ୨୫୩ ବୁଥ ଥିବାରୁ ୧୯ ରାଉଣ୍ଡ ଗଣନା ହେବ । ସନ୍ଧ୍ୟା ୪ ଟାରୁ ୬ଟା ଭିତରେ ଫଳାଫଳ ଆସିପାରେ ।

## ଇମ୍ରାନ ଖାନଙ୍କୁ ...

ରଖିଥିଲେ ମଧ ସୁପ୍ରିମ୍‌କୋର୍ଟ ଗୁରୁବାର ତାଙ୍କ ଗିରଫଦାରୀକୁ ଅବୈଧ ଘୋଷଣା କରି କୋର୍ଟ ଭିତରୁ କାହାକୁ ଗିରଫ କରାଯାଇପାରିବ ନାହିଁ ବୋଲି ଘୋଷଣା କରିବା ସହ ତାଙ୍କୁ ସୁପ୍ରିମ୍‌କୋର୍ଟଙ୍କ ସୁରକ୍ଷାରେ ରଖି ପୂର୍ବାହ୍ନ ୧୧ଟାରେ ଇସ୍‌ଲାମାବାଦ ହାଇକୋର୍ଟରେ ହାଜର କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ । ଅଲ୍ କାଦିର ଟ୍ରଷ୍ଟ ମାମଲାରେ ସୁପ୍ରିମ୍‌କୋର୍ଟ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଗିରଫଦାରୀକୁ ବେଆଇନ ଓ ଅବୈଧ ତଥା ଅଗଣତାନ୍ତ୍ରିକ ବୋଲି ଘୋଷଣା କରିବାର ଗୋଟିଏ ଦିନ ପରେ ଇସଲାମାବାଦ ହାଇକୋର୍ଟ ତାଙ୍କ ଜାମିନ ଆବେଦନ ଉପରେ ଶୁଣାଣି କରିଥିଲା ।

## ଅତି ଭୀଷଣ...

ଅଧିକ ତାତି ସହ ପାଗ ମଧ ଅସ୍ୱାଭାବିକ ରହିବ ବୋଲି ପାଣିପାଗ ବିଭାଗ କହିଛି । ଇତିମଧ୍ୟରେ ଆଜି ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ବାତ୍ୟା 'ମୋକା' ସୃଷ୍ଟି ହୋଇଛି । ଏହା ଉତ୍ତର-ଉତ୍ତର ପଶ୍ଚିମ ଆଡ଼କୁ ଗତି କରୁଛି ଓ ଅଧିକ ଘନୀଭୂତ ହୋଇ ଆଜି ରାତି ସୁଦ୍ଧା ଭୀଷଣ ବାତ୍ୟାର ରୂପ ନେଇଛି । ଏହାପରେ ବାତ୍ୟା ଦିଗ ପରିବର୍ତ୍ତନ କରିବ । ଉତ୍ତର-ଉତ୍ତରପୂର୍ବ ଦିଗରେ ଗତି କରି ୧୨ ତାରିଖ ସକାଳ ସୁଦ୍ଧା ଅତିଭୀଷଣ ବାତ୍ୟାର ରୂପ ନେବ । ୧୩ ତାରିଖ ସଂଧ୍ୟା ସୁଦ୍ଧା ସର୍ବାଧିକ ବଳ ଗୋଟାଇ ଶକ୍ତିଶାଳୀ ବାତ୍ୟାର ରୂପ ନେଇସାରିଥିବ । ଏହା ଅତିଭୀଷଣ ରୂପରେ ଦକ୍ଷିଣ-ପୂର୍ବ ବାଂଲାଦେଶ ଓ ଉତ୍ତର ମ୍ୟାଁମାର ଉପକୂଳ ଦେଇ ବାଂଲାଦେଶର କକ୍ସସ୍ ବାଜାହ ଦେଇ ଆଗକୁ ବଢ଼ିବ । ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୧୪୦ରୁ ୧୫୦ କିମି ରହିବ । ମଝିରେ ମଝିରେ ଏହା ୧୬୫ କିମି ବେଗରେ ଝଟ୍‌କା ଦେଇପାରେ । ତେବେ ବାତ୍ୟାର କୌଣସି ପ୍ରଭାବ ଓଡ଼ିଶା କିମ୍ବା ଭାରତ ଉପରେ ରହିବ ନାହିଁ ।

# ରୋଗଗ୍ରସ୍ତ କାଗଜ କଳର ଅବସରପ୍ରାପ୍ତ ଶ୍ରମିକଙ୍କ ଦୁର୍ଦ୍ଦଶା

ଜୟପୁର, ୧୨/୦୫ (ନି.ପ୍ର): କାଗଜକଳର ଅବସରପ୍ରାପ୍ତ ଶ୍ରମିକ ମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କର ପ୍ରୋଭିଡେଂଟ ଫଣ୍ଡ୍‌ରେ ଲକ୍ଷ ଲକ୍ଷ ଟଙ୍କା ଅଛି , ଲକ୍ଷ ଲକ୍ଷ ଟଙ୍କା ଗ୍ରାଚ୍ୟୁଇଟି ପାଇବେ କିନ୍ତୁ ଦୂରାରୋଗରେ ପିଡିତ ଅବସରପ୍ରାପ୍ତ ଶ୍ରମିକ ମାନେ ନିଜ ଚିକିତ୍ସା ପାଇଁ ଘର, ସୁନା ଗହଣା ଆଦି ବିକା ଭଙ୍ଗା କରିବା ପାଇଁ ବାଧ ହୋଇଛନ୍ତି । ୩୨ ଜଣ ଶ୍ରମିକ ମୃତ୍ୟୁ ବରଣ କଲେଣି । ବର୍ତ୍ତମାନ କାଗଜ କଳର ଅବସରପ୍ରାପ୍ତ ଶ୍ରମିକ ଯୁଧିଷ୍ଠିର ସ୍ୱାଇଁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି । ଲକ୍ଷାଧିକ ଟଙ୍କା ସରି ଲାଣି । ଗତ ୦୭.୦୫.୨୦୨୩ ରବିବାର ଦିନ ହଠାତ୍ ହାର୍ଟ ଆଟାକ୍ ହେବାରୁ ଜୟପୁର ମେଡିକାଲ ନିଆଗଲା । ସେଠାରୁ କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି ହେଲେ । ସେଠାରୁ ରେଫର୍ କରିଦିଆଗଲା ବ୍ରହ୍ମପୁର ମେଡିକାଲ କଲେଜ । ବ୍ରହ୍ମପୁରରୁ ଗଲେ ଭୂବନେଶ୍ୱର ଏମ୍ସକୁ । ତାଙ୍କର ପ୍ରୋଭିଡେଂଟ ଫଣ୍ଡ୍ ରେ ପ୍ରାୟ ପାଂଚ ଲକ୍ଷ ଟଙ୍କା ଅଛି । କାଗଜ କଳ ଫାଉଣ୍ଡେସନ ବେଳରୁ କାମ କରୁଛନ୍ତି । ଗ୍ରାଚ୍ୟୁଇଟି ପ୍ରାୟ ଚାରି ଲକ୍ଷ ଟଙ୍କା ପାଇବେ । କିନ୍ତୁ ବର୍ତ୍ତମାନ ମେଡିକାଲ୍ ଖର୍ଚ୍ଚ ପାଇଁ ଘର ବାଡ଼ି ସୁନା ରୂପା ଯାହା ଅଛି ବିକି ଭାର୍ଗି ଚିକିତ୍ସିତ ହେଉଛନ୍ତି । ମ୍ୟାନେଜମେଂଟକୁ ଗୁହାରି କରିବାରୁ ମାତ୍ର ୧୫ ହଜାର ଟଙ୍କା ଦେଲା । କାରଖାନା ଚାଲିଛି । କାଗଜ ଉତ୍ପାଦନ ହେଉଛି, ବିକ୍ରି ହେଉଛି । ମ୍ୟାନେଜମେଂଟ ଓ ତାର ଏଜେଂଟମାନେ ପ୍ରଚାର କରୁଛନ୍ତି ଯେ ଅବସରପ୍ରାପ୍ତ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଉଛି । ଏସବୁ ଡାହା ମିଛ । ୭୦ ରୁ ଉର୍ଦ୍ଧ୍ୱ ଏଭଳି ଅବସରପ୍ରାପ୍ତ ଶ୍ରମିକ ଅଛନ୍ତି ଯେଉଁମାନଙ୍କୁ ନିଯୁକ୍ତି ନାହିଁ କିମ୍ବା ୬୦ ବର୍ଷ ପରେ ଆଉ କାମ କରିବା ପାଇଁ ଯୋଗ୍ୟ ନୁହଁନ୍ତି । ଜଣେ ଶ୍ରମିକ ହୃଦଘାତରେ ଆଜି ପର୍ଯ୍ୟନ୍ତ କୋମାରେ ଅଛନ୍ତି । କାଳିଆ ଗାଁ ର ହରିଜନ ଶ୍ରମିକ ଧୋବୁଲୁ ବାଘ କିଡନୀ ରୋଗ ରେ ପିଡୀତ । ପ୍ରୋଭିଡେଂଟ ଫଣ୍ଡ୍ କଲିକତା ଟ୍ରଷ୍ଟ ରୁ ବ୍ରହ୍ମପୁର ଆଂଚଳିକ ପିଏଫ୍ କମିଶନ ଅଫିସ୍ କୁ ସ୍ଥାନାନ୍ତର ହୋଇପାରୁନି । ଶ୍ରମିକ ମାନେ ପାଇପାରୁ ନାହାନ୍ତି ।

# କଳାବ୍ୟାଜ୍ ପିନ୍ଧିଲେ ବୈଷୟିକ କର୍ମଚାରୀ

ଖଇରା, ୧୨/୦୫ (ନି.ପ୍ର): ଓଡିଶା ରାଜ୍ୟ ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ଡାକରାରେ ବାଲେଶ୍ୱର ଜିଲା ଖଇରା ବ୍ଲକର କାର୍ଯ୍ୟରତ ପ୍ରାଣି ଚିକିତ୍ସକ ମାନେ ଗତ ବୁଧବାର ଠାରୁ କଳାବ୍ୟାଚ ପରିଧାନ କରି ପ୍ରତିବାଦ ଆରମ୍ଭ କରିଛନ୍ତି । ସରକାର ୫ଦଫା ଦାବୀ ପୁରଣ ନକରିବା ଯାଏ ସେମାନଙ୍କର ଆନ୍ଦୋଳନ ଜାରି ରହିବ ଏବଂ ଆଗାମୀ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି । ୨୦୧୮ ମସିହାରେ ସରକାର ଦାବୀ ପୁରଣ ପାଇଁ ଲିଖିତ ପ୍ରତିଶୃତି ଦେଇଥିଲେ ହେଁ ଏ ପର୍ଯ୍ୟନ୍ତ ପୁରଣ କରି ନଥିବାରୁ ସେମାନେ ଏଭଳି ଭାବେ ପ୍ରତିବାଦ ଜଣାଇଛନ୍ତି । ପ୍ରାଣି ଚକିତ୍ସିକ ଅର୍ଜୁନ ଜେନା,ଉମାକାନ୍ତ ବହଳୀ, ସୁଦାକର ନାୟକ,ଶ୍ରୀକାନ୍ତ ମହାପାତ୍ର, ବିମଳା ମଲ୍ଲିକ, କମଳାକାନ୍ତ ମଲ୍ଲିକ, କରୁଣାକର ମଲ୍ଲିକ, ସତ୍ୟାନନ୍ଦ ରାଉତ,ରାଜୀବ ଶିଅଳ ପ୍ରମୁଖ ପ୍ରତିବାଦ ରେ ସାମିଲ ହୋଇଥିବା ବେଳେ ଦାବୀପତ୍ର ଅତିରିକ୍ତ ପ୍ରାଣି ଚିକିତ୍ସାଧିକାରୀ ବିଶ୍ୱଜିତ ମହାନ୍ତିଙ୍କ ଜରିଆରେ ଜିଲା ମୁଖ୍ୟ ପ୍ରାଣି ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

# ସଜନାଗଡ଼ ବଜାର ଇଲେକ୍ଟ୍ରୀ ଦୋକାନରୁ ଚୋରି



ନୀଳଗିରି , ୧୨/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧିନ ସଜନାଗଡ ବଜାରରୁ ଗୁରୁବାର ବିଳମ୍ବିତ ରାତ୍ରିରେ ଏକ ଇଲେକ୍ଟ୍ରୀ ଦୋକାନରୁ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ । ସୂଚନା ଅନୁସାରେ ସଜନାଗଡ ବଜାରରେ ଜାମୁଡିହା ଗ୍ରାମର ଶକ୍ତିଧର ପଣ୍ଡା ନାମକ ବ୍ୟକ୍ତି ପଣ୍ଡା ଇଲେକ୍ଟ୍ରୀ ନାମରେ ଏକ ଇଲେକ୍ଟ୍ରୀ ସାମଗ୍ରୀ ଦୋକାନ ରହିଥିଲା । ସବୁଦିନ ପରି ଶ୍ରୀ ପଣ୍ଡା ଗୁରୁବାର ରାତ୍ରୀ ୧୦ଟାରେ ଦୋକାନ ବନ୍ଦକରି ଘରକୁ ଯାଇଥିଲେ । ସକାଳୁ ଆସି ଦୋକାନ ଖୋଲିବା ପାଇଁ ଯାଉଥିବା ବେଳେ ୫ଟି ତାଲା ଭାଙ୍ଗି ଦୋକାନ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ । ଦୋକାନରେ ଥିବା ୩ଗୋଟି ପାଣି ମଟର ସମେତ, ଫ୍ୟାନ, ଇଲେକ୍ଟ୍ରୀ ତାର, ସୁଇଚ୍ ବୋର୍ଡ, ନଗଦ ୫୦୦୦ ଟଙ୍କା ଓ ଅନ୍ୟାନ୍ୟ ଇଲେକ୍ଟ୍ରୀ ସାମଗ୍ରୀ ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡିଛି । ଏନେଇ ନୀଳଗିରି ଥାନାରେ ଶ୍ରୀ ପଣ୍ଡା ଏକ ଲିଖିତ ଅଭିଯୋଗ କରିଥିଲେ । ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିବା ବେଳେ କୌଣସି ସୁରାଗ ପାଇନଥିଲେ । ପରିତାପ ର ବିଷୟ ଘଟଣା ଦିନ ପୋଲିସ ବିଭାଗର କୌଣସି ହୋମଗାର୍ଡ଼ କିମ୍ବା ଅନ୍ୟ ପେଟ୍ରୋଲିଂ କର୍ମଚାରୀ ନଥିବାର ସୁଯୋଗ ନେଇ ଚୋରି ହୋଇଥିବା ସୂଚନା ମିଳିଛି ।

# ସିପିଆଇର ପ୍ରାକ୍ତନ ରାଜ୍ୟ ସମ୍ପାଦକ ଓ ଦିବଙ୍ଗତ ସାଂସଦ ଲୋକନାଥ ଚୌଧୁରୀଙ୍କ ସ୍ମରଣ ସଭା

ଜୟପୁର, ୧୨/୦୫ (ନି.ପ୍ର): ଆଜି ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ରାଜ୍ୟ ସମ୍ପାଦକ, ଦିବଙ୍ଗତ ବରିଷ୍ଠ ସାଂସଦ ତଥା ମହାନ୍ ଜନନାୟକ ଲୋକନାଥ ଚୌଧୁରୀ ଙ୍କ ସ୍ମୃତି ରେ ଏକ ସ୍ମରଣ ସଭା ସିପିଆଇ ଜିଲ୍ଲା ସମ୍ପାଦକ ଶ୍ରୀ ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସ୍ମୃତି ଚାରଣ କରି ସିପିଆଇ ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ଶ୍ରୀ ପ୍ରମୋଦ କୁମାର ମହାନ୍ତି କହିଥିଲେ ଯେ ମହାନ୍ ଜନନାୟକ ଲୋକନାଥ ବାବୁ କେବଳ ଜଗତସିଂହପୁର କିମ୍ବା ଉପକୂଳ ଅଂଚଳର ଜନସମସ୍ୟା ନେଇ ଲଢୁ ନଥିଲେ । ସେ ସମଗ୍ର ରାଜ୍ୟର ଜନତାଙ୍କ ପାଇଁ ବିଧାନସଭା, ସଂସଦ ଓ ବାହାରେ ସାଧାରଣ ଜନତା ର ସ୍ୱରକୁ ଶାଣିତ କରିଛନ୍ତି । ତାର ବାସ୍ତବ ଉଦାହରଣ ହେଉଛି ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟ ଜିଲ୍ଲାର ଜନ ସମସ୍ୟା ନେଇ ସେ ପାର୍ଲ୍ୟାମେଂଟରେ ସ୍ୱର ଉତୋଳନ କରିଥିଲେ ଏବଂ ତାଙ୍କ ସହ ପଶ୍ଚିମ ବଙ୍ଗର ମହାନ୍ ନେତ୍ରୀ ଗୀତା ମୁଖାର୍ଜୀ ପୂର୍ବତନ ପ୍ରଧାନମନ୍ତ୍ରୀ ମାନ୍ୟବର ନରସିଂହା ରାଓ ଙ୍କ ସରକାର ଙ୍କୁ ସ୍ୱତନ୍ତ୍ର ଆଲୋଚନା ପାଇଁ ନୋଟିସ୍ ଦେଇଥିଲେ । ଆଲୋଚନା ନହେଲେ ଅନଶନ କରିବାକୁ ଚେତାବନୀ ଦେଇଥିଲେ । ଏଥିପାଇଁ ସ୍ୱତନ୍ତ୍ର ଆଲୋଚନା ହେଲା , ଲୋକନାଥ ବାବୁଙ୍କ ନେତୃତ୍ୱରେ ଏକ ସଂସଦୀୟ ଦଳ ଏ ତିନି ଜିଲ୍ଲା କୁ ଆସି ରିପୋର୍ଟ ନେଲେ ଏବଂ ତାରି ଭିତିରେ କେବିକେ ପ୍ରକଳ୍ପ ଘୋଷିତ ହେଲା । ଜିଲ୍ଲା ର ବିକାଶ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା ହେଲା । ଏଣୁ ଲୋକନାଥ ବାବୁଙ୍କ ପ୍ରଦର୍ଶିତ ପଥରେ ବାମପନ୍ଥୀ ଗଣତାନ୍ତ୍ରିକ ଆନ୍ଦୋଳନକୁ ଆଗକୁ ମଜବୁତ୍ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ବିଜେଡି ଛାଡି ପୁଣି କଂଗ୍ରେସକୁ ଫେରିଲେ ଆରତି ଦେଓ

ଧର୍ମଶାଳା, ୧୨/୦୫ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀର ମହିଳା ନେତ୍ରୀ ତଥା ବିଜୁ ଜନତା ଦଳର ମହିଳା ଉପସଭାନେତ୍ରୀ ଆରତି ଦେଓ ଆଜି ବିଜୁ ଜନତା ଦଳ ପରିତ୍ୟାଗ କରି ପୁନର୍ବାର କଂଗ୍ରେସକୁ ଫେରିଛନ୍ତି । ଆଜି ଭୁବନେଶ୍ୱରସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ନିଜ ସମର୍ଥକମାନଙ୍କ ସହିତ ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ । ପିସିସି ସଭାପତି ଶରତ ପଟ୍ଟନାୟକ ତାଙ୍କୁ ଦଳୀୟ ଉତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପିସିସି ସଭାପତିଙ୍କ ସମେତ ବରିଷ୍ଠ ନେତା,କଟକର ଯୁବ ନେତା ମାନସ ଚୌଧୁରୀ,ଯାଜପୁର ଜିଲା କଂଗ୍ରେସ ସଭାପତି ମନୋଜ ରାଉତ,ଯାଜପୁର ବ୍ଲକ ସଭାପତି ଗଦାଧର ଦାସ,ରସୁଲପୁର ବ୍ଲକ ସଭାପତି ମିହିର ମିଶ୍ର ଓ ବରୀ ବ୍ଲକ ସଭାପତି ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀମତି ଦେଓ ୨୦୧୨ ମସିହାରେ ବରୀ ନିର୍ବାଚନ ମଣ୍ଡଳୀ ୩୬ ନମ୍ବର ଜୋନରୁ କଂଗ୍ରେସରୁ ଜିଲାପରିଷଦ ଟିକେଟ ପାଇ ନିର୍ବାଚନ ଲଢିଥିଲେ । ତେବେ ସେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ୭ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ । ଏଥି ସହିତ ସେ ରସୁଲପୁର ମହିଳା କଙ୍ଗ୍ରେସ ସଭାନେତ୍ରୀ,ବାଲେଶ୍ୱର ଓ କେନ୍ଦ୍ରାପଡା ଜିଲାର ଅବଜରଭର,ପ୍ରଦେଶ ମହିଳା ସମ୍ପାଦିକା ଭାବେ ରହିଥିବା ବେଳେ ସେ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ସେ କଂଗେସ ଛାଡି ବିଜୁ ଜନତା ଦଳରେ ସାମିଲ ହୋଇ ଥିଲେ । ସାମିଲ ହେବ ପରେ ତାଙ୍କୁ ଯାଜପୁର ଜିଲାର ବିଜୁ ମହିଳା ଜନତା ଦଳର ଉପସଭାନେତ୍ରୀ ପଦ ଦିଆଯାଇଥିଲା ।

# ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଗୁଣାତ୍ମକ ବିକାଶ କାର୍ଯ୍ୟକ୍ରମ




ବାରିପଦା , ୧୨/୦୫ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗରେ ସିବିସିଏସ ପାଠ୍ୟକ୍ରମ ଅନୁଯାୟୀ ପ୍ରାଣୀବିଜ୍ଞାନରେ ପରୀକ୍ଷାମୂଳକ ଅଧ୍ୟୟନ ଶୀର୍ଷକ ଏକ ବୌଦ୍ଧିକ ବିକାଶ ପ୍ରଶିକ୍ଷଣ ସାପ୍ତାହିକ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ସ୍ନାତକୋତର ପରିଷଦର ଅଧକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥି ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଭିନ୍ନ ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ସଂକ୍ରାନ୍ତୀୟ ବହୁ ପରୀକ୍ଷାମୂଳକ ବ୍ୟବସ୍ଥାଥିଲେ ମଧ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସଠିକ ଓ ଉନ୍ନତ ପ୍ରଶିକ୍ଷଣ ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ ଏଣୁ ଏହି ପ୍ରଶିକ୍ଷଣ ଶିବିର ବେଶ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶିକା ପ୍ରଫେସର ସୁସ୍ମିତା କର, କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ହୃଦୟନାଥ ଥାଟୋଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କାର୍ଯକ୍ରମର ଉପାଦେୟତା ବେଶ ପ୍ରଯୁର୍ଯ୍ୟ ବୋଲି କହିଥିଲେ । ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ପୁଷ୍ପାଞ୍ଜଳି ପରିଡ଼ା କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିବା ବେଳେ, କାର୍ଯ୍ୟକ୍ରମର ସହ ସଂଯୋଜିକା ପ୍ରଫେସର ଡ. ଗାର୍ଗୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଓୟୁଜେ ପକ୍ଷରୁ ପରିଚୟପତ୍ର ପ୍ରଦାନ ଉତ୍ସବ




ବାଲେଶ୍ୱର, ୧୨/୦୫ (ନି.ପ୍ର): ଓଡିଶା ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ (ଓୟୁଜେ) ବାଲେଶ୍ୱର ଶାଖା ପକ୍ଷରୁ ସଦସ୍ୟମାନଙ୍କୁ ପରିଚୟ ପତ୍ର ବଣ୍ଟନ ଉତ୍ସବ ସ୍ଥାନୀୟ ହୋଟେଲ ମା' ଇଣ୍ଟରନ୍ୟାସନାଲ-୨ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରର ସୁରକ୍ଷାରେ ସାମ୍ବାଦିକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଜିଲାର ଉନ୍ନୟନ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ତଥା ଜନସାଧାରଣଙ୍କ ସମସ୍ୟାକୁ ପ୍ରଶାସନ ନିକଟରେ ପହଞ୍ଚାଇବାରେ ଗଣମାଧମ ପ୍ରତିନିଧିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଏଦିଗରେ ବାଲେଶ୍ୱରର ସାମ୍ବାଦିକଙ୍କ କାର୍ଯ୍ୟଦକ୍ଷତା ପ୍ରଶଂସନୀୟ ବୋଲ ଅତିରିକ୍ତ ଜିଲାପାଳ ଶ୍ରୀ ମହାପାତ୍ର କହିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ବାଦିକଙ୍କ ନିଷ୍ଠାପୂର୍ଣ୍ଣ କାର୍ଯ୍ୟଧାରା ସମାଜର ଉନ୍ନତି ଓ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନରେ ସହାୟକ ହୋଇଥାଏ ବୋଲି କହିଥିଲେ । ଓଡ଼ିଶା ୟୁନୟନ ଅଫ୍ ଜର୍ଣ୍ଣାଲିଷ୍ଟ ବାଲେଶ୍ୱର ଶାଖା ସଭାପତି ଗଙ୍ଗାଧର ରାଉତ ଏଥିରେ ପୌରହିତ୍ୱ କରିଥିଲେ । ସଂଘର କାର୍ଯ୍ୟକାରୀ ସଦସ୍ୟ ତଥା ପୂର୍ବତନ ଜିଲା ସଭାପତି ଶିଶିର କୁମାର ଦାସ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ଶତପଥୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, ବରିଷ୍ଠ ସଦସ୍ୟ ଶିବଦାସ କୁଣ୍ଡୁ, 'ଆଜିକାଲି'ର ପ୍ରକାଶକ କିଶୋର ଦାସ ପ୍ରମୁଖ ଉପସ୍ଥିତ ରହି ଓୟୁଜେର କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଅତିଥିମାନେ ସଂଗଠନର ସଦସ୍ୟମାନଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ । ଜିଲ୍ଲା ସମ୍ପାଦକ ବିବେକାନନ୍ଦ ଦାସ ବିବରଣୀ ପ୍ରଦାନ କରିଥିବା ବେଳେ ଟାଉନ ସଭାପତି ହାଇଦର ଖାନ୍ ଅତିଥି ପରିଚୟ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ମନୋଜ କୁମାର ରାଉଳ, ସୁଜାତା ପଣ୍ଡା, ତୃପ୍ତକାନ୍ତ ପାଢୀ, ସୁରେଶ କୁମାର ଦାସଙ୍କ ସମେତ ବହୁ ସାମ୍ବାଦିକ ବକ୍ତବ୍ୟ ପ୍ରଦାନ କରିଥିଲେ । ମାନସ କୁମାର ବିଶ୍ୱାଳ, ଆଶୁତୋଷ ମଲିକ, ଅଜିତ କୁମାର ମହାନ୍ତି, ପସନ୍ନଜିତ ଆଶ, ପ୍ରତ୍ୟାଷା ମହାନ୍ତି, କବିତା ପାତ୍ର, କହ୍ନେଇ ଚରଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ଟ୍ରାଫିକ ଛକ ମରଣ ଯନ୍ତା: ଟ୍ରାଫିକ ପୋଲିସ୍ ହିନସ୍ତା

ଖୋର୍ଦ୍ଧା , ୧୨/୦୫ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଦପ୍ତର ହେଉଁଛି ଖୋର୍ଦ୍ଧା ସହର ( ପୌରପରିଷଦ) ଏହି ଠାରେ ଖୋର୍ଦ୍ଧା ଜିଲ୍ଲା ପାଳ ଓ ଏସ, ପି, ପୋଲିସ୍ ଷ୍ଟାଫ ଓ ଅଗ୍ନି ସମ ବାହିନୀ ରହନ୍ତି । ମାତ୍ର ବହୁ ଅଫିସର ଓ ମହିଳା ଅଧିକାରୀ ରହନ୍ତି ନାହିଁ, ସେମାନେ ରାଜଧାନୀ ରହନ୍ତି । ସେ କୁଆଡ଼େ ଜାଣି ବେ ଖୋର୍ଦ୍ଧା ଟ୍ରାଫିକ ଛକ କଥା । ଖୋର୍ଦ୍ଧା ଯେତେକ ଟ୍ରାଫିକ ଛକ ନ କହିଲେ ଭଲ ମାତ୍ର ସବୁ ଠାରୁ ବେଶୀ ଖରାପ ହେଉଛି ଖୋର୍ଦ୍ଧା ନୁଆ ବସଷ୍ଟାଣ୍ଡ ଅତ୍ୟନ୍ତ ଖରାପ । ଏହି ଟ୍ରାଫିକ ଛକରେ ଟ୍ରାଫିକ ପୋଲିସ ଓ ହୋମ ଗାର୍ଡ ଡିଉଟି କରିବା ବହୁତ କଷ୍ଟ । ଖରାବର୍ଷା ସବୁ ସମାନ ତାଙ୍କ ପାଇଂ । ପେଟ ପୋଷିବା ପାଇଁ ମରଣ ମୁହଁରେ ପଡ଼ି ତାଙ୍କ କାର୍ଯ୍ୟ କରନ୍ତି । ଏହି ଗ୍ରୀଷ୍ମ କାଳରେ ଟ୍ରାଫିକ ପୋଷ୍ଟ ନାମକୁ ମାତ୍ର ଟ୍ରାଫିକ ପୋଷ୍ଟ ଏହି ଯାଗାରେ ମଣିଷ କଣ ଗୋରୁ ଗାଇଙ୍କ ଠାରୁ ହିନ । ଛୋଟ୍ ଚାକିରୀଆ ଗୁହାରୀ କରିବେ କାହାକୁ । ସବୁ ଅଧିକାରୀ ଦେଖୁଛନ୍ତି ଟ୍ରାଫିକ ଅବସ୍ଥା ମାତ୍ର । କାହାର ଦୟା ମାୟା ନାହିଁ । ଏହି ଜାଗାରେ ଠିଆ ହେବା ପାଇଁ ଆଦୌ ସୁବିଧା ନାହିଁ । ମୁଣ୍ଡ ଉପରେ ଛାତ ନାହିଁ । ପାଣି ପିଇବା , ପରିସ୍ରା କରିବା, ଓ ବିଶ୍ରାମ କରିବା ପାଇଁ ଘର ନାହିଁ । ଏପରି କି ମହିଳା ପୋଲିସ ଓ ହୋମ ଗାର୍ଡ ପରିସ୍ରା କରିବା କଷ୍ଟ । ଏହି ବୈଶାଖ ମାସ ଖରାରେ ଖୋର୍ଦ୍ଧା ପୋଲିସ୍ ଅଧିକାରୀ ତାଙ୍କ ତଳ ଅଧିକାରୀ ଏସି ରୁମରେ ବସି ଆଦେଶ ଓ ଡିଉଟି ଦିଅନ୍ତି । ସେମାନେ ବିଚାର କରିବା କଥା ଏହି ଅସହ୍ୟ ଖରାରେ କିପରି କାର୍ଯ୍ୟ ଟ୍ରାଫିକ ପୋଲିସ ଓ ହୋମ ଗାର୍ଡ କରିବେ । ରେଗୁଲାର ପୋଲିସ୍ କିଛି ହେଲେ ତାଙ୍କ ପିଲା କ୍ଷତି ପୂରଣ, ଚାକିରୀ ଓ ଫାମିଲି ପେନସନ ପାଇବେ । ମାତ୍ର ହୋମ ଗାର୍ଡ ଚାକିରୀ ଅସ୍ଥାୟୀ ତାଙ୍କ ପିଲା । ପିଲା ତିନି ପାଞ୍ଚିରୁ ଜିବେ । ନୁଆ ବସ୍‌ଷ୍ଟାଣ୍ଡ ନାମକୁ ମାତ୍ର ଏ କଥା କହିବାକୁ ଖୋର୍ଦ୍ଧା ବାସୀ ଲଜ୍ୟା ଅନୁଭବ କରାନ୍ତି । ଏହି ଟ୍ରଫିକ ଓ ହୋମ ଗାର୍ଡ ଅବସ୍ଥା ଦେଖିଲ ଆଖିରୁ ଲୁହ ଆସିବ । ଯଦି କିଛି ଅଘଟଣ ଘଟିଲା ମାର ମାର ଭଣ୍ଡରିଆକୁ ମାର । ଅର୍ଥାତ ଛୋଟ୍ ଚାକିରିଆ ସସ୍ପେଣ୍ଡ ଓ ହୋମ ଗାର୍ଡ ବହିସ୍କାର । ଛୋଟ୍ ଚାକିରୀଆ କଣ ମଣିଷ ନୁହେଁ ନା ପଶୁ ସଂଗେ ସମାନ । ବହୁବାର କହିବା ସ୍ୱତ୍ୟ ଖୋର୍ଦ୍ଧା ପ୍ରସାସନ ଓ ପୋଲିସ୍ ପ୍ରଶାସନ କହୁଛନ୍ତି ଆଜକୁ ୧୦ ବର୍ଷ ହେଲା ରାସ୍ତା ଓସାର କମ ଚାଲିଛି , ଜବରଦଖଲ ଦୋକାନ ଘର୍ ଭଙ୍ଗା ହେବ ଟ୍ରାଫିକ ପୋଷ୍ଟ ଆଖିଦୃଶିଆ ଭଳି ହେବ । ଏହି କଥା ଖୋର୍ଦ୍ଧା ପାଇକ ପୁଅ ଲାଲ ମାଟି ଶୁଣି ,ଶୁଣି ଆସୁଛି ।ଖୋର୍ଦ୍ଧା ବୁଦ୍ଧି ଜିବି , ନେତା, ପ୍ରସାନ ସବୁ ବର୍ଗର ଲୋକ କଣ ଧୃତ ରାଷ୍ଟ୍ର । ଟ୍ରାଫିକ ପୋଲିସ୍ ଚାକିରୀ କଣ୍ ଅଭିଶପ୍ତ । ଖୋର୍ଦ୍ଧା ବର୍ତ୍ତମାନ୍ ଏସ,ପି ଜଣେ ଆଇ,ପି ଏସ, ଓ ଖୋର୍ଦ୍ଧା ସବଡିଭିଜିନାଲ ପୋଲିସ ଅଧିକାରୀ ଓ, ପି,ସ୍ , ପ୍ରଥମ ଖୋର୍ଦ୍ଧାରେ ସେ ପ୍ରମୋଟିଭି ନୁହେଁ । ସ ମହାଶୟ ଓଡିଆ ବାଲେଶ୍ୱର ଜିଲ୍ଲା ଯୁବ ପୋଲିସ୍ ଅଧିକାରୀ । ସେ ଜାଣିବା କଥା ଆମ୍ ଓଡ଼ିଆ ପୁଅ ଛୋଟ୍ ଚାକିରୀ ହେଲେ ମଣିଷ । ଆଉ ଆମ ଯୁବ ଜିଲ୍ଲାପାଳ ଆଇ, ଏ, ଏସ, ସେ ଦେଖୁଛନ୍ତି ଟ୍ରାଫିକ ପୋଲିସ୍ ହୋମ ଗାର୍ଡ ଅବସ୍ଥା । ଖୋର୍ଦ୍ଧା ଜନସାଧାରଣ ଦାବୀ ଖୋର୍ଦ୍ଧା ରାସ୍ତା ଓସାର ଓ ଟ୍ରାଫିକ ପୋଷ୍ଟ ଯେପରି ହେବା କଥା ହେଉ । ଖୋର୍ଦ୍ଧା ବିଡିଏ ଅଧିନରେ ଯାଉଛି । ବିଏମ ସି, ପାଇଁ ଯେଉଁ ନୀୟମ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଦପ୍ତର ପାଇଁ ନିୟମ ଲାଗୁ ହେଉ । ଖାଲି ଜୋରିମାନା ଲୋକଙ୍କ ଠାରୁ ଆଦାୟ ପାଇଁ ନିୟମ ଅଛି ଖୋର୍ଦ୍ଧାରେ । ଆଉ ଖୋର୍ଦ୍ଧା କିପରି ସରସ ସୁନ୍ଦର୍ ହେବ ଖୋର୍ଦ୍ଧା ପ୍ରଶାସନ , ପୋଲିସ ପ୍ରଶାସନ ଓ ଖୋର୍ଦ୍ଧା ପୌରପରିଷଦ ଅଧିକାରୀ ସମସ୍ତ ସୁବିଧା ଟାଉନ ପ୍ଲାନୀଙ୍ଗ ଅନୁସାରେ କରନ୍ତୁ । ମଣିଷକୁ ମଣିଷ ଭଳି ଦେଖନ୍ତୁ । ଛୋଟ୍ ବଡ ଚାକିରୀଆ ହେଲେ ହାଡ଼, ମାଂସ, ରକ୍ତ ଓ ଚମଡା ଇଶ୍ୱରଙ୍କ ସୃଷ୍ଟି । ତାଙ୍କ ଆଗରେ ସମସ୍ତେ ସମାନ । ଏଣୁ ଆମ୍ ଖୋର୍ଦ୍ଧା ବାସୀଙ୍କ ଦାବୀ ସରକାର ଶୁଣିବାକୁ ଅନୁରୋଧ ।

# ବିଧବାଙ୍କୁ ଆଡ଼ ଆଖି: ୫ ବର୍ଷ ପ୍ରତିକ୍ଷା ପରେ ମଧ୍ୟ ମିଳିଲା ନାହିଁ ସାମାଜିକ ସୁରକ୍ଷା



ଉଦଳା, ୧୨/୦୫ (ନି.ପ୍ର):- ଯେ ହେଉଛି ଉଦଳା ବ୍ଲକର ପାଟଶାଣୀପୁର ପଂଚାୟତ ଅନ୍ତର୍ଗତ ହାତୀକୁଟ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଗୁରା ସିଂଙ୍କର ଦେହାନ୍ତ ହୋଇଯିବା ଫଳରେ ତାଙ୍କର ସହଧର୍ମିଣୀ ପଙ୍କଜୀନି ଆଜକୁ ୫ ବର୍ଷ ହେବ ବିଧବା ଜୀବନ ବିତାଉଛନ୍ତି । ତାଙ୍କୁ ଆଜି ପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ଯୋଜନାରେ ଭତା କିମ୍ବା ଖାଦ୍ୟ ଯୋଜନାରେ ଚାଉଳ ମିଳୁ ନାହିଁ । ତାଙ୍କର ୭ ବର୍ଷ ବୟସର ପୁତ୍ର ସନ୍ତାନଟିଏ ମଧ୍ୟ ଅଛି । ପୁତ୍ର ବିଶ୍ୱଜିତର ଆଧାର କାର୍ଡ଼ ନଥିବାରୁ ସେ ମଧ୍ୟ ଖାଦ୍ୟ ଯୋଜନାରେ ସାମିଲ ହୋଇ ପାରୁ ନାହିଁ । ଏଥିପାଇଁ ପଂଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି କିଛି ସୁଫଳ ମିଳି ନଥିବାର କଥା ପଙ୍କଜୀନି ଗଣ ମାଧ୍ୟମକୁ ଜଣାଇଛନ୍ତି । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁ ନଥିବା ଏହିଭଳି ଏକ ଗରିବ ପରିବାର ପାଇଁ ଚାଉଳ ଓ ଭତା କେତେ ଜରୁରୀ ତାହା କେବଳ ଆଉଜଣେ ଗରିବ ହିଁ ଅନୁଭବ କରିପାରିବ । ପଙ୍କଜୀନିଙ୍କୁ ତୁରନ୍ତ ଭତା ଓ ଚାଉଳ ଯୋଗାଇଦେବା ପାଇଁ ବିଭିନ୍ନ ମହଲରେ ଦାବୀ ହେଉଛି ।

# ରାଜଧାନୀ ସୁପରଫାଷ୍ଟରେ ଲାଗିଲା ନିଆଁ: ଆପଦ ଦୁର୍ଘଟଣାରୁ ବର୍ତ୍ତିଲେ ଯାତ୍ରୀ



ଜଳେଶ୍ୱର , ୧୨/୦୫ (ନି.ପ୍ର): ଆଜି ନୂଆଦିଲ୍ଲୀରୁ ଭୂବନେଶ୍ୱର ଅଭିମୁଖେ ଯାଉଥିବା ୨୨୮୨୪ ଡାଉନ୍ ରାଜଧାନୀ ଟ୍ରେନ୍‌ର ପେଣ୍ଟ୍ରିକାର୍ ଚକରେ ନିଆଁ ଲାଗିବାରୁ ଟ୍ରେନ୍‌ଯାତ୍ରୀମାନେ ଭୟଭୀତ ହୋଇ ପଡିଥିଲେ । କିନ୍ତୁ ପାଇଲଟର ଆକସ୍ମିକ ବୁଦ୍ଧି ଯୋଗୁଁ ଟ୍ରେନ୍‌କୁ ବ୍ରେକ୍ ଦେଇ ଜଳେଶ୍ୱର ଷ୍ଟେସନର ଅନତୀ ଦୂରରେ ଛିଡା କରାଯାଇପାରିଥିଲା । କିନ୍ତୁ କେତେକ ଯାତ୍ରୀ ବଗିରୁ ଓହ୍ଲାଇ ଏଣେତେଣୁ ଦୌଡୁଥିବା ଦେଖିବାକୁ ମିଳିଥିଲା । ସେମାନଙ୍କ ମଧ୍ୟରୁ କେତେକ ଆହତ ହୋଇଥିବା ଜଣାଯାଇଛି । ଟ୍ରେନ୍‌ଟି ଦ୍ରୁତ ଗତିରେ ଚାଲିଥିବା ବେଳେ ପେଣ୍ଟ୍ରିକାର୍ ତଳେଥିବା ବ୍ରେକ୍‌ରେ ଘର୍ଷଣ ଯୋଗୁଁ ନିଆଁ ଲାଗିଥିବା କୁହାଯାଇଛି । ପ୍ରବଳ ରୌଦ୍ରତାପ ଓ ରେଳ ଧାରଣା ସହିତ ଘର୍ଷଣ ଯୋଗୁଁ ପରିସ୍ଥିତି ଉପୁଜିଥିଲେ ଥିଲେ ମଧ୍ୟ ବିଶେଷ ଆହତ ହୋଇନଥିବା ରେଳବାଇ ସୂତ୍ରରୁ ପ୍ରକାଶ । ଟ୍ରେନ୍ ୩ଟା ୩୪ମିନିଟରେ ଛିଡା ହୋଇ ୩ଟା ୫୦ରେ ପୁଣି ଯାତ୍ରା ଆରମ୍ଭ କରିଥିଲା । ରେଳଗାର୍ଡ, ଡ୍ରାଇଭର ଓ ଜଳେଶ୍ୱର ଷ୍ଟେସନ ସୁପରିଟେଣ୍ଡେଣ୍ଟଙ୍କ ସହିତ ରେଳବାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପରୀକ୍ଷା ନିରୀକ୍ଷା କଲା ପରେ ଟ୍ରେନ୍ ଗନ୍ତବ୍ୟସ୍ଥଳରେ ଯାତ୍ରା ଆରମ୍ଭ କରିଥିଲା । ଷ୍ଟେସନ ସୁପରିଟେଣ୍ଡେଣ୍ଟଖଗେନ୍ଦ୍ର କୁମାର ମଣ୍ଡଳଙ୍କୁ ପଚାରିବାରୁ ଗ୍ରୀଷ୍ମଦିନରେ ଦ୍ରୁତଗାମୀ ଟ୍ରେନ୍‌ଗୁଡିକରେ ଏପରି ଅଗ୍ନି ସଂଯୋଗ ହେଉଥିବା ସଂପର୍କରେ ସୂଚନା ଦେଇଥିଲେ ।

# ନୀଳଗିରି ଲ୍ୟାମ୍ପ ଏମ.ଡି.ଙ୍କ ଧାରଣା

ନୀଳଗିରି , ୧୨/୦୫ (ନି.ପ୍ର): ତଦନ୍ତରେ ବିଳମ୍ବ ହେଉଥିବାରୁ କାର୍ଯ୍ୟ ବନ୍ଦ କରି ନୀଳଗିରି ଲ୍ୟାମ୍ପ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଲେ ନୀଳଗିରି ଲ୍ୟାମ୍ପ ସମବାୟ ସମିତିର ଏମ. ଡି. ପ୍ରଶାନ୍ତ କୁମାର ନାୟକ। ଇଜଉଝ ଅଫିସର ଇନ୍ସପେକ୍ଟର ବିଭୁତି ଭୂଷଣ ବାରିକ ଚଞ୍ଚକତା କରି ମୋ ବିରୋଧ ତଦନ୍ତ କରୁନାହାନ୍ତି ଯାହାଦ୍ୱାର କି ମୋର ବର୍ଦ୍ଧିତ ଦରମା ପାଇବାକୁ ବଞ୍ଚିତ ହେଉଛି। ମୁଁ ନିର୍ଦୋଷ ଥିବା ବେଳେ ମୋତେ ସସପେଣ୍ଡ କରାଯାଇଥିଲା ତେଣୁ ତଦନ୍ତ କଲେ ସବୁ ସତ ଜଣାପଡିବ ବୋଲି କହିଛନ୍ତି ଧାରଣା ଦେଇଥିା ଲ୍ୟାମ୍ପ ଏମ.ଡି। ସୂଚନା ଥାଉକି ୨୦୨୧ ମସିହାରେ ନୀଳଗିରିରେ କିଛି ଚାଷୀଙ୍କ ଅଭିଯୋଗ କ୍ରମେ ୫୦୦ କ୍ୱିଣ୍ଟାଲ ଧାନ ନୀଳଗିରି ଲ୍ୟାମ୍ପ ଏମ.ଡି ପ୍ରଶାନ୍ତ କୁମାର ନାୟକ ସିଧାସଳଖ ମିଲକୁ ବିକ୍ରୟ କରିଥବାର ଅଭିଯୋଗ ମୂଳେ ତତ୍କାଳୀନ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତତ୍କାଳୀନ ଲ୍ୟାମ୍ପର୍ ପ୍ରଶାସନିକ ଅଧିକାରୀ ପ୍ରଶାନ୍ତଙ୍କୁ ସସପେଣ୍ଡ କରିଥିଲେ। ପରେ ତାଙ୍କୁ କାର୍ଯ୍ୟରେ ପୁନଃ ସ୍ଥାପିତ କରାଯାଇଥିଲା। ତାଙ୍କ ବିରୋଧରେ ତଦନ୍ତ କାହିଁକି ତଦନ୍ତ ହେଉନାହିଁ ସେନେଇ ଆଜି ଧାରଣା ଦେଇଛନ୍ତି ଲ୍ୟାମ୍ପ ଏମ.ଡି। ଅନ୍ୟପଟେ ମୋର ତଦନ୍ତ କରିବାକୁ ଅଭିଜ୍ଞତା ନାହିଁ, କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ମୁଁ ତଦନ୍ତ କରିପାରୁ ନାହିଁ , ଗୋଟେ ସପ୍ତାହ ଭିତରେ ତଦନ୍ତ କରିବି ବୋଲି କହିଛନ୍ତି ଇଜଉଝ ଅଫିସରେ ଇନ୍ସପେକ୍ଟର ବିଭୁତି ଭୂଷଣ ବାରିକ।

## ଧ୍ୱନି ପ୍ରତିଧ୍ୱନି ପରିବାର ପକ୍ଷରୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ






**ପ୍ରଦୀପ୍ତ କୁମାର ମହାନ୍ତି**

ସାମ୍ବାଦିକ ଧ୍ୱନି ପ୍ରତିଧ୍ୱନି
ତଥା ସମ୍ପାଦକ ରଙ୍ଗରାଗ ସାହିତ୍ୟ ସଂସ୍କୃତି
ପରିଷଦ, ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ

## ବଙ୍ଗଳାରେ ଗଣତନ୍ତ୍ର ନାମରେ କିଛି ଜିନିଷ ନାହିଁ - ଜେପି ନଡ୍ଡା

ନୂଆଦିଲ୍ଲୀ , ୧୨/୦୫ (ନି.ପ୍ର): ଭାଜପା ଅଧକ୍ଷ ଜେ ପି ନଡ୍ଡା ଶୁକ୍ରବାରଦିନ ଡମୋକ୍ରେସି ଇନ୍ କୋମା ସାଇଲେଁସ୍‌ଡ ବାଁଇସ୍ ଅଫ ବୁମନ ବିକ୍ଟିମ୍ସ ଏନ୍ ବଙ୍ଗାଲ ପୁସ୍ତକର ଉନ୍ମୋଚନ କରିଛନ୍ତି । ଏହି ଅବସରରେ ତାଙ୍କ ସମ୍ବୋଧନରେ ଜେ ପି ନଡ୍ଡା କହିଛନ୍ତି ବଙ୍ଗଳାରେ ଗଣତନ୍ତ୍ର ନାମରେ କୌଣସି ଜିନିଷ ନାହିଁ। ଡେମୋକ୍ରେସି ଇନ କୋମା କହିବା ବିଲକୁଲ ଠିକ ଅଛି। ଆମେ ଲୋକଙ୍କୁ ଜାଗ୍ରତ କରିବାକୁ ଆବଶ୍ୟକତା ଅଛି ଓ ବଙ୍ଗଳାର ଗୌରବକୁ ସ୍ଥାପିତ କରିବା ଦରକାର । ପଶ୍ଚିମବଙ୍ଗ ସରକାରକୁ ଲକ୍ଷକରି ଜେ ପି ନଡ୍ଡା କହିଛନ୍ତି ମମତା ବାନାର୍ଜୀକୁ ଏକଥା ପସନ୍ଦ ଆସୁନି ଯେ ବଙ୍ଗଳାରେ ଭାଜପା ଏତେ ଶିଘ୍ର କିପରି ବଢୁଛି । ଏହି ହିସାବ ନପାଇ ମମତା ଭାଜପା କାର୍ଯ୍ୟକର୍ତାକୁ ଅଟକାଇବା ଆରମ୍ଭ କରିଦେଲେ ।

# ସାରୁଗାଁରେ ନୂତନ ଗ୍ରିଡର ଭିତ୍ତିପ୍ରସ୍ତର ସ୍ଥାପନ

## ବିଦ୍ୟୁତ ସମସ୍ୟାରୁ ମୁକୁଳିବେ ୬ହଜାର ଉପଭୋକ୍ତା




ଖଇରା, ୧୨/୦୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ପଞ୍ଚାୟତବାସୀ ଦୀର୍ଘଦିନ ଧରି ବିଦ୍ୟୁତ ସମସ୍ୟାରେ ଘାଣ୍ଟି ହେଉଥିବା ବେଳେ ୨ଦିନ ତଳେ ନୂଆ ଷ୍ଟ୍ରକଚର ପ୍ରତିଷ୍ଠା ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ସେମାନଙ୍କ ପାଇଁ ଆଶ୍ୱସ୍ତି ଆଣି ଦେଇଛି । ଓଡିଏସଏସପି(ଓଡିଶା ଡଷ୍ଟ୍ରିବ୍ୟୁସନ ସିଷ୍ଟମ ଷ୍ଟ୍ରେଙ୍ଗଦେନିଂ ପ୍ରୋଜେକ୍ଟ) ମାଧ୍ୟମରେ ପଞ୍ଚାୟତର ବିଦ୍ୟୁତ ସମସ୍ୟାରେ ଘାଣ୍ଟି ହେଉଥିବା ୬ ଗ୍ରାମବାସୀଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ଷ୍ଟ୍ରକଚର ପ୍ରତିଷ୍ଠା ପାଇଁ ସାରୁଗାଁ ହାକୁଣ୍ଡ ପୋଖରୀ ନିକଟରେ ଭୂମିପୂଜା କରାଯାଇଛି । ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହାର ଶିଳାନ୍ୟାସ କରିଥିବା ବେଳେ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଯୁବନେତା ଗୌତମ ରାଉତ, ସମିତିସଭ୍ୟା ପ୍ରତିନିଧି ଜିତେନ୍ଦ୍ର ବେହେରା,ଔପଦା ଫିଡରର କନିଷ୍ଠ ଯନ୍ତ୍ରୀ ସତିଶ ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଓପିଟିଏଲ(ଓଡିଶା ପାୱାର ଟ୍ରାନ୍ସମିଶନ ଲିମିଟେଡ) ଦ୍ୱାରା ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପରେ ୩୩କେଭି ଲାଇନରେ ୫ଏମଭିର ୨ଟି ପାୱାର ଟ୍ରାନ୍ସଫରମର ବସାଯିବାର ଯୋଜନା ରହିଛି । ପଞ୍ଚାୟତର ସାରୁଗାଁ ଚନ୍ଦ୍ରାଟିକିରି, ବୁଢାଗଡିଆ, ଫଗୁଣା, ସମସରପୁର, ଦହିପୁର, ସରସତିଆ ସିଧାସଳଖ ଉପକୃତ ହେବେ ଏବଂ ଗଣ୍ଡିବେଡ ଲାଇନରେ ଅନ୍ୟାନ୍ୟ ଗ୍ରାମଗୁଡିକ ମଧ୍ୟ ଏଥିରୁ ଉପକୃତ ହେବେ ଏବଂ ଏହି ପ୍ରକଳ୍ପ ପାଇଁ ୭କୋଟି ଟଙ୍କା ବ୍ୟୟ ହେବ ବୋଲି ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଛନ୍ତି । ଏହାଛଡା ଏହି ପଞ୍ଚାୟତର ମହାରାସାହି ଗ୍ରାମର ୪୫ ପରିବାରକୁ ଲୋ ଭୋଲଟେଜ ସମସ୍ୟାରୁ ମୁକ୍ତ କରିବାକୁ ବିଧାୟକ ପାଣିଗ୍ରାହୀ ଏଲଟି ଲାଇନରେ ଏକ ଟ୍ରାନ୍ସଫରମର ବସାଇବା କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ ମଧ୍ୟ କରିଛନ୍ତି ।

# ସିଡିପିଓ ଅଫିସରେ ତାଲା ପକାଇଲେ ସ୍ୱୟଂ ସହାୟିକା ମହିଳାମାନେ




ବସ୍ତା, ୧୨/୦୫ (ନି.ପ୍ର): ବସ୍ତା ସିଡିପିଓ ଙ୍କ ମନମୁଖି କାର୍ଯ୍ୟ କୁ ବିରୋଧ କରି ଶୁକ୍ରବାର ବସ୍ତା ବ୍ଲକର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସିଡିପିଓ ଅଫିସରେ ତାଲା ପକାଇବା ସହିତ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ସିଡିପିଓ ତାଙ୍କ ସ୍ୱାମୀ ଙ୍କ ପ୍ରରୋଚନାରେ ବିଭିନ୍ନ ସମୟରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ହଇରାଣ କରୁଥିବା ନେଇ ଅଭିଯୋଗ ହୋଇଛି, ତେଣୁ ଏଭଳି ଦୁର୍ନୀତି ଗ୍ରସ୍ତ ଅଧିକାରୀ ଙ୍କୁ ବଦଳି ଦାବି କରି ସବିତାଦାସ, ସସ୍ମିତାପାତ୍ର ସମେତ ଶତାଧିକ ମହିଳା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଖବରପାଇ ବସ୍ତା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଶାନ୍ତ କରିଥିଲେ । ଅପରପକ୍ଷେ ସିଡିପିଓ ଦିପ୍ତୀରାଣୀ ସିଂ କୁହନ୍ତି ନିମ୍ନ ମାନର ଛତୁଆ.ଅଙ୍ଗୱାଡି ପିଲାମାଙ୍କୁ ନିମ୍ନମାନର ଡ୍ରେସ ଓକିଛି କର୍ମଚାରୀ ସାମିଲ ରହି ଛନ୍ତି ମୁଁ ଯାଣି ଚିଠି ମାଧ୍ୟମରେ ଜିଲ୍ଲାପାଳଙ୍କୁ ଅବଗତ କରିଅଛି । ଏନେଇ ଆଜି ମହିଳା ମାନେ ଅଫିସ ପ୍ରାଙ୍ଗଣରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।ତେବେ ଜିଲ୍ଲାପାଳ ଙ୍କୁ ମୁଁ ଅବଗତ କରିବାପରେ ତଦନ୍ତ ହେଲେ ସବୁ ଘଟଣା ଯଣାପଡିବ ବୋଲି ପ୍ରକାଶ କରିଛନ୍ତି । ପ୍ରକାଶଥାଉକି ଅଧିକାଂଶ ଏସଏଜିମହିଳା ମାନେ ପୂର୍ବରୁ ଆସ୍ଥା ଫେଡେରେସନ ଏକ ସଂସ୍ଥାକରି ଛତୁଆ ବଣ୍ଟନ କରୁଥିଲେ । ସେହିସଂସ୍ଥାକୁ ବସ୍ତା ପଞ୍ଚାୟତ ସମିତି ବୌଠକରେ କଳା ତାଲିକାଭୁକ୍ତ କରାଯାଇଥିଲା। ସଂସ୍ଥା ବନ୍ଦ ହୋଇଯାଇଛି। ଏବେ ନୂଆ ଫରମୂଲା କରି ଅନ୍ୟ ସଂସ୍ଥା କରି ଚଳାଉଛନ୍ତି । ମାତ୍ର ଲୋକମାନେ ସମାନ ସଂସ୍ଥା ଅଲଗା ବୋଲି ସାଧାରଣରେ ଚର୍ଚା ଯୋର ଧରିଛି।

# ଡାକ୍ତର ସୁରଥ ବିଶ୍ୱାଳଙ୍କ ସ୍ମୃତିସଭା




ଭଦ୍ରକ, ୧୨/୦୫ (ନି.ପ୍ର): ଭଦ୍ରକର ସୁନାମଧନ୍ୟ ଭେଷଜ ଚିକିତ୍ସକ ଡାକ୍ତର ସୁରଥ କୁମାର ବିଶ୍ୱାଳଙ୍କ ବିୟୋଗ ଜନିତ ସ୍ମୃତିସଭା ଭଦ୍ରକ ଗାନ୍ଧି ବିଚାରମଞ୍ଚ ପକ୍ଷରୁ ଜାନୁଗଞ୍ଜ ସ୍ଥିତ 'ଦିବ୍ୟମ୍' ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଗାନ୍ଧି ବିଚାର ମଞ୍ଚର ସଭାପତି ଶିକ୍ଷାବିତ୍ ଶାନ୍ତନୁ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରେଣ୍ୟ ଅତିଥି ଭାବେ ଡାକ୍ତର ରବୀନ୍ଦ୍ର କୁମାର ନାୟକ, ଡାକ୍ତର ଦୁର୍ଯ୍ୟୋଧନ ଦାସ, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ବରିଷ୍ଠ ନାଗରିକ ମହାସଂଘର ଜିଲ୍ଲା ସଭାପତି ଲଲାଟେନ୍ଦୁ ମହାନ୍ତି, ପ୍ରାଧାପିକା ରାଧାରାଣୀ ମହାପାତ୍ର ପ୍ରମୁଖ ଯୋଗ ଦେଇ ଡାକ୍ତର ବିଶ୍ୱାଳଙ୍କ ସ୍ମୃତି ଚାରଣ କରି ଡାକ୍ତର ବିଶ୍ୱାଳ ଜଣେ କେବଳ ଚିକିତ୍ସକ ନଥିଲେ, ସେ ଜଣେ ପରୋପକାରୀ ଦରଦୀ ଭଲ ମଣିଷ ଥିଲେ। ଯିଏ ଯେଉଁ ସମୟରେ ତାଙ୍କ ପାଖରେ ପହଞ୍ଚିଥାଏ ବିନା ଦ୍ୱିଧାରେ ସେ ତାଙ୍କର ଚିକିତ୍ସା କରିଥାନ୍ତି। ତାଙ୍କ ହସହସ ମୁହଁରେ କେବେ ବି ବିରକ୍ତିର ଭାବ ଦେଖା ଯାଇନାହିଁ। ଭଦ୍ରକରେ ଯେଉଁ କେତେଜଣ ସ୍ୱନାମଧନ୍ୟ ଡାକ୍ତର ଜିଲ୍ଲା ତଥା ଜିଲ୍ଲା ବାହାରେ ସୁନାମ ଅର୍ଜନ କରିଛନ୍ତି, ସେମାନଙ୍କ ମଧରେ ଡାକ୍ତର ବିଶ୍ୱାଳ ଥିଲେ ଅନ୍ୟତମ ବୋଲି ବକ୍ତାମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବିଚିତ୍ରାନନ୍ଦ ମହାନ୍ତି ଏବଂ ଗୌରାଙ୍ଗ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଗାନ୍ଧି ବିଚାର ମଞ୍ଚର ସମ୍ପାଦକ ସୁଧାକର ରାଉତ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିବା ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସ୍ମୃତି ସଭା ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସାହିତ୍ୟିକ ହରମୋହନ କୁଅଁର, କିରଣ ଚନ୍ଦ୍ର ଗୁଇଁ, ପ୍ରାଧାପିକା ଉତ୍ପଳା ନାୟକ, କବୟିତ୍ରୀ ଗୀତାରାଣୀ ଆଇଚ, ବୈଲୋଚନ ବେହୁରିଆ, ଶିକ୍ଷାବିତ୍ ଗୟାଧର ପଣ୍ଡା, ସମାଜସେବୀ ନାରାୟଣ ପାଢୀ, ଦିଲିପ ନାୟକ, ଶିକ୍ଷାବିତ୍ ଅନାଦି ଚରଣ ଦାଶ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, ପରମାନନ୍ଦ ସାହୁ, ଲକ୍ଷ୍ମୀକାନ୍ତ ବାରିକ, ଲକ୍ଷ୍ମଣ ମହାନ୍ତି, ଇନ୍ଦ୍ରମଣି ପଣ୍ଡା, ନାଟ୍ୟକାର ବିଜୟ ଦାସ ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସ୍ମୃତିଚାରଣ କରିଥିଲେ।

## ୬୦ନଂ ଜାତୀୟ ରାଜପଥରୁ ବ୍ରାଉନ୍‌ସୁଗର ଜବତ୍ : ୨ ଅଟକ

ଜଳେଶ୍ୱର , ୧୨/୦୫ (ନି.ପ୍ର): ଜଳେଶ୍ୱରରୁ ଅନ୍ୟସ୍ଥାନକୁ ବ୍ରାଉନ୍‌ସୁଗର ଚାଲାଣ ହେବାର ଏକ ଗୁଇନ୍ଦା ରିପୋର୍ଟ ଆଧାରରେ ଆଜି କେତେକ ଅବକାରୀ ବିଭାଗ କର୍ମଚାରୀ ୬୦ନଂ ଜାତୀୟ ରାଜପଥରେ ଜଗିଥିଲେ । ସେଟେଲାଇଟ ୟୁନିଟର କର୍ମଚାରୀ ନନ୍ଦିକା ବାଇପାସ୍‌ଠାରେ ଥିବା ବେଳେ ଖନ୍ତାପଡା ଅଂଚଳର ୩୨ ଓ ୨୫ବର୍ଷର ୨ ଯୁବକ ବ୍ରାଉନ୍‌ସୁଗର ଧରି ଗଲାବେଳେ ଅବକାରୀ କର୍ମଚାରୀ ସେମାନଙ୍କୁ କାବୁ କରିଥିଲେ । ସେମାନଙ୍କ ଠାରୁ ୨୪୦ ଗ୍ରାମ ବ୍ରାଉନ୍‌ସୁଗର ଜବତ୍ ହୋଇଥିବା ବିଭାଗ ପକ୍ଷରୁ କୁହାଯାଉଥିବା ବେଳେ ପ୍ରକୃତରେ ଏହାଠାରୁ ଅଧିକ ବୋଲି କୁହାଯାଉଛି । କେବଳ ଆଜି ନୁହେଁ ବିଭିନ୍ନ ସମୟରେ ୬୦ନଂ ଜାତୀୟ ରାଜପଥଦେଇ ବ୍ରାଉନ୍‌ସୁଗର, ଗଂଜେଇ, ମଦ ଯାତାୟାତ ହେଉଥିବା ବେଳେ ଏସବୁ ଧରାନପଡିବା ନେଇ ବିଭାଗକୁ ଅଂଗୁଳି ନିର୍ଦ୍ଦେଶ କରୁଛି ।

## ବ୍ୟାପକ ମାଟି ଚୋରା ଚାଲାଣ : ମାଟି ସହ ୨ ଟ୍ରାକ୍ଟର ଜବତ୍

ଜଳେଶ୍ୱର , ୧୨/୦୫ (ନି.ପ୍ର): ସୁବର୍ଣ୍ଣରେଖା ନଦୀ କୂଳେ କୂଳେ ବ୍ୟାପକ ମାଟି ଚୋରାରେ ପଶ୍ଚିମବଂଗ ଓ ଉପାନ୍ତ ଅଂଚଳର ଥିବା ଶହ ଶହ ଇଟାଭାଟିକୁ ଚାଲାଣ ହେଉଛି । ଦୀର୍ଘବର୍ଷ ଧରି ଏପରି କାର୍ଯ୍ୟ ଚାଲି ଆସୁଥିବା ବେଳେ କାହିଁ ଭାଁ ରାଜସ୍ୱ ବିଭାଗ ପକ୍ଷରୁ ଏସବୁ ଜବତ୍ ହୋଇଥାଏ । ଆଜି ଜଳେଶ୍ୱର ତହସିଲଦାରଙ୍କ ନିର୍ଦ୍ଦେଶରେ ରାଜେଶ କୁମାର ଦେ, ନିରଞ୍ଜନ ସିଂ, ଶରତ ବେହେରା, ସରୋଜ ଭଂଜ ପ୍ରମୁଖ ଗୋପ ଅଂଚଳରୁ ଚୋରାରେ ମାଟି ନେଉଥିବା ଅଭିଯୋଗରେ ୨ଟି ଟ୍ରାକ୍ଟରକୁ ସିଜ୍ କରିଛନ୍ତି । ଗୋଟିଏ ଟ୍ରାକ୍ଟର ନଂ ଓଡି୦୧ସି-୫୭୬୪ ହୋଇଥିବା ବେଳେ ଅନ୍ୟଏକ ଟ୍ରାକ୍ଟର ନମ୍ବର ବିହିନ ବୋଲି ଜଣାପଡିଛି । ଜଳେଶ୍ୱର ଅଂଚଳରେ ଶହ ଶହ ଟ୍ରାକ୍ଟର ନମ୍ବର ନ ଥାଇ ଚଳାଚଳ କରି ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଏପରି ବ୍ୟବସାୟୀମାନେ ପ୍ରସ୍ରାହିତ ହୋଇ ଆସୁଛନ୍ତି ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜରା ରୋଗ ଚିକିତ୍ସା ବିଭାଗ ଉଦ୍‌ଘାଟିତ




ବାରିପଦା, ୧୨/୦୫ (ନି.ପ୍ର): ଆଜି ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୧୦ ଶଯ୍ୟା ବିଶିଷ୍ଟ ଏକ ଜରା ରୋଗ ଚିକିତ୍ସା ବିଭାଗକୁ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଶୁଭ ଉଦଘାଟନ କରି ଜିଲ୍ଲାରେ ବାର୍ଦ୍ଧକ୍ୟ ଜନିତ ରୋଗରେ ଦୀର୍ଘ ଦିନ ଧରି ପୀଡିତ ଥିବା ୬୦ ବର୍ଷରୁ ଉର୍ଦ୍ଧ ବୃଦ୍ଧ ବୃଦ୍ଧା ମାନେ ମୁଖ୍ୟ ଚିକିତ୍ସାଳୟରେ ପ୍ରଥମ ସୋପାନ ଚିକିତ୍ସିତ ହେବା ପରେ ସମ୍ପୂର୍ଣ୍ଣ ଆରୋଗ୍ୟ ପାଇଁ ଆବଶ୍ୟକ ପଡୁଥିବା ଅନ୍ୟାନ୍ୟ କେତେକ ସ୍ୱତନ୍ତ୍ର ଆନୁସଙ୍ଗିକ ଚିକିତ୍ସା ଯଥା ଫିଜିଓଥେରାପି, ମଧୁମେହ ରୋଗ ଉପଚାର, ସ୍ନାୟୁ ଜନିତ ସ୍ୱାସ୍ଥ୍ୟ ସମସ୍ୟା, ଅସ୍ଥି, ଚକ୍ଷୁ ଇତ୍ୟାଦି ଅସ୍ତ୍ରପଚାରର ପରବର୍ତ୍ତୀ ଚିକିତ୍ସା ଇତ୍ୟାଦି ପାଇଁ ଏହି ବିଭାଗରେ ରହି ଚିକିତ୍ସିତ ହୋଇପାରିବେ ଏବଂ ଏହା ଏକ ଷ୍ଟେପ ଡାଉନ ଆରୋଗ୍ୟ କେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି କହିଥିଲେ। ଆଜିର ଏହି ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ଅଧିକ୍ଷକ ଡା. ପ୍ରତିଭା ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରୁପଭାନୁ ମିଶ୍ର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ସୁନନ୍ଦା ମିଶ୍ର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ବନମାଳୀ ପ୍ରଧାନ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଶାନ୍ତନୁ କୁମାର ଦାଶ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଘାସିରାମ ମୁର୍ମୁ, ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ା. ଜ୍ଞାନେନ୍ଦ୍ର କୁମାର ମହାନ୍ତି ଓ ଡି ପି ଏମ ପି.ପି. ପତି ପ୍ରମୁଖ ଉପସ୍ଥିତ ଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo